

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୮ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 28 JULY 2021
Vol.No. 32 ■ No. 192 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ସ୍ଥାନାନ୍ତର ହେବନାହିଁ ଭୁବନେଶ୍ୱରର ଅନ୍ୟତମ ଐତିହ୍ୟ

## ମାଷ୍ଟରକ୍ୟାଂଟିନ୍ ଛକରୁ ହଟିବନି ଘୋଡ଼ା



ଭୁବନେଶ୍ୱର,୨୭/୦୭(ନି.ପ୍ର): ବହୁ ବାଦବିବାଦ ଓ ବିଭିନ୍ନ ସଙ୍ଗଠନର ଦୃଢ ପ୍ରତିବାଦ ପରେ ବଦଳିଲା ନିଷ୍ପତି । ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ଛକରୁ ହଟିବନି ଘୋଡା । ସରକାରୀ ସ୍ତରରେ ଏ ନେଇ ଆଲୋଚନା କରାଯାଇଛି । ସ୍ମାର୍ଟ ସିଟି ପ୍ରକଳ୍ପ କାରଣରୁ ଘୋଡା ହଟାଇବା ଆବଶ୍ୟକ ପଡୁଛି ଜାଣିବା ପରେ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ । ଏହା ପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଘୋଡା ନହଟାଇବା ପାଇଁ ନିଷ୍ପତି ହୋଇଛି । ସ୍ମାର୍ଟ ଜନପଥର ବିକାଶ ପାଇଁ ମାଷ୍ଟରକ୍ୟାଂଟିନ ଘୋଡା ରାଜଭବନ ସାମ୍ନାକୁ ଉଠାଇନେବାକୁ ଗତମାସରେ ନିଷ୍ପତି ହେବା ପରେ ଏହା ବିରୋଧରେ ଚାରିଆଡୁ ବିରୋଧ ହୋଇଥିଲା । କୁହାଯାଇଥିଲା ମାସକ ଭିତରେ ଏହାକୁ ସ୍ଥାନାନ୍ତର କରାଯିବ । ଏବେ ପ୍ରଶ୍ନ ଉଠୁଛି, ଯଦି ଘୋଡାକୁ ନ ଘୁଂଚାଇ ପ୍ରକଳ୍ପ ସମ୍ଭବ ଥିଲା , ତା ହେଲେ ଏହି ନିଷ୍ପତି ପୂର୍ବରୁ କାହିଁକି ନିଆଗଲାନାହିଁ । କାହିଁକି ବିବାଦକୁ ଆଗକୁ ବଢାଗଲା । ନିଷ୍ପତି ବଦଳିବା ପରେ ବର୍ତମାନ ଘୋଡ଼ା ଥିବା ସ୍ଥାନକୁ ଆକର୍ଷଣୀୟ ଡିଜାଇନ୍ କରାଯିବ, ଯେପରି ଏହା ଓଡ଼ିଶାର ଏକ ସ୍ମାରକୀ ଭଳି ପ୍ରତିଫଳିତ ହେବ । ଏହାର ରି-ଆଲାଇନମେଂଟ ହେବ । ଏପରିକି ଡିଜାଇନରେ କୌଣସି ପରିବର୍ତନ ହେବ ନାହିଁ । ଓଡ଼ିଶାର ଅସ୍ମିତା ସହ ଏହି ଘୋଡା ଯୋଡି ହୋଇଯାଇଥିବାରୁ ସ୍ମାର୍ଟ ସିଟିର ଅନ୍ୟତମ ଆକର୍ଷଣୀୟ ପ୍ରକଳ୍ପ ତାଲିକାରେ ରହିବ ଏହି କଳିଙ୍ଗ ଘୋଡା । ରାଜ୍ୟ ସରକାରଙ୍କ ସରକାରୀ ସନ୍ତକ ଭାବେ ବ୍ୟବହୃତ ଏହି ଘୋଡା କୋଣାର୍କ ସୂର୍ଯ୍ୟ ମନ୍ଦିରର ଘୋଡା ଢାଂଚାରେ ନିର୍ମାଣ ହୋଇଥିଲା । ଏହି ଘୋଡା ୧୯୮୮ ମସିହାରେ ମାଷ୍ଟରକ୍ୟାଂଟିନରେ ସ୍ଥାପନ କରାଯାଇଥିଲା

### କେନ୍ଦ୍ରୀୟ ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଲେ ଅପରାଜିତା



ଭୁବନେଶ୍ୱର,୨୭/୦୭ (ନି.ପ୍ର): ଭୁବନେଶ୍ୱରର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ମଙ୍ଗଳବାର ଦିନ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ରୀୟ ଗୃହ ମନ୍ତ୍ରୀ ଅମିତ ଶାହଙ୍କ ସହ ସାକ୍ଷାତ କଲି । ଭୁବନେଶ୍ୱର ଲୋକସଭା କ୍ଷେତ୍ରର ତଥା ଏଠାକାର ନାଗରିକ ମାନଙ୍କ ପାଇଁ କରା ଯାଇଥିବା କାମର ବିବରଣୀ ପ୍ରଦାନ କରିବା ସହ ତାଙ୍କୁ ବାର୍ଷିକ ରିପୋର୍ଟ ପ୍ରଦାନ କରିବା ସହ ତାଙ୍କର ମାର୍ଗଦର୍ଶନ ପ୍ରାପ୍ତ କଲି ।

## ରାଉରକେଲାରେ ବଡ଼ଧରଣର ପିଲା ବିକ୍ରି ର୍ୟାକେଟର ପର୍ଦ୍ଦାଫାସ

### ଝିଅର ଦାମ ୩୦ ହଜାର, ପୁଅର ଦାମ ୪ ଲକ୍ଷ



ଭୁବନେଶ୍ୱର,୨୭/୦୭(ନି.ପ୍ର): ପିଲା ବିକ୍ରି ପାଇଁ ଫୋନ ମାଧ୍ୟମରେ ଚାଲିଛି ମୂଲଚାଲ । କୌଣସି ବାହାଘର ପାଇଁ ଯେମିତି ପୁଅ, ଝିଅର ଫଟୋ ପଠାଇ ପସନ୍ଦ କରିବାକୁ ମଧ୍ୟସ୍ଥି କହିଥାଏ, ଠିକ୍ ସେହିପରି ଜଣେ ଦଲାଲ ଛୋଟ ପିଲାର ଫଟୋ ପଠାଇ ଜଣେ ସାମାଜିକ କର୍ମୀଙ୍କ ସହ ମୂଲଚାଲ କରିଥିଲା । ଆଉ ପସନ୍ଦ ହେବା ପରେ ପିଲାର ଦାମ କହିଥିଲା । ଯେମିତି କୌଣସି ଦ୍ରବ୍ୟର ଭଳି ଦାମ ଭଳି ରେଟ୍ ଛିଡାଉଥିଲା ଏହି ଦଲାଲ । ପୁଅର ଦାମ ୩ରୁ ୪ଲକ୍ଷ ହୋଇଥିବାବେଳେ ଝିଅର ଦାମ ଥିଲା ୫୦ ହଜାର ପର୍ଯ୍ୟନ୍ତ । ଏହା ସାମନାକୁ ଆସିବା ପରେ ରାଉରକେଲାରେ ଚାଲିଥିବା ପିଲା ବିକ୍ରି ରାକେଟର ପର୍ଦ୍ଦାଫାସ କରିଛି ପୋଲିସ । ଶିଶୁ ବିକ୍ରି ର୍ୟାକେଟର କିଙ୍ଗପିନ୍ ସଂଗୀତା ଅଗ୍ରୱାଲଙ୍କ ସ୍ୱାମୀ ଜିତେନ୍ଦ୍ର ଅଗ୍ରୱାଲ ଓ ସହଯୋଗୀଙ୍କୁ ଗିରଫ କରିଛି ପୋଲିସ । ସୋମବାର ୭ଜଣ ଗିରଫ ହୋଇଥିବାବେଳେ ମଙ୍ଗଳବାର ଆଉ ଦୁଇ ଜଣଙ୍କୁ ଗିରଫ କରିଛି ପୋଲିସ । ଏଥିସହ ବିକ୍ରି ହେବାକୁ ଥିବା ୨ଶିଶୁଙ୍କୁ ମଧ ଉଦ୍ଧାର କରାଯାଇଛି । ସାଂଘାତିକ କଥାଟି ହେଉଛି ଏହି ରାକେଟରେ ସଂପୃକ୍ତ ଅପରାଧୀ, ପ୍ରଥମେ ନିରୀହ ଗରିବଙ୍କୁ ଯୋଗାଯୋଗ କରୁଥିଲେ । ପିଲା ବିକ୍ରି କରିବାକୁ ଟଙ୍କାର ଲୋଭ ଦେଖାଉଥିଲେ । ଦୁର୍ଦ୍ଦୀନରେ ଥିବା ଲୋକ ପଇସା ଲୋଭରେ ପିଲା ବିକ୍ରି କରିବାକୁ ରାଜି ହୋଇଯାଉଥିଲେ, ଆଉ ନିଜ ଜନ୍ମକଲା ଛୁଆକୁ ବିକ୍ରି କରୁଥିଲେ । ତେବେ ସହରରୁ କେତେ ଶିଶୁ ଓ ନବଜାତକଙ୍କୁ ଏମାନେ ରାଜ୍ୟ ବାହାରେ ବିକ୍ରି କରିଛନ୍ତି ସେନେଇ ଅଧିକ ଖୋଳତାଡ ଜାରି ରଖିଛି ପୋଲିସ ।

### ନିର୍ବାଚନ ଆୟୋଗଙ୍କୁ ଭେଟିଲା ବିଜେପି ପ୍ରତିନିଧୀ ଦଳ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ରାଜ୍ୟରେ ଗତ ୨୦୧୮ ସେପ୍ଟେମ୍ବର ମାସରୁ ପ୍ରାୟ ୩ ବର୍ଷ ପରେ ମଧ ପୌର ନିର୍ବାଚନ ହୋଇପାରି ନାହିଁ । ପରାଜୟ ଆଶଙ୍କାରେ ସରକାର ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ହାତବାରେସୀ କରି ଜନ ସାଧାରଣଙ୍କୁ ଅର୍ପିତ କ୍ଷମତାର ଦୁରୁପଯୋଗ କରିବା ସହ ରାଜ୍ୟରେ ଅମଲାତାନ୍ତ୍ରିକ ଶାସନ ବ୍ୟବସ୍ଥା ଜାରି ରଖିଛନ୍ତି । ରାଜ୍ୟ ନିର୍ବାଚନ ଆୟୋଗ ଏକ ସମୟରେ ପୌର ଓ ପଂଚାୟତ ନିର୍ବାଚନ କରିବା ନେଇ ବିଜେପିର ଏକ ପ୍ରତିନିଧୀ ଦଳ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟି ଦାବି ଜଣାଇଛନ୍ତି । ଦୀର୍ଘ ୩ ବର୍ଷ ଧରି ▶▶ପୃଷ୍ଠା ୭

## ମୋଦିଙ୍କୁ ଭେଟିଲେ ମମତା ବାନାର୍ଜୀ



ନୂଆଦିଲ୍ଲୀ,୨୭/୦୭: ପେଗାସସ୍ ରିପୋର୍ଟ ନେଇ ଜାରି ରହିଥିବା ଝଡ଼ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଆଜି ଅପରାହ୍ନ ୪ଟା ପରେ ମମତା ପ୍ରଧାନମନ୍ତ୍ରୀଙ୍କ ୭ ଲୋକ କଲ୍ୟାଣ ମାର୍ଗ ସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବେଙ୍ଗଲ ନିର୍ବାଚନରେ ବିପୁଳ ଜନସମର୍ଥନ ସହ ବାଜିମାତ କରିବା ପରେ ଏହା ମମତା ଓ ମୋଦିଙ୍କ ମଧ୍ୟରେ ପ୍ରଥମ ବ୍ୟକ୍ତିଗତ ଭେଟଘାଟ। ୫ ଦିନିଆ ଦିଲ୍ଲୀ ଗସ୍ତରେ ଆସିଥିବା ମମତା ଚଳିତ ମାସ ଆରମ୍ଭରୁ ମୋଦିଙ୍କୁ ଭେଟିବା ପାଇଁ ସମୟ ମାଗିଥିଲେ। ହେଲେ ଏବେ ମୋଦିଙ୍କ କାର୍ଯ୍ୟାଳୟ ତାଙ୍କୁ ଭେଟିବାର ସମୟ ଦେଇଥିଲା। ଏହାପୂର୍ବରୁ ମେ ମାସରେ ବାତ୍ୟା ୟାସ ସମୟରେ ଦୁଇ ନେତା କିଛି ସମୟ ପାଇଁ କଥା ହୋଇଥିଲେ। ହେଲେ ମମତା କେବଳ ମୋଦିଙ୍କୁ କ୍ଷୟକ୍ଷତିର ରିପୋର୍ଟ ଧରାଇ ଦେଇ ଚାଲି ଯାଇଥିଲେ। ହେଲେ ଆଜି ଦିଦି ଓ ମମତା ଦୀର୍ଘ ସମୟ ଧରି ଆଲୋଚନା କରିଛନ୍ତି। ଏହି ସମୟରେ ମମତା ପଶ୍ଚିମବଙ୍ଗ ପାଇଁ କରୋନା ଟିକା, ରାଜ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ, କେନ୍ଦ୍ର ବାକି ରଖିଥିବା ରାଜ୍ୟର ଅର୍ଥ ତୁରନ୍ତ ପ୍ରଦାନ କରିବା ପାଇଁ ସେ ମୋଦିଙ୍କୁ କହିଛନ୍ତି। ସେ ପେଗାସସ୍ ରିପୋର୍ଟର ତଦନ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରା କରାଇବାକୁ କହିଛନ୍ତି। ଏଥିସହ ମୋଦି ▶▶ପୃଷ୍ଠା ୭

## ବୋମାଇ ହେବେ କର୍ଣ୍ଣାଟକର ନୂଆ ମୁଖ୍ୟମନ୍ତ୍ରୀ



ବେଙ୍ଗାଲୁରୁ,୨୭/୦୭ (ନି.ପ୍ର): ଯାହା ଆଶା କରାଯାଉଥିଲା ସେଇଆ ହେଲା। ପୁଣି ଜଣେ ଲିଙ୍ଗାୟତ ସଂପ୍ରଦାୟର ବିଧାୟକଙ୍କୁ ବିଜେପି କର୍ଣ୍ଣାଟକାର ମୁଖ୍ୟମନ୍ତ୍ରୀ କରିଛି। ବିଜେପି ବିଧାୟକ ଦଳ ବୈଠକରେ ବରିଷ୍ଠ ନେତା ବାସବରାଜ ବୋମାଇ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯାଇଛି। ଆସନ୍ତାକାଲି ଅପରାହ୍ନ ୩.୨୦ରେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ବୋମାଇ ପଦ ଓ ଗୋପନୀୟତାର ଶପଥ ନେବେ। ବିଧାୟକ ଦଳ ବୈଠକରେ କେନ୍ଦ୍ର ପର୍ଯ୍ୟବେକ୍ଷକ ଧର୍ମେନ୍ଦ୍ର ପ୍ରଧାନ, ଅରୁଣ ସିଂହ ଓ ଜି କିଶନ ରେଡ୍ଡୀ ଉପସ୍ଥିତ ରହିଥିଲେ। ଧର୍ମେନ୍ଦ୍ର ପ୍ରଧାନ ହିଁ ବାସବରାଜ କର୍ଣ୍ଣାଟକାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ସର୍ବସମ୍ମୁଖରେ ଘୋଷଣା କରିଛନ୍ତି। ୨୬ ତାରିଖରେ ବିଏସ୍ ୟେଦ୍ଯୁରପ୍ପା କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ଆଜି ନୂଆ ମୁଖ୍ୟମନ୍ତ୍ରୀ କିଏ ହେବେ, ସେଥିପାଇଁ ବିଜେପି ବିଧାୟକ ଦଳ ବୈଠକ ବସିଥିଲା। ବୈଠକରେ ୟେଦ୍ଯୁରପ୍ପା ପ୍ରଥମେ ବୋମାଇଙ୍କ ନାଁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରସ୍ତାବ ରଖିଥିଲେ। ଏହାପରେ ସର୍ବସମ୍ମତିକ୍ରମେ ବୋମାଇଙ୍କ ନାଁ ଉପରେ ମୋହର ବାଜିଥିଲା। ବୋମାଇ ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିବାରୁ ସେ ସରକାର ▶▶ପୃଷ୍ଠା ୭

## ଆସନ୍ତା ମାସରେ ୧୨-୧୮ ବର୍ଷ ପିଲାଙ୍କୁ କୋଭିଡ ଟିକାକରଣ



ଭୁବନେଶ୍ୱର,୨୭/୦୭(ନି.ପ୍ର): ଭାରତରେ ଆସନ୍ତା ମାସରେ ହେବ ଶିଶୁଙ୍କ କୋଭିଡ ଟିକାକରଣ । ବିଜେପିର ସଂସଦୀୟ ବୈଠକରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ । ୧୨ ରୁ ୧୮ ବର୍ଷ ପିଲାଙ୍କୁ ଏହି ଟିକାକରଣ ହେବ । ଆଗକୁ ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ଖୋଲିବାକୁ ସରକାର ଯୋଜନା କରୁଥିବାବେଳେ ଇଣ୍ଡୋନେସିଆରେ କରୋନାରେ ଶିଶୁଙ୍କ ବର୍ଦ୍ଧିତ ମୃତ୍ୟୁ ସଂଖ୍ୟା ସରକାରଙ୍କ ଚିନ୍ତା ବଢାଇଦେଇଛି । ତେବେ କରୋନାର ତୃତୀୟ ଲହରକୁ ରୋକିବାକୁ ହେଲେ ପିଲାଙ୍କ ଟିକାକରଣ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ ବୋଲି ଏମ୍ସ ମୁଖ୍ୟ ଡଃ ରଣଦୀପ ଗୁଲେରିଆ କହିଛନ୍ତି । ଭାରତ ବାୟୋଟେକ୍ସର କୋଭାକ୍ସିନ୍ ବର୍ତ୍ତମାନ ପରୀକ୍ଷଣ ପ୍ରକ୍ରିୟାରେ ରହିଛି । ଏହା ସଫଳ ହେଲେ ଯଥାଶିଘ୍ର ▶▶ପୃଷ୍ଠା ୭

## ବଙ୍ଗୋପସାଗରରେ ଲଘୁଚାପ, ୫ ଦିନ ଯାଏଁ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ଉତର ବଙ୍ଗୋପସାଗର ଓ ତତ୍ ସଂଲଗ୍ନ ଅଂଚଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଂଟା ମଧ୍ୟରେ ଏହା ୱେଲ ମାର୍କଡ୍ ଲୋ ପ୍ରେସରରେ ପରିଣତ ହେବ। ଏହାର ପ୍ରଭାବରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପ୍ରବଳ ବର୍ଷା ହେତୁ ତଳିଆ ଅଂଚଳରେ ପାଣି ପଶିଯିବା ସହ ଟ୍ରାଫିକ୍ ବ୍ୟବସ୍ଥା ବ୍ୟାଘାତ ହୋଇପାରେ। ଏଥିସହ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନା ମୁତାବକ ମଙ୍ଗଳବାର ବରଗଡ, ଝାରସୁଗୁଡା , ସୁନ୍ଦରଗଡ଼, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କଟକ ଆଦି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ବେଳେ ୨୮ ତାରିଖ ଦିନ ▶▶ପୃଷ୍ଠା ୭

## ଅଶ୍ଳୀଳ ଫିଲ୍ମ ମାମଲା : କୋର୍ଟରୁ ଜେଲ୍ ଗଲେ ରାଜ କୁନ୍ଦ୍ରା

### ୧୪ ଦିନ ବିଚାର ବିଭାଗୀୟ ହେପାଜତ୍



ନୂଆଦିଲ୍ଲୀ,୨୭/୦୭: ବ୍ୟବସାୟୀ ରାଜ୍ କୁନ୍ଦ୍ରାଙ୍କୁ ମିଳିଲାନି ଆଶ୍ୱସ୍ତି । ପର୍ଣ୍ଣୋଗ୍ରାଫି ମାମଲାରେ ମୁମ୍ବାଇ କିଲ୍ଲା କୋର୍ଟ ଆଜି ତାଙ୍କୁ ୧୪ ଦିନ ବିଭାଗୀୟ ହେପାଜତ୍ ସହ ଜେଲ ପଠାଇଛନ୍ତି । ଏହାସହ ମୁମ୍ବାଇ ପୋଲିସ୍ ରାଜଙ୍କୁ ଅଧିକ ୭ ଦିନ ରିମାଣ୍ଡରେ ନେବାକୁ କୋର୍ଟରେ ଅପିଲ କରିଛନ୍ତି । । ଅନ୍ୟପେଟ ପଚରାଉଚୁରା ସରିଯାଇଥିବାରୁ ଜାମିନ ପାଇଁ ତାଙ୍କ ଓକିଲ କୋର୍ଟରେ ଆବେଦନ କରିଛନ୍ତି । ସୂଚନା ମୁତାବକ ଦେଢ ବର୍ଷ ଭିତରେ ଦେଢ ଶହରୁ ଅଧିକ ଅଶ୍ଳୀଳ ଫିଲ୍ମ କରି ୭ ଶହରୁ ଅଧିକ କୋଟି ଟଙ୍କା କମାଇଥିଲେ । ଏ ବିଷୟରେ ସୁରାକ ପାଇଁ ମୁମ୍ବାଇ ପୋଲିସ ଓ କ୍ରାଇମବ୍ରାଂଚଞ୍ଚ ମିଳିତ ଭାବେ ତାଙ୍କର ବିଭିନ୍ନ ଷ୍ଟୁଡିଓ ଓ କାର୍ଯ୍ୟାୟଳରେ ଚଢଉ କରିଥିଲେ । ଏଥିରେ ଏକାଧିକ ବେଆଇନ୍ କାଗଜପତ୍ର ଜବତ ହୋଇଥିଲା । ପଚରାଉଚୁରା କରିବାକୁ ମୁମ୍ବାଇ ପୋଲିସ୍ ତାଙ୍କୁ ଜୁଲାଇ ୨୭ ପର୍ଯ୍ୟନ୍ତ ରିମାଣ୍ଡରେ ନେଇଥିଲା ।

## ଆସାମ ମିଜୋରାମ ମୁହାଁମୁହିଁ : ୬ ଆସାମ ପୋଲିସ୍ କର୍ମୀ ନିହତ, ୮୦ ରୁ ଊର୍ଦ୍ଧ୍ୱ ଆହତ

### ଆପୋଷ ସମାଧାନ କରିବାକୁ ଗୃହମନ୍ତ୍ରୀଙ୍କ ପ୍ରସ୍ତାବ

ନୂଆଦିଲ୍ଲୀ,୨୭/୦୭: ପୁଣି ଉଗ୍ର ରୂପ ଧାରଣ କରିଛି ଆସାମ ମିଜୋରାମ ହିଂସା । ଫଳରେ ଆସାମର ୬ ପୋଲିସ ପ୍ରାଣ ହରାଇଥିବାବେଳେ ୮୦ ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ଆସାମ ପୋଲିସର କିଛି ଅଧିକାରୀ ଅଛନ୍ତି । ମିଜୋରାମ ପୋଲିସ ପକ୍ଷରୁ ଗୁଳିମାଡରେ ଏକ କାର ଯୋଗେ ଆସୁଥିବା ଦମ୍ପତି ମଧ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଯଦି ସୀମାକୁ ନେଇ ଲୋକଙ୍କ ଜୀବନ ଯାଉଛି ତେବେ ସେପରି ବିବାଦର ଯାଥାର୍ଥତା କ'ଣ ବୋଲି ବିଭିନ୍ନ ଗଣମାଧ୍ୟମରେ ମତ ପ୍ରକାଶ ପାଇଛି । ଆମାସର କଚ୍ଛାର ଜିଲ୍ଲା ଓ ମିଜୋରାମର କୋଲାସିବ ଜିଲ୍ଲା ମଧ୍ୟରେ ଥିବା ସୀମାକୁ ନେଇ ଉଭୟ ପକ୍ଷରୁ ହୋଇଛି ଗୁଳିମାଡ । ଏହା ସହ ଉଭୟ ପକ୍ଷ ଲୋକେ ଟେକାପଥର ମାଡ କରିଥିଲେ । ଫଳରେ ଅନେକ ଧନଜୀବନ ହାନୀ ହୋଇଛି । ଏ ନେଇ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା। ଗୃହମନ୍ତ୍ରୀ ଅମୀତ ଶାହାଙ୍କୁ ଜଣାଇଥିଲେ । ଏ ବିବାଦ ଆଗକୁ ନବଢାଇ ବରଂ ଶାନ୍ତିପୂର୍ଣ୍ଣ ସମାଧାନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ମିଜୋରାମ କୋଲାସିବ୍ର ଏସପି ସୁରକ୍ଷା କର୍ମୀଙ୍କୁ ପ୍ରତ୍ୟାହର କରିନେବାକୁ ବାରମ୍ବାର କହୁଥିଲେ ମଧ ନିଜେ ଏଥିରୁ ଓହରୁନଥିବା କହିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ । ଏପରି ସ୍ଥିତିରେ ସରକାର କିପରି ଚାଲିବ ବୋଲି ପ୍ରଶ୍ନ କରିଛନ୍ତି ବିଶ୍ୱଶର୍ମା । ଖୁବ ଶିଘ୍ର ଐଜୱାଲ ଯାଇ ସେଠାରେ ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲ ଥାନୱାଲା ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରିବେ ବୋଲି କହିଛନ୍ତି । ଏହା ପୂର୍ବରୁ ଦୁଇ ମୁଖ୍ୟମନ୍ତ୍ରୀ ଟ୍ୱିଟ କରି ପରସ୍ପରକୁ ଦୋଷାରୋପ କରିଥିଲେ । ସୂଚନା ମୁତାବକ, ମିଜୋରାମର ଐଜୱାଲ, କୋଲାସିବ, ମାମିତ୍ ତିନି ଜିଲ୍ଲା ଓ ଆସାମର କାଛାର, ହୈଲାକାନ୍ଦି, ଓ କରିମ୍ଗଂଜ ଜିଲ୍ଲା ମଧ୍ୟରେ ୧୬୪. ୬ କିଲୋମିଟରର ସୀମା ଅଂଚଳ ରହିଛି । ଏହା ନିଷିଦ୍ଧାଂଚଳ ହୋଇଥିଲେ ବି ▶▶ପୃଷ୍ଠା ୭

# ରୋଟାରୀ କ୍ଲବ ମିଡଟାଉନ ପକ୍ଷରୁ କାରଗିଲ ବିଜୟ ଦିବସ

ଭଦ୍ରକ,୨୭/୭ (ନି.ପ୍ର): ରୋଟାରୀ ମିଡ୍‌ଟାଉନ ଭଦ୍ରକ ପକ୍ଷରୁ ଆଜି କାରଗିଲ ବିଜୟ ଦିବସ କୋଭିଡ୍ କଟକଣା ମଧ୍ୟରେ ଭର୍ଚୁଆଲ ମୋଡ୍‌ରେ ପାଳନ କରାଯାଇଥିଲା। କ୍ଲବର ସଭାପତି ରୋଟାରିଆନ ପବିତ୍ର ମୋହନ ଖିଲାର ପୌରୋହିତ୍ୟ ରୋଟାରିଆନ ଶିଶିର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାକୁ ରୋଟାରିଆନ ରାହୁଲ ଖେରିଆ ପରିଚାଳନା କରିଥିଲେ। ପ୍ରତିବର୍ଷ କାରଗିଲ ବିଜୟ ଦିବସ କ୍ଲବ ପକ୍ଷରୁ ପାଳନ କରାଯାଇ ଶହିଦମାନଙ୍କ ସ୍ମୃତିଚାରଣ କରାଯାଇଥାଏ। ତେବେ ଚଳିତବର୍ଷ କରୋନା ଜନିତ କଟକଣା ବଳବତ୍ତର ଥିବାରୁ ଏହାକୁ ଭର୍ଚୁଆଲ ମୋଡରେ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ରୋଟାରିଆନ କୁନା ତ୍ରିପାଠୀ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଶ୍ରୀୟାନ୍ ନାୟକ, ଲିପ୍‌ସା ମିଶ୍ର, ବ୍ୟଙ୍ଗ ଅଭିନେତା ପ୍ରଜ୍ଞାନ ଖଟୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ସଂଗୀତ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବକ୍ତୃତା ପ୍ରତିଯୋଗିତାରେ ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରୀ ଆର୍.ଏସ୍. ଅମୃତା ପ୍ରଥମ, ସନ୍‌ସାଇନ ମିଶନ ସ୍କୁଲର ଅନ୍ୱେଷା ଦାଶ ଦ୍ୱିତୀୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ତପସ୍ୱିନୀ ସାମଲ ତୃତୀୟ ହୋଇଥିବା ବେଳେ ସଂଗୀତ ପ୍ରତିଯୋଗିତାରେ ଏସ୍‌ବିଡି ସ୍କୁଲର ପ୍ରୀତି ପ୍ରକାଶ ନାୟକ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟର ବନ୍ଦନା ପ୍ରଧାନ ଦ୍ୱିତୀୟ, କାର୍‌ମେଲ ସ୍କୁଲର ପ୍ରବୀଣ କୁମାର ବଳ ତୃତୀୟ ବିବେଚିତ ହୋଇଥିଲେ। ଡ. ପ୍ରଭାତ ନଳିନୀ ମହାପାତ୍ର, ଅଜୟ କୁମାର ପାଢୀ, ସଂଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକ ଓ ସୁରେନ୍ଦ୍ର ଗାହାଣ ବିଚାରକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁ କଳାକାର ପଲିନ ଜେନା ଗିଟାର ବାଦନ କରି ଶହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁମିତା ସ୍ୱାଇଁ କୃତି ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ରୋ.



ବେଦପ୍ରକାଶ ଗୁପ୍ତା, ରୋ. ସନାତନ ଜେନା, ରୋ. ରତନଲାଲ ଗୁପ୍ତା, ରୋ. ଇନ୍ଦ୍ରଜିତ ସିଂ, ରୋ. ଅଜୟ ଅଗ୍ରୱାଲ, ରୋ. ରୀତୁ ଅଗ୍ରୱାଲ, ରୋ. ଅତିସ କୁମାର ବେହେରା, ରୋ. ପ୍ରୀତିରଂଜନ ଜେନା, ରୋ. ପ୍ରମୋଦ କୁମାର ଲାଖାନୀ, ସମ୍ପାଦକ ରୋ. ଅମିତ କୁମାର ମଲ୍ଲିକ, ରୋ. ବିକ୍ରମ ଖେମ୍‌କା, ରୋ. ମନୋଜ ପାଢୀ, ରୋ. ଅଶୋକ ଲାଖାନୀ, ରୋ. ଅଶୋକ ଶତପଥୀ, ରୋ. ଗୌରବ ଅଗ୍ରୱାଲ, ରୋ. ପ୍ରୀତି ଅଗ୍ରୱାଲ, ରୋ. ଅଞ୍ଜୁ ଗୁପ୍ତା, ରୋ. ଚୈତାଳୀ ଖିଲାର, ରୋ. ଶଶି ଲାଖାନୀ, ରୋ. ସିଲୁ ଲାଖାନୀ, ରୋ. ସନ୍ଧ୍ୟା ଗୁପ୍ତା, ରୋ. ସଂଜିବ ମଲ୍ଲିକ, ରୋ. ପ୍ରୀୟଦର୍ଶିନୀ ମଲ୍ଲିକ, ରୋ. ସମିତା ମିଶ୍ର, ରୋ. ପୁଷ୍ପିତା ଜେନା, ରୋ. ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ରୋ. ସଂଗୀତା ମଲ୍ଲିକ, ରୋ. ନିମେଶ ପାରେଖ ପ୍ରମୁଖ ଭାଗ ନେଇଥିଲେ। କାରଗିଲ ବିଜୟ ହେଉଛି ଏକ ଐତିହାସିକ ବିଜୟ। ଯାହା ସମଗ୍ର ଭାରତ ଇତିହାସରେ ଏକ ସ୍ୱତନ୍ତ୍ର ମାଇଲ ଖୁଣ୍ଟ ହୋଇ ରହିବ। ଏହି ଯୁଦ୍ଧରେ ଯେଉଁ ବୀର ପୁରୁଷମାନେ ଦେଶ ମାତୃକା ପାଇଁ ଜୀବନ ଦେଇଛନ୍ତି ସେମାନଙ୍କ ପାଇଁ ଯେତେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମଧ କମ୍ ପଡ଼ିବ। ବିଶେଷ କରି ସେହି ବୀରମାନଙ୍କ ମାତାପିତା ହେଉଛନ୍ତି ଧନ୍ୟ, ଯିଏ ବୀରଙ୍କୁ ଜନ୍ମଦାନ ଦେଇଛନ୍ତି। ସେମାନଙ୍କୁ ଏବଂ ତାଙ୍କର ବୀରପୁତ୍ରମାନଙ୍କୁ ଏହି ଅବସରରେ କୋଟି ପ୍ରଣାମ ବୋଲି ମତପ୍ରକାଶ ପାଇଥିଲା। ଆଜିର ଦିନରେ ସେମାନଙ୍କ ସମଗ୍ର ଭାରତବାସୀ ପୂଜା କରିବା ଏକ ପରମ୍ପରା ହୋଇ ସାରିଛି। ଆଗାମୀ ପିଢି ଏହି ଦିନକୁ ମଧ ପାଳନ କରିଚାଲିବ ବୋଲି ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ।

# କାଲିମେଲା ସଚ୍ଚିଦାନନ୍ଦ ବ୍ରାହ୍ମଣ ସାମାଜ ପକ୍ଷରୁ ମାସିକ ବୈଠକ ଓ ବିଦାୟୀ ସମ୍ବର୍ଦ୍ଧନା

ମାଲକାନଗିରି,୨୭/୭ (ନି.ପ୍ର): ମାଲକାନଗିରି ବ୍ରାହ୍ମଣ ସମାଜର ପକ୍ଷରୁ କାଲିମେଲା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ! ସଭାପତି ରତ୍ନା କର ପାଣିଗ୍ରାହୀ,ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପସଭାପତି ସୁରେଶ ଚନ୍ଦ୍ର ଦାସ, ସମ୍ପାଦକ ଦିଲ୍ଲୀପ କୁମାର ଦାଶ, ସହ ସମ୍ପାଦକ ବିଶିକେଷନ ଦାସ, କୋଷାଧକ୍ଷ ପ୍ରମୋଦ କୁମାର ପାଣିଗ୍ରାହୀ, ସଦସ୍ୟ ଅକ୍ଷୟ କୁମାର ପଣ୍ଡା, ବିନୋଦ କୁମାର ସାହୁ, ପ୍ରିୟ ରଞ୍ଜନ ପଣ୍ଡା, ପ୍ରଶାନ୍ତ କୁମାର ଦ୍ୱିବେଦୀ, ଗଗନ ଭୂଷଣ ନନ୍ଦ, ହରସ କୁମାର ଧର, ବିଜୟ କୁମାର ପଣ୍ଡା, ରମେଶ ଚନ୍ଦ୍ର ମହାପାତ୍ର, ଅନନ୍ତ ପଣ୍ଡା, ପିତାମ୍ବର ପାଣି, ଚୈତନ୍ୟ ଚୌଧୁରୀ, ସୁରେଶ ଚନ୍ଦ୍ର ଦାସ, ମଦନ ମୋହନ ପାଢୀ, ବେଣୁଧର ପତି, ପ୍ରଭାକର ପଣ୍ଡା ସମେତ ସମସ୍ତ ବ୍ରାହ୍ମଣ ସମାଜ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ !ଏହି ବୈଠକରେ ସଭ୍ୟ ଚାନ୍ଦା ଆଦାୟ କରି ବ୍ୟାଙ୍କ ରେ ଜମା ଖାତା ଖୋଲିବା, ବ୍ରାହ୍ମଣ ସାମାଜ ର ସ୍ଥାୟୀ ଘର ନିର୍ମାଣ ପାଇଁ ଜମି ପାଇଁ କାଲିମେଳା ତହସିଲ କାର୍ଯ୍ୟାଳୟ କୁ ଯାଇ ତହସିଲଦାର ଙ୍କୁ ଭେଟି ଜାଗା ପାଇଁ ନିବେଦନ କରିବା, ସହ ବ୍ରାହ୍ମଣ ସମାଜର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ ! ଏହା ପରେ ସମାଜ ର ସଦସ୍ୟ ରଜତ କାନ୍ତ ମିଶ୍ର କାଲିମେଳା ଛାଡି ଚାଲି ଯାଉଥିବା ରୁ ବ୍ରାହ୍ମଣ ପରିବାର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା କରି ତାଙ୍କୁ ସମ୍ମାନିତ କରାଯାଇ ଥିଲା !

# ବିଫଳତା ଲୁଚାଇବା ପାଇଁ ଲୋକଙ୍କୁ ଭ୍ରମିତ କରୁଛି ପ୍ରଶାସନ: ବିଜେପି

କେନ୍ଦ୍ରାପଡ଼ା,୨୭/୭ (ନି.ପ୍ର): ପ୍ରାୟ ୨ ବର୍ଷ ହେବ କୋଭିଡ-୧୯ କରୋନା ମହାମାରୀରେ ଲୋକ ମାନଙ୍କର ଆର୍ଥିକ ଅଣ୍ଟା ଭାଙ୍ଗି ଯାଇଥିବା ବେଳେ ଅସହାୟ ଗରିବ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ମସୟରେ ନିଜର ଅପାରଗ ପଣିଆକୁ ଲୁଚାଇବା ପାଇଁ ଜିଲ୍ଲା ପ୍ରଶାସନ ସାଧାରଣ ଲୋକଙ୍କୁ ଭ୍ରମିତ କରୁଥିବା ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି । ଜିଲ୍ଲାରେ ଅନେକ ସମସ୍ୟା ଥିବାବେଳେ ଏହାକୁ ସମାଧାନ ନକରି ଗ୍ୟାଙ୍ଗଷ୍ଟାର ହାଇଦର ଏନକାଉଣ୍ଟର ର ଜିଲ୍ଲା ପ୍ରଶାସନ ସାହାରା ନେଉଛି ବୋଲି ବିଜେପି ପକ୍ଷରୁ ନଗର ସଭାପତି ଦିଲିପ ଦାଶ ଏକ ପ୍ରେସ ବିବୃତିରେ ଅଭିଯୋଗ କରିଛନ୍ତି ।

# ଯୁବକଙ୍କୁ ବ୍ଲେଡ୍‌ରେ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ

ଗଞ୍ଜାମ,୨୭/୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସଦର ଥାନା ଅଧିନସ୍ଥ ଯୋଗିଆ ନୂଆପଲ୍ଲୀ ଗ୍ରାମର ଗଣେଷ ପାତ୍ର ନାମକ ଜଣେ ଯୁବକଙ୍କୁ ଦୁଇ ଦିନ ତଳେ ମରଣାନ୍ତକ ଆକ୍ରମଣ ହୋଇଥିଲା । ପାଲିଗାଁ ଅଂଚଳର ରଜନୀକାନ୍ତ ମହାନ୍ତି ତାଙ୍କୁ ଗାଳି ଗୁଲଜ କରିବା ସହ ଏକ ଧାରୁଆ ବ୍ଲେଡ୍ ସାହାଯ୍ୟରେ ଆକ୍ରମଣ କରିଥିଲା । ତାଙ୍କର ପେଟକୁ କାଟିଦେବା ସହ ଏକ ବାଡି ପୁରାଇ ଦେବାରୁ ଅନ୍ତବୁଜୁଳା ପଦାକୁ ବାହାରି ଆସିଥିଲା । ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଂଚି ଗଣେଷକୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତି କରିଥିଲା । ଅସ୍ତ୍ରୋପଚାର ପରେ ଏବେ ସେ ସୁସ୍ଥ ଥିବା ଜଣାପଡିଛି। ପୋଲିସ ପକ୍ଷରୁ ତାଙ୍କୁ ୪ ୟୁନିଟ୍ ରକ୍ତ ଦିଆଯାଇଥିଲା । ଗଣେଷଙ୍କ ପତ୍ନୀଙ୍କ ଏତଲା କ୍ରମେ କେସ୍ ନଂ ୨୪୬/୨୧ ଅନୁସାରେ ସଦର ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଘଟଣାରେ ଅଭିଯୁକ୍ତ ରଜନୀକାନ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ପୋଲିସ । ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁ ଗଣେଷଙ୍କ ପତ୍ନୀଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡିଛି ।

# ଯୁବକଙ୍କୁ ମରଣାନ୍ତଙ୍କ ଆକ୍ରମଣ ଅଭିଯୋଗରେ ଚାରିଭାଇ ଗିରଫ

ମାଲକାନଗିରି,୨୭/୭ (ନି.ପ୍ର): ଉଦ୍ଧାର ଟଙ୍କା ନ ଦେବାରୁ ଜଣେ ବ୍ୟକ୍ତି ଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଚାରି ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି ! ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅଂଚଳ ରେ ! ସୂଚନା ଅନୁଯାଇ ଶନିବାର ସକାଳ ପ୍ରାୟ ୮ ଟା ସମୟରେ ପୁଲିମେଟଲା ଏମପିଭି ୧ ୨ ଗ୍ରାମର ଆନନ୍ଦ ବାବାଲି ନାମକ ଜଣେ ଯୁବକ ନିଜ ଗ୍ରାମରୁ ଭେଜାଙ୍ଗୀବାଡା ନିକଟରେ ଥିବା ନିଜ ଜମିକୁ ଟ୍ରାକ୍ଟର ରେ ଚାଷ କରିବା ପାଇଁ ସାର ବିହନ ନେଇ ଯାଉଥିବା ବେଳେ ଭେଜାଙ୍ଗୀବାଡା ଗ୍ରାମ ନିକଟରେ ସେହି ଗ୍ରାମର ବିଶ୍ୱଜିତ୍ ମଣ୍ଡଳ, ସୁଜିତ୍ ମଣ୍ଡଳ, ରଞ୍ଜିତ ମଣ୍ଡଳ ଏବଂ ଅଜିତ ମଣ୍ଡଳ ଚାରି ଭାଇ ମିଶି ଆନନ୍ଦଙ୍କ ଟ୍ରାକ୍ଟରକୁ ଅଟକାଇ ଧାର ଟଙ୍କା ମାଗିବା ସହ ଗାଳି ଗୁଲଜ କରିଥିଲେ !ଟଙ୍କା ନ ଦେଲେ ସେମାନେ ଟ୍ରାକ୍ଟର ଛାଡିବେ ନାହିଁ ବୋଲି ଧମକ ଦେଇଥିଲେ !ଏହାକୁ ଆନନ୍ଦ ବିରୋଧ କରିବା ସହ ଟଙ୍କା ପରେ ଦେଇଦେବେ ବୋଲି କହିଥିଲେ ! ଏଥିରେ ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ଭିତରେ ସେଠାରେ ଉପସ୍ଥିତ ଥିବା ଚାରି ଭାଇ ଆନନ୍ଦ ଙ୍କ ଉପରେ ମରଣାନ୍ତକ ଆକ୍ରମଣ କରି ତାଙ୍କୁ ଜୀବନରୁ ମାରିଦେବା ପାଇଁ ଚେଷ୍ଟା କରିଥିଲେ ! ଏହି ଆକ୍ରମଣରେ ଆନନ୍ଦ ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାଙ୍କୁ ପ୍ରଥମେ ସ୍ଥାନୀୟ ଏମପି ଭି ୨ ୧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ତେବେ ସେଠାରେ ତାଙ୍କ ଅବସ୍ଥା ଅତିଖରାପ ହେବାରୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇଛି ! ଏ ନେଇ ଆନନ୍ଦ ଙ୍କ ସମ୍ପର୍କୀୟ ମନୋରଞ୍ଜନ ବାବାଲି କାଲିମେଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ କାଲିମେଳା ପୋଲିସ ୧ ୬ ୨ / ୨ ୧ ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତଚାରି ଭାଇଙ୍କୁ ଗିରଫ କରିଥିଲେ !

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ଜୟକିଷାନ ମଜଦୂର ସଂଗ୍ରାମ ପରିଷଦ

ନୂଆପଡ଼ା,୨୭/୭ (ନି.ପ୍ର): ସୋମବାର ଜୟକିଷାନ ମଜଦୂର ସଂଗ୍ରାମ ପରିଷଦର ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଶହ ଶହ ଚାଷୀ ଜିଲ୍ଲାର ଉତ୍କଟ ସାର ଅଭାବ,ଚାଷୀ ପଞ୍ଜିକରଣରେ ସମସ୍ୟା, ଗଜା ମରୁଡି, ବିଦ୍ୟୁତ ଦର ବୃଦ୍ଧି ଓ ଲୋ ଭୋଲଟ୍ଟେଜ ତଥା ଅନ୍ୟାନ୍ୟ ଜ୍ୱଳନ୍ତ ସମସ୍ୟାକୁ ନେଇ ଉଗ୍ର ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଠ ଦଫା ସମ୍ବଳିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଦାବୀ ପତ୍ର ତୁରନ୍ତ ସମାଧନ କରିବାପାଇଁ ପ୍ରଦାନ କରିଛନ୍ତି। ପରିଷଦର ସହ ଆବାହକ ବସନ୍ତ ସିଂ ଠାକୁର, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ନୂଆପଡା ବ୍ଲକ ଅଧକ୍ଷ ଭକ୍ତରାମ ଧରୁଆ, କୋମନା ବ୍ଲକ ଅଧକ୍ଷ ଅଭିନ୍ନ ପୁରୋହିତ ତଥା ଅନ୍ୟାନ୍ୟ ନେତୃମଣ୍ଡଳୀ କାର୍ଯ୍ୟକ୍ରମକୁ କୋଭିଡ ଗାଇଡ଼ ଲାଇନ ମୁତାବକ ସଂଚାଳନ କରି ସମାପନ କରିବାରେ ପ୍ରମୁଖ ଦାୟିତ୍ୱ ନେଇଥିଲେ।
ନୂଆପଡା ଜିଲ୍ଲାରେ ଖରିଫରେ କୋଡିଏ ହଜାର କୁଇଂଟାଲ ସାରର ଆଶ୍ୟକତା ଥିବାବେଳେ ମାତ୍ର ନଅ ହଜାର କୁଇଂଟାଲ ସାର ଦିଆଯାଇଥିବାରୁ ସାରର ଉତ୍କଟ ଅଭାବ ଓ କଳାବଜାରୀ ବିରୁଦ୍ଧରେ ଶତାଧିକ କ୍ରୋଧିତ ଚାଷୀ ରାଜ ରାସ୍ତାକୁ ଓଲ୍‌ହାଇ ଥିଲେ। ଚାଷୀ ପଞ୍ଜିକରଣରେ ଘୋର ଅବ୍ୟବସ୍ଥା ସହିତ ପଞ୍ଜିକରଣର ସ୍ୱଳ୍ପ ଅବଧି, ରେକର୍ଡରେ ଜମିର କିସମ ପରିବର୍ତ୍ତନ ହୋଇନଥିବା ଦର୍ଶାଇ ଉକ୍ତ ଜମିକୁ ପଞ୍ଜିକରଣରେ ଚାଷୀର ଜମି ପରିମାଣରେ ନ ଦର୍ଶାଇବା ହେତୁ ଚାଷୀଙ୍କ ଆକ୍ରୋଶ ଆଜିର ଆନ୍ଦୋଳନରେ ସ୍ପଷ୍ଟ ବାରି ହେଉଥିଲା। ଜୁନ ଓ ଜୁଲାଇ ମାସର ସ୍ୱଳ୍ପ ବୃଷ୍ଟିପାତ ହେତୁ ଗଜା ମରୁଡି ଘୋଷଣା, ୨୦୧୭,୧୮ ଓ ୧୯ ର ବକେୟା ଫସଲ ବୀମା ପ୍ରଦାନ ସହିତ ଚଳିତ ଖରିଫ ପାଇଁ ଫସଲବୀମା ଅବଧି ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି, ଚାଷୀ ପଞ୍ଜିକରଣର ଅବଧିକୁ ସେପଟ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି, ଜିଲ୍ଲାରେ ବହୁଳ ଚାଷ ହେଉଥିବା କପା ଓ ମକା ମଣ୍ଡି ଖୋଲି ଚାଷୀଙ୍କୁ ଶୋଷଣରୁ ମୁକ୍ତ କରି ଉପଯୁକ୍ତ ଦାମ ପ୍ରଦାନ ପାଇଁ ବ୍ୟବସ୍ଥା, ଚାଷୀ ବିରୋଧୀ ଧାନ ସଂଗ୍ରହ ନୀତିକୁ ତୁରନ୍ତ ପ୍ରତ୍ୟାହାର ସହିତ ଟୋକନ ବ୍ୟବସ୍ଥାର ସରଳୀକରଣ କିମ୍ୱା ସମ୍ପୂର୍ଣ୍ଣ ଉଚ୍ଛେଦ କରିବା, ଚାଷୀଙ୍କ ସମ୍ପୂର୍ଣ୍ଣ ଧାନ କିଣିବା ସହିତ କୁଇଂଟାଲ ପିଛା ପାଂଚ ଶହ ଟଙ୍କା ବୋନସ ପ୍ରଦାନ ପାଇଁ ଦାବୀ କରାଯାଇଥିଲା। ଜିଲ୍ଲାର ଚାଷୀ ସାମନା କରୁଥିବା ଉପରୋକ୍ତ ଉତ୍କଟ ଜ୍ୱଳନ୍ତ ସମସ୍ୟା ଗୁଡିକ ଯଦି ସରକାର ଓ ପ୍ରଶାସନ ଶୀଘ୍ର ସମାଧାନ ନ କରିବେ ତେବେ ଆଗାମୀ ଦିନରେ ସାରା ଜିଲ୍ଲାରେ ବଡ଼ ଧରଣର ଆନ୍ଦୋଳନ ପାଇଁ ପରିଷଦ ପ୍ରସ୍ତୁତ ହେବା ସହିତ ପ୍ରଶାସନର ନିଦ ହଜେଇ ଦେବ ବୋଲି ପରିଷଦର ଆବାହକ ଶ୍ରୀ ପାଣିଗ୍ରାହୀ କଡା ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହିତ ସର୍ବଶ୍ରୀ ଶଙ୍କର ଅହୀର, ଗୌରମଣି ବିଭାର, ପ୍ରବୀଣ ଭୋଇ, ଭୁବନେ ନାୟକ, ବୃନ୍ଦାବନ ପ୍ରଧାନ, ନିଲ ନାଗ, ହେମଲାଲ ରଣା, ଶିବ ପାତ୍ର ଓ ଶତାଧିକ ଚାଷୀ ଯୋଗଦାନ କରିଥିଲେ ।

# ଜିଲ୍ଲାରେ ଡି ଡି ଟି ସିଂଚନ ଦାବି

ନୂଆପଡା,୨୭/୭ (ନି.ପ୍ର): ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ସହ ମ୍ୟାଲେରିଆ ଜ୍ୱରରେ ବହୁତ ଲୋକ ଆକ୍ରାନ୍ତ ହେଉଥିବା ଦେଖାଯାଉଛି ।ବିଶେଷ କରି ଗ୍ରାମାଂଚଳରେ ବିଭିନ୍ନ ଜାଗାରେ ପାଣି ଜମା ରହିବା ମଶା ବଂଶ ବୃଦ୍ଧିର ମୁଖ୍ୟ କାରଣ ହେଉଛି ।ପୁଣି ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ପାଇପ ପୋତା କାମ ଚାଲିଛି, ଫଳରେ ରାସ୍ତା ସବୁ ଖାଲ ଖମାଲ ହୋଇ ପଡିଛି ।ଏହି ଖାଲ ସବୁରେ ମଇଳା ଜମିବା ସହ ପାଣି ଜମି ରହୁଛି ଓ ମଶା ମାନେ ସଂଖ୍ୟା ବୃଦ୍ଧି କରୁଛନ୍ତି ।ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲୋକଙ୍କୁ ମାଗଣାରେ ମଶାରୀ ବଂଟନ ସହ ବ୍ୟବହାର କରିବା ପାଇଁ ଉତ୍ସାହିତ କରାଯାଉଛି ।ମଶାରୀ ବ୍ୟବହାର ଦ୍ୱାରା ରାତ୍ରୀରେ ଲୋକେ ମଶା କାମୁଡାରୁ ଘର ଭିତରେ ରକ୍ଷା ସିନା ପାଉଛନ୍ତି ଅନ୍ୟ ସମୟରେ ଓ ବାହାରେ ପ୍ରବଳ ମଶା ଦେଖାଯାଉଛନ୍ତି ।ମଶା ବଂଶ ରୋକିବାକୁ ଡି ଡି ଟି ସିଂଚନ ଏକମାତ୍ର ମାଧ୍ୟମ, ଏହାଦ୍ୱାରା ମଶା ମାନେ ମରି ଯାଇଥାନ୍ତି ।ସରକାର ପ୍ରତିବର୍ଷ ଡି ଡି ଟି ସିଂଚନ କରୁଥିବା ବେଳେ ଏବର୍ଷ ଆରମ୍ଭ କରାଯାଇ ନାହିଁ ।ଅତିଶୀଘ୍ର ଡି ଡି ଟି ସିଂଚନ କାରାଯାଉ ବୋଲି ଲୋକେ ଦାବି କରିଛନ୍ତି ।ଅନ୍ୟ ପକ୍ଷରେ ଜିଲ୍ଲାର ଦୁର୍ଗମ ଅଂଚଳରେ 'ଦମନ' ଅଭିଯାନ ସହ ଲୋକଙ୍କୁ ମ୍ୟାଲେରିଆରୁ ରକ୍ଷା ପାଇବା ପାଇଁ ସଚେତନ କରାଯାଉଛି ବୋଲି ଖଡ଼ିଆଳ ସ୍ୱାସ୍ଥ୍ୟ ବିଭାଗ କହିଛି ।

# ମଣ୍ଡିରେ ଏସଏସଜି ବଦଳରେ ପାଣି ପଂଚାୟତ ଦାୟିତ୍ୱ ଦେବା ନେଇ ଦାବି

ଜୟପୁର ,୨୭/୭ (ନି.ପ୍ର): କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଭୁଷଙ୍ଗଗୁଡାରେ ଥିବା ଆଜାଦ ପାଣିପଂଚାୟତ ଓ ଚାଷି ମାନେ ସୋମବାର ଜିଲା ଯୋଗାଣ ଅଧିକାରି ଓ ଉପ ଜିଲାପାଳ ଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗତ ରବି ମଣ୍ଡିରେ କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଭୁଷଙ୍ଗଗୁଡା ଅଂଚଳର ଶହେରୁ ଉଦ୍ଧ ଚାଷି ନିଜର ନାମ ପଞ୍ଜିକୃତ କରାଇ ଟୋକେନ ପାଇଥିଲେ । ମାତ୍ର ଦାୟିତ୍ୱ ରେଥିବା ଏସଏସଜି ଗ୍ରୁପର ତୃଟି କାରଣ ରୁ ନିଜର ଧାନ ବିକ୍ରି କରି ପାରିଲେ ନାହିଁ ଚାଷି । ଫଳରେ ନାନା ଅସୁବିଧାରେ ସମ୍ମୁଖିନ ହୋଇ ନିଜ ଧାନ କୁ ଅଭାବି ବିକ୍ରି କରିବାକୁ ବାଧ ହୋଇଥିଲେ । ଏସଏସଜି ଗ୍ରୁପ ୬୪ ଜଣ ଚାଷିଙ୍କ ପଞ୍ଜକରଣ ନକରିବା ୨ୟ, ୨୪ ଜଣ ଚାଷିଙ୍କ ପଞ୍ଜିକରଣ ଥାଇ ମଧ ଟୋକେନ ପ୍ରଦାନ ନକରିବା ମିଲର ମାନଙ୍କ ଜରିଆରେ ଚାଷି ଙ୍କ ଠାରୁ ୨ କେଜି ଅଧିକା ଧାନ କାଟିବା ଚାଷିଙ୍କ ଟୋକେନ ଲେପସ କରିବା ଭଳି ସଙ୍ଗିନ ଅଭିଯୋଗ ଚାଷି ମାନେ ପାଣି ପଂଚୟତ ନିକଟରେ ଅଭିଯୋଗ କରିଥିଲେ । ଚଳିତ ଖରିଫ ଋତୁରେ ଯେପରି ପୁନରବତ୍ ନହୁଏ ତେଣୁ ମଣ୍ଡିରେ ଧାନ କିଣା ଦାୟିତ୍ୱ ପାଇ ଥିବା ଏସଏସଜି ଗ୍ରୁଫ ପରିବର୍ତ୍ତନ କରାଯାଉ । ଆଉ ଭୁସଙ୍ଗଗୁଡାରେ ଥିବା ୪ଟି ପାଣି ପଂଚାୟତ କୁ ଏହି ଦିୟିତ୍ୱ ଦିଆଯାଉ ବୋଲି ଦାବୀ ରେ କୁନ୍ଦୁରୀ ବ୍ଲକ ଭୁଷଙ୍ଗଗୁଡାର ଅନେକ ଚାଷି ଜୟପୁର ଜିଲା ଯୋଗାଣ ଅଧିକାରି ଏବଂ ଉପ ଜିଲାପାଳ ଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଗତ ରବି ଋତୁରେ ଚାଷି ପଞ୍ଜିକରଣରେ ବ୍ୟାପକ ତୃଟି କରିଥିଲା । ଏହି ଏସଏସଜି ଗ୍ରୁଫ । ଫଳରେ ଏନେଇ ଚାଷି ଧାନ ବିକ୍ରି କରିପାରିଲେ ନାହିଁ । ଏଭଳି ସ୍ଥିତିରେ ଖରିଫ ଋତୁରେ ପୁଣି ଏହି ଏସଏସଜି ଗ୍ରୁଫ କୁ ଦାୟିତ୍ୱ ଦିଆଯାଇଥିା ବେଳେ ସେମାନେ ଚାଷି ପଞ୍ଜିକରଣ ପକ୍ରିଆ ମଧ ଆରମ୍ଭ କରିଥିବା ଜଣାଯାଇଛି । ଏଣୁ ଏହି ଏସଏସଜି ଗ୍ରୁଫ କୁ ପରିବର୍ତ୍ତନ କରିବା ନେଇ ଆଜାଦ ପାଣି ପଂଚାୟତ ସଭାପତି ସୁଶାନ୍ତ ଚନ୍ଦ୍ର ପାଣିଗ୍ରାହୀ କୋରାପୁଟ ଜିଲାପାଳ ଙ୍କୁ ମଧ ଅବଗତ କରାଯାଇଥିବା ସୁଚନା ଦେଇଛନ୍ତି । ପ୍ରଶାସନ ଦାବି ପୁରଣ ନକଲେ ଆଗା ଦିନରେ ଆଇନ କୁ ହାତ ନେବାସହ ଆନ୍ଦେଳନ ଜୋରସୋର ହେବ ବୋଲି ଚେତାବନି ଦେଇଛନ୍ତି ଚାଷି ଭାସ୍କର ନାୟକ ।

# ୧ କୋଟି ଟଙ୍କାର ଗଞ୍ଜେଇ ଜବତ : ଜଣେ ଗିରଫ

ଜୟପୁର ,୨୭/୭ (ନି.ପ୍ର): ଜୟପୁର ସଦର ପୋଲିସ ବାହାର ରାଜ୍ୟ କୁ ଗଞ୍ଜେଇ ଚାଲାଣ ବେଳେ ଚଢାଉ କରିଛି । ଏହି ମାମଲାରେ ଜଣକୁ ଗିରଫ କରିଛି । ଏନେଇ ଆଜି ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହେରା ସାମ୍ବାଦିକ ସମ୍ମିଳନି କରି ସୁଚନା ଦେଇ କହିଛନ୍ତି ଯେ ପଟାଙ୍ଗିରୁ ଆନ୍ଧ୍ର ରେଜିଷ୍ଟ୍ରେସନ ନମ୍ବରଏପି- ୩୫-ଡବ୍ଲୁ-୦୪୮୭ ପିକଅପ ରେ ଗଞ୍ଜେଇ ବୋଝେଇ ହୋଇ ଜୟପୁର ଦେଇ ବାହାର ରାଜ୍ୟକୁ ଚାଲାଣ ହେଉଥିଲା । ଏହି ବିଷୟ ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ସୁଚନା ପାଇ ଜୟପୁର ଘାଟି ଉପରେ ଚଢାଉ କରିଥିଲେ । ଚଢାଉ କରି ପିକଅପ କୁ ଥାନା କୁ ଆଣି ଯାଂଚ କରିଥିଲେ । ସେଥିରୁ ୧ ଟନ ୫୩ କେଜି ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୁଲ୍ୟ ୧ କୋଟି ୫ ଲକ୍ଷ ହେବ । ଏହା ସହ ଗାଡିରୁ ୧ ଲକ୍ଷ ୮୦ ହଜାର ଟଙ୍କା ନଗଧ ଟଙ୍କା ମୋବାଇଲ ମଧ ଜବତ କରିଛି । ଏହି ମାମଲାରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ସେମିଳିଗୁଡା ଥାନା ଅନ୍ତର୍ଗତ ଆର.କେ ମିଳିଗୁଡାର ସଞ୍ଜୟ ଖରା (୨୨) । ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଗଞ୍ଜେଇ ଜୟପୁର ଆସିବା ପରେ ଟ୍ରକରେ ବୋଝେଇ ହୋଇ ବାହାର ରାଜ୍ୟକୁ ଚାଲାଣ ହେଉଥିଲା । ସେହି ସମୟରେ ପୋଲିସ ଚଢାଉ କରିଛି । ଏହି ମମଲାରେ ଅନ୍ୟ ମାନେ ମଧ ଜଡିତ ଥିବା ପୋଲିସ ତଦନ୍ତ ରୁ ଜାଣିବାକୁ ପାଇଛି । ସେ ମାନଙ୍କୁ ମଧ ଖୁବ ଶିଘ୍ର ଗିରଫ କରାଯିବ ବୋଲି ଏସଡିପିଓ ବେହେରା ସୁଚନା ଦେଇଛନ୍ତି ।

# ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷଙ୍କ ବ୍ଲକସ୍ତରୀୟ ସମୀକ୍ଷା ବୈଠକ

ପୁରୀ,୨୭/୭ (ନି.ପ୍ର): ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ଶ୍ରୀ ସଞ୍ଜୟ ଦାସବର୍ମା ବ୍ରହ୍ମଗିରି ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସ୍ଥାନୀୟ ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀଦାସବର୍ମା ଗ୍ରାମୀଣ ଗୃହ ନିର୍ମାଣ ଯୋଜନା, ବିଭିନ୍ନ ଭତ୍ତା ଯୋଜନା, ଓଡିଶା ଜୀବିକା ମିଶନ, ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ, ଗ୍ରାମ ପଂଚାୟତ କାର୍ଯ୍ୟାଳୟ କୋଠା ନିର୍ମାଣ, ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ଖେଳ ପଡିଆ, ଗ୍ରାମୀଣ ଉଦ୍ୟାନ, ଗ୍ରାମୀଣ ପାଠାଗାର, ଫନି କ୍ଷତିଗ୍ରସ୍ତ ବିଦ୍ୟାଳୟ ମରାମତି କାର୍ଯ୍ୟ, ଆମ ଗାଁ ଆମ ବିକାଶ, ଗାଁ ସାଥି ମାନଙ୍କ ନିମନ୍ତେ କ୍ୱାର୍ଟର ନିର୍ମାଣ, କଲ୍ୟାଣ ମଣ୍ଡପ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସଂପର୍କରେ ସମୀକ୍ଷା କରିଥିଲେ । ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଶ୍ରୀ ଦାସବର୍ମା ପରାମର୍ଶ ଦେଇଥିଲେ । ବ୍ଲକ କାର୍ଯ୍ୟାଳୟର ନୂତନ ଗୃହର ବାକିଥିବା କାମ ଶେଷ କରିବା ପାଇଁ ଆବଶ୍ୟକ ଥିବା ପାଣ୍ଠି ସଂପର୍କରେ ମଧ ସେ ଆଲୋଚନା କରିଥିଲେ ।
ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମଗିରି ବ୍ଲକ ଅଧକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଜ୍ୟୋତି ପ୍ରକାଶ ସେଠୀ, ସହକାରୀ ଯନ୍ତ୍ରୀ ଶ୍ରୀ ରବିନାରାୟଣ ସାହୁ, ବିଭିନ୍ନ କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇନ ସମ୍ମତ ଚିଙ୍ଗୁଡିଚାଷ ପାଇଁ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୨୭/୭ (ନି.ପ୍ର): ଜିଲ୍ଲାରେ ଆଇନ ସମ୍ମତ ଚିଙ୍ଗୁଡିଚାଷ ପାଇଁ ନାମ ପଞ୍ଜିକରଣ କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମୁଦ୍ର ଉପକୂଳ ଅଂଚଳରେ ଶହ ଶହ ବେଆଇନ ଚିଙ୍ଗୁଡି ଘେରି ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଉଚ୍ଛେଦ ପ୍ରକ୍ରିୟା ବଳବତର ଥିବାବେଳେ ଆଇନ ସମ୍ମତ ଚିଙ୍ଗୁଡିଚାଷ ପାଇଁ ଚାଷୀ ମାନଙ୍କ ନାମ ପଞ୍ଜିକରଣ ସମ୍ବନ୍ଧୀୟ ସମୀକ୍ଷା ବୈଠକ କରାଯାଇ ଥିଲା । ୨୦୧୬ ମସିହାରୁ ନାମ ପଞ୍ଜିକରଣ ପାଇଁ ଆବେଦନ କରିଥିବା ୩୬୪ ଜଣ ଚାଷୀ ଦୀର୍ଘଦିନ ହେଲା ଅପେକ୍ଷା କରି ରହିଛନ୍ତି । ସେମାନଙ୍କ ସମସ୍ୟା ସମାଧାନ ପାଇଁ ବନ ବିଭାଗ ଓ ସଂପୃକ୍ତ ଅଂଚଳର ତହସିଲ କାର୍ଯ୍ୟାଳୟ ସହଯୋଗ କରୁ ନଥିବାରୁ ଜମିର କିସମକୁ ନେଇ ସମ୍ୟା ଉତ୍ପନ୍ନ ହୋଇଛି । ଏନେଇ ରାଜନଗର ଅଂଚଳରେ ୫୦ ଜଣଙ୍କ ଉପରେ ଅପରାଧିକ ମାମଲା ରୁଜୁ ହୋଇଥିଭା ବେଳେ ମହାକାଳପଡା ଓ ରାଜକନିକା ଅଂଚଳରେ ହେଉଥିବା ବେଆଇନ ଚିଙ୍ଗୁଡିଚାଷ ସଂପର୍କରେ ଥାନା ଅଧିକାରୀ ମାନେ କୌଣସି ପଦକ୍ଷେପ ନେଉ ନଥିବା ସଂପର୍କରେ ଏହି ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା ।

# ଦାଦନ ଶ୍ରମିକଙ୍କ ମୃତ୍ୟୁ ପରେ ପରିବାର ବେସାହାରା : ବିଭିନ୍ନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ

ନୂଆପଡା,୨୭/୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ରାଣିମୁଣ୍ଡା ଗ୍ରାମର ଦାଦନ ଶ୍ରମିକ ମନୋଜ କୁମାର ହିଆଲଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇ ପଡିଛନ୍ତି । ଏପରିକି ବର୍ତ୍ତମାନ ପରିବାର ଲୋକେ ଦୁଇ ଓଳି ଠିକ ଭାବରେ ଖାଇବାକୁ ପାଉନଥିବା ଅଭିଯୋଗ କରିଛନ୍ତି । ଏନେଇ ସେମାନେ ଜିଲ୍ଲା ଶ୍ରମ ଅଧିକାରୀ, ନୂଆପଡା ଜିଲ୍ଲାପାଳଙ୍କ ସହ ଭୁବନେଶ୍ୱର ସ୍ଥିତ ଶ୍ରମବିଭାଗ ସଚିବଙ୍କୁ ଲିଖିତ ଅଭିଯୋଗ କରି ଅବଶ୍ୟକ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି । ସୂଚନାମତେ ରାଣିମୁଣ୍ଡା ଗ୍ରାମର ଶ୍ରମିକ ମନୋଜ ହିଆଲ, ସ୍ତ୍ରୀ ରାମାମଣି ହିଆଲ ଏବଂ ୨ ନାବାଳକ ପୁଅଝିଅଙ୍କୁ ନେଇ ତାଙ୍କର ସଂସାର । ପରିବାରିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ମନୋଜ ଗତ ୨୦୨୦ ମସିହାରେ ଦାଦନ ଖଟିବାକୁ ତେଲେଙ୍ଗାନା ରାଜ୍ୟର ରାଙ୍ଗାରେଡି ଜିଲାର ପିତୁଲା ଗ୍ରାମର ଏସଭିଭି ଇଟାଭାଟିରେ ଇଟା ଗଢିବା କାମରେ ନିୟୋଜିତ ଥିଲେ । ହେଲେ ସେଠାରେ କାର୍ଯ୍ୟ କରୁଥିବା ସମୟରେ ପଡିଯାଇ କାର୍ଯ୍ୟସ୍ଥଳରେ ମୃତ୍ୟୁବରଣ କରିଥିଲେ । ଦାଦନ ସର୍ଦ୍ଦାର ପରିବାରଙ୍କୁ କୌଣସି ପ୍ରକାରର ସହାୟତା କରିନଥିଲେ । ଏନେଇ ପରିବାର ଲୋକେ ଖଡିଆଳ ଥାନାଧିକାରୀଙ୍କ ସହ ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ । ହେଲେ ଆଜି ପର୍ଯ୍ୟନ୍ତ ପରିବାରଙ୍କୁ କୌଣସି ପ୍ରକାରର ସହାୟତା ପ୍ରଦାନ କରାଯାଇନାହିଁ । ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ ଭାବରେ ପଞ୍ଜିକୃତ ହୋଇ ମଧ୍ୟ ପରିବାର କୌଣସି ସହାୟତା ପାଇପାରିନାହାନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପରିବାରଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରି ପରିବାରଙ୍କୁ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ମୃତ୍ୟୁକାଳୀନ ସହାୟତା ଅତିଶିଘ୍ର ଯୋଗାଇ ଦେବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି ।

# ଫିଟ୍‌ନେସ୍ ପାଇଁ ହସ

**ସାଙ୍ଗସାଥୀମାନେ କିଛି ସମୟ ଏକାଠି ହେଲେ ଖୋଲିଯାଏ ଗପର ପେଡ଼ି ଆଉ ଖେଳିଯାଏ ହସର ଲହରି । ଏହି କିଛି ସମୟର ମନଖୋଲା ହସ ଅଜାଣତରେ ସେମାନଙ୍କ ପାଇଁ ପାଲଟେ ଫିଟ୍‌ନେସ୍‌ର ସିକ୍ରେଟ । କାରଣ ଦୁଃଖ, କ୍ରୋଧ ଆଦି ମଣିଷ ସ୍ୱାସ୍ଥ୍ୟର ପରମ ଶତ୍ରୁ । ଯାହାକୁ ଦୂର କରିବାରେ ମେଡିସିନ୍...**





ହସ ମଣିଷର ସକାରାତ୍ମକ ହୃତ୍‌ପିଣ୍ଡକୁ ମନୋଭାବର ଅଖଣ୍ଡ ପରିପ୍ରକାଶ । ଏହା ମଣିଷକୁ ବିଷାଦ, ମାନସିକ ଚିନ୍ତା, କ୍ରୋଧ ଆହଦି ଠାରୁ ଦୂରେଇ ରଖିବାରେ ସାହାଯ୍ୟ କରେ ଏବଂ ମଣିଷକୁ ଫିଟ୍ ରଖିଥାଏ । ଯେଉଁମାନେ ହସଖୁସିରେ ରୁହନ୍ତି ତାହା ହୃତ୍‌ପିଣ୍ଡକୁ ମଧ ପ୍ରଫୁଲ୍ଲ ରଖେ । ହସିବା ଦ୍ୱାରା ହୃତ୍‌ପିଣ୍ଡକୁ ଉପଯୁକ୍ତ ପରିମାଣର ରକ୍ତ ସଂଚାଳନ ହୋଇଥାଏ । ଥରେ ହସିଲେ ହାରାହାରି ୩୫ ମିନିଟ୍ ଯାଏଁ ଦେହ ହାଲୁକା ହୋଇଯାଇଥାଏ । ଏହାଛଡ଼ା ମଣିଷର ରୋଗ ପ୍ରତିରୋଧକ ଶକ୍ତି ମଧ ବଢ଼ିଥାଏ । ହସିଲେ 'ଏଣ୍ଡୋର୍‌ଫିନ୍' ନାମକ ହରମୋନ୍ ଶରୀରରୁ ନିର୍ଗତ କରାଯାଇଥାଏ, ଯାହା ମଣିଷକୁ ଭଲ ମାନସିକ ସ୍ଥିତି ଆଡ଼କୁ ନେଇଥାଏ, ଦେହର ମାନସିକ ଅବସାଦକୁ ଦୂରେଇ ଦେଇଥାଏ ଏବଂ ଷ୍ଟ୍ରେସ୍ ହରମୋନ୍ କମାଇଦିଏ । ଏହା ରକ୍ତଚାପ ନିୟନ୍ତ୍ରଣ କରିଥାଏ । ମାନସିକ ଚାପ ଏଣ୍ଡୋଥିଲିୟମ୍‌କୁ ନଷ୍ଟକରି ଦେଉଥିବାରୁ ହେଉଥିବା ସଂକ୍ରମଣଜନିତ ପ୍ରତିକ୍ରିୟା ରକ୍ତନଳୀ ଭିତରେ ଚର୍ବି ପରିମାଣ ଜମିଯିବାରେ ସାହାଯ୍ୟ କରିଥାଏ ଏବଂ ହୃତ୍‌ଘାତ ହୋଇଥାଏ । ହେଲେ ହସ, ମସ୍ତିଷ୍କରେ ତିଆରି ହେଉଥିବା ମାନସିକ ଚାପର ହର୍‌ମୋନ (ଷ୍ଟ୍ରେସ୍ ହର୍‌ମୋନ୍)କୁ କମାଏ, ରକ୍ତଚାପ ମଧ କମାଇଦିଏ । ଯେଉଁଥିପାଇଁ ବ୍ୟସ୍ତବହୁଳ ଜୀବନଶୈଳୀରେ ଛନ୍ଦି ହୋଇଯାଉଥିବା ଲୋକମାନେ କିଛି ସମୟ ହସିବା ଲାଗି ବିଭିନ୍ନ ସ୍ଥାନରେ ଲାଫିଙ୍ଗ୍ କ୍ଲବ୍‌ମାନ ବି ଗଠନ କରାଯାଇଛି । ପ୍ରତିଦିନ କିଛି ସମୟ ମନ ଖୋଲା ହସ କୌଣସି ବ୍ୟାୟାମଠାରୁ କମ୍ ନୁହେଁ । ତେଣୁ ଫିଟ୍‌ନେସ୍ ପାଇଁ ହସ ବେଶ୍ ଗୁରୁତ୍ୱପୂର୍ଣ୍ଣ । ତେବେ ଯୁବପିଢ଼ିଙ୍କ ଲାଗି ସାଙ୍ଗସାଥୀ ଏକାଠି ମଜାମସ୍ତି କରିବା ଦ୍ୱାରା ହସର ମାହୋଲ ସୃଷ୍ଟି ହୁଏ । ହେଲେ ବର୍ତ୍ତମାନ କରୋନା ଲାଗି ସ୍କୁଲ୍ କଲେଜ ଆଦି ବନ୍ଦ ଥିବାରୁ ଯୁବପିଢ଼ି ସାଙ୍ଗସାଥୀଙ୍କ ସହ ସମୟ କାଟିବା ବହୁମାତ୍ରାରେ କମିଯାଇଛି । ଫଳରେ ସେମାନେ ଘରେ ବୋର୍ ହେଉଛନ୍ତି । ଏମିତିରେ ସେମାନେ ହସିବା ଲାଗି ବିଭିନ୍ନ ଉପାୟ ଆପଣାଉ ଥିବା ଦେଖିବାକୁ ମିଳୁଛି...

**କମେଡି ଭିଡିଓ:**
ବିଭିନ୍ନ କମେଡ଼ି ଫିଲ୍ମ ହେଉ କିମ୍ବା ୟୁଟ୍ୟୁବ୍‌ରୁ ବିଭିନ୍ନ କମେଡ଼ି ଭିଡିଓ ଦେଖିବା ବର୍ତ୍ତମାନ ଅନେକଙ୍କୁ ଭରପୂର ହସର ଖୋରାକ ଯୋଗାଉଛି । କିଛି ସମୟ ଏଭଳି ଭିଡିଓ ଦେଖିବା ଦ୍ୱାରା ମାନସିକ ଚାପ ଦୂର ହେଉଥିବା ଅନେକ ଯୁବତୀଯୁବକ ମତ ଦେଉଛନ୍ତି ।

**ଗ୍ରୁପ୍ ଚାଟିଂ:**
ହ୍ୱଟ୍ସ ଆପ୍ କିମ୍ବା ଅନ୍ୟାନ୍ୟ ସୋସିଆଲ୍ ସାଇଟ୍‌ରେ ବର୍ତ୍ତମାନ ଗ୍ରୁପ୍ ଚାଟିଂ ଦ୍ୱାରା ଅନେକ ସାଙ୍ଗସାଥୀ ଏକାଠି କଥା ହେବା ଦ୍ୱାରା ବି ଘରେ ରହି ବୋର୍ ହେବା ବା ଏକୁଟିଆ ପଣ ଦୂର ହେବା ସହ କିଛି ସମୟ ହସିବାର ସୁଯୋଗ ମିଳୁଛି । ବିଶେଷ କରି ଗ୍ରୁପ୍ ଭିଡିଓ କଲିଂରେ ହସର ମାହୋଲ ବେଶ୍ ଜମୁଥିବା ଦେଖିବାକୁ ମିଳୁଛି ।

**ପରିବାର ସହ କ୍ଲାସି ଟାଇମ୍:**
ବର୍ତ୍ତମାନ ଅନେକ ଯୁବପିଢ଼ିଙ୍କୁ ଘରେ ରହି ପଢ଼ିବା କିମ୍ବା ଅଫିସ୍ ପାଇଁ ୱାର୍କ ଫ୍ରମ୍ ହୋମ ଆଦି କାମର ଚାପ ରହୁଥିଲେ ସୁଦ୍ଧା ପରିବାର ସହ କିଛି ସମୟ ହସ ଖୁସିରେ ବିତାଇବାକୁ ସମୟ ମିଳୁଛି, ଯାହା କି ସେମାନଙ୍କୁ ମାନସିକ ସ୍ତରରେ ଅଧିକ ଆକ୍ଟିଭ୍ ଏବଂ ଫ୍ରେସ୍ ରଖୁଛି ।

## ସପିଙ୍ଗ୍ ଟିପ୍‌ସ

ଗରମ ସହିତ ବର୍ଷା ମଧ ମଝିରେ ମଝିରେ ହେଉଛି । ସେଥିପାଇଁ ଋତୁ ଅନୁସାରେ ସାଧାରଣତଃ ମହିଳା ଓ ଝିଅମାନେ ନିଜକୁ ଷ୍ଟାଇଲିଶ ଲୁକ୍ ଓ ଆରାମ ଦେବା ପାଇଁ ବିଭିନ୍ନ ଡିଜାଇନ୍‌ର ଆଉଟ୍‌ଫିଟ୍‌ସ ପିନ୍ଧିବାକୁ ଚାହୁଁଛନ୍ତି । ଏହିପରି ସ୍ଥିତିରେ ସାର୍ଟ୍‌ସ ପିନ୍ଧିବା ଏକ ଭଲ ଅପ୍‌ସନ୍ । ତେବେ ଅନ୍‌ଲାଇନ ହେଉ ବା ଅଫ୍‌ଲାଇନ୍; ଏହା କିଣିବା ସମୟରେ କିଛି ଟିପ୍‌ସକୁ ଫଲୋ କରନ୍ତୁ ।

◆ ସାର୍ଟ୍‌ସ କିଣିବା ପୂର୍ବରୁ ଲମ୍ବା ଉପରେ ଧ୍ୟାନ ଦିଅନ୍ତୁ । ଯଦି ଆପଣଙ୍କ ହାଇଟ୍ ଅଧିକ ତେବେ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବା ଥିବା ସାର୍ଟ୍‌ସ ଚୟନ କରନ୍ତୁ । ଯଦି ହାଇଟ୍ କମ୍ ଅଛି ତେବେ ଆଣ୍ଠୁରୁ ୩-୫ ଇଞ୍ଚ ଉପରକୁ ଲମ୍ବା ଥିବା ସାର୍ଟ୍‌ସ କିଣନ୍ତୁ ।

◆ ନିଜ ବଡି ଫିଗରକୁ ଆଖି ଆଗରେ ରଖି ସ୍ଲିମ୍-ଫିଟ୍ ସାର୍ଟ୍‌ସ କିଣିବା ଉଚିତ । ଏହା ସୁନ୍ଦର ଲୁକ୍ ଦେବ ।

◆ ରଙ୍ଗ ଉପରେ ଧ୍ୟାନ ଦିଅନ୍ତୁ । ଏହା ସବୁପ୍ରକାରର ପ୍ୟାଣ୍ଟ୍ ଓ ଜିନ୍ସ ସହିତ ଯେପରି ମ୍ୟାଚ୍ କରି ପିନ୍ଧିପାରିବେ । ବ୍ଲାକ୍, ଗ୍ରେ, ଖାକି ଓ ରଷ୍ଟ ପରି କଲର ସବୁପ୍ରକାରର ଡ୍ରେସ ସହିତ ମ୍ୟାଚ୍ କରିବ ।

◆ ଡେନିମ ସବୁ ବୟସର ମହିଳାମାନେ ପିନ୍ଧି ପାରିବେ । ଏହା ଟି-ସାର୍ଟ ବା ସାର୍ଟ ସହିତ ପିନ୍ଧନ୍ତୁ ।

◆ ହାଇ ବେସ୍‌ଡ ଡେନିମ ସାର୍ଟ୍‌ସ ଗରମ ଦିନ ପାଇଁ ସବୁଠାରୁ ଭଲ । ଏହା ସହିତ କ୍ରପ୍ ଟପ୍‌କୁ ମ୍ୟାଚ କରାନ୍ତୁ ।

◆ କାଜୁଆଲ ସାର୍ଟ୍‌ସ ସମସ୍ତଙ୍କ ଭଲ ଦେଖାଯାଏ । ଏହାକୁ କଲରଫୁଲ୍ ଓ ଗୋଲ ବେକ ଟି-ସାର୍ଟ



ସହିତ ପେୟାର କରିପାରିବେ ।

◆ ରିପ୍‌ଡ ଜିନ୍ସକୁ ଦେଖି ଏବେ ସାର୍ଟସ୍ ମଧ ଏହି ପ୍ୟାଟର୍ଣ୍ଣର ବଜାରକୁ ଆସୁଛି । ଏହା ସହିତ ଅଲଗା ଷ୍ଟାଇଲିଶ୍ ଟପ୍ ପିନ୍ଧନ୍ତୁ ।

◆ ଏମ୍ବୋଏଡୋରୀ ଡିଜାଇନ୍ ଥିବା ଅନେକ ପ୍ରକାରର ଡିଜାଇନ ମିଳିଯିବ । ପୁରୁଣା ଫ୍ୟାସନକୁ ଫଲୋ କରି ଏହାକୁ ଡେନିମ୍ ସାର୍ଟର ତେଣୁ ଏହି ପୁଣି ଥରେ ଟ୍ରେଣ୍ଡରେ ରଖାଯାଇପାରିବ । ଶିୟର ଟପ୍ ବା ନଟେଡ ସାର୍ଟ ସହିତ ଏହା ନୂଆ ଏକ ଷ୍ଟାଇଲ ଦେବ ।





◆ ଫ୍ଲୋରାଲ ପ୍ରିଣ୍ଟ୍ ଗରମ ଦିନ ପାଇଁ ଏକ ବିକଳ୍ପ ହୋଇପାରେ । ଏହି କୁଲ ଓ ଷ୍ଟାଇଲିଶ ପ୍ରିଣ୍ଟ୍ କୁ କେବଳ ଡେସେସ୍ ସହିତ ନୁହେଁ ସାର୍ଟ୍‌ସ ପାଇଁ ମଧ ବ୍ୟବହାର କରାଯାଇପାରିବ ।

## ଆଖି ନଥିବା ଜୀବ



ଦୁନିଆରେ ଏପରି ଅନେକ ଜୀବ ରହୁଛନ୍ତି ଯେଉଁମାନଙ୍କୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏହିପରି ଜୀବଜନ୍ତୁଙ୍କ ଉପରେ ବୈଜ୍ଞାନିକମାନେ ଗବେଷଣା କରୁଛନ୍ତି । ସେହିପରି ଏ ଅଜବ ଜୀବ ମେକ୍ସିକୋରେ ଦେଖିବାକୁ ମିଳିଛି । ମେକ୍ସିକୋର ସମୁଦ୍ର କୂଳରେ ଏହି ଅଜବ ଜୀବକୁ ଲୋକମାନେ ଦେଖିଥିଲେ ଓ ତା'ର ଆଖିନାହିଁ ଓ ତାର ଦାନ୍ତ ମୁନିଆଁ । ତାର ମୁଣ୍ଡ ଡଲ୍‌ଫିନ୍ ପରି କିନ୍ତୁ ତାର ଲାଞ୍ଜ ବେଙ୍ଗ ଛୁଆ ପରି । ସ୍ଥାନୀୟ ଲୋକମାନଙ୍କ ଅନୁସାରେ ପ୍ରଶାନ୍ତ ମହାସାଗରର ଗଭୀରତମ ପ୍ରଦେଶରୁ ଏହା ବାହାରକୁ ଚାଲି ଆସିଛି ଓ ପାଣିର ସ୍ରୋତରେ କୂଳକୁ ଆସିଯାଇଛି । କୁହାଯାଉଛି ଯେ ପାଣିର ଗଭୀରତାକୁ ସୂର୍ଯ୍ୟଙ୍କ କିରଣ ପହଂଚିପାରେ ନାହିଁ । ସେଥିପାଇଁ ସେଠାରେ ବିନା ଆଖି ଥିବା ଜୀବ ରହନ୍ତି । ପ୍ରଥମରୁ ଲୋକମାନେ ଏହାକୁ ଏକ ମୃତ ଡଲ୍‌ଫିନ ବୋଲି ଭାବିଥିଲେ । ପ୍ୟୁର୍ଟୋ ଭାଲାର୍ଟାର ଏକ ହଜାର ମିଟରର ଗଭୀରତାରେ ଏକ ସମୁଦ୍ରୀ କ୍ଷେତ୍ର ରହିଛି । ସେହି ସ୍ଥାନରୁ ଏହି ଜୀବଟି ଆସିଥିବାର ଅନୁମାନ କରାଯାଉଛି । କିଛି ଦିନ ପୂର୍ବରୁ କାଲିଫର୍ଣ୍ଣିଆର ୟୁସୀ ସାନ୍ତା ବାରବରାର ଆମେରିକାନ ରିଭିଏରା କୂଳରେ ୭ଫୁଟ ଲମ୍ବାର ଏକ ଅଜବ ମାଛ ଦେଖାଯାଇଥିଲା । ଅନ୍ୱେଷଣକାରୀମାନେ ତାହା ହୁଡୱିଙ୍କର ସନଫିସ ବୋଲି କହିଥିଲେ । ସେମାନଙ୍କର ଅଧିକ ସମୟ ଲୁଚି ରହିବାର କ୍ଷମତା ଥାଏ ।

## ଚକ୍କି ସବ୍‌ଜି



ଆମେ ଏଥର ରାଜସ୍ଥାନର ଏକ ପାରମ୍ପରିକ ଖାଦ୍ୟ ବିଷୟରେ ଉଲ୍ଲେଖ କରିଛୁ । ଆଶା କରୁଛୁ ପାଠକମାନଙ୍କୁ ଏହାର ରେସିପି ନିଶ୍ଚିତ ଭାବ ପସନ୍ଦ ଆସିବ । ଏହାକୁ ରାଜସ୍ଥାନୀ ଚକ୍କି କି ସବ୍‌ଜି ବୋଲି କୁହାଯାଏ । ଏହା କୌଣସି ପନିପରିବା ନୁହେଁ, ବରଂ ଅଟାରେ ପ୍ରସ୍ତୁତ ହୋଇଥାଏ । ରାଜସ୍ଥାନର ଗ୍ରାମାଞ୍ଚଳର ଲୋକମାନେ ଏହାକୁ ବିଶେଷ ଭାବେ ପ୍ରସ୍ତୁତ କରିଥାଆନ୍ତି । ପୂଜା ପର୍ବ ଅବସରରେ ଅଧିକାଂଶ ରାଜସ୍ଥାନୀ ପରିବାରରେ ପ୍ରସ୍ତୁତ ହୋଇଥାଏ ଏହି ତରକାରୀ । ଏହାର ସ୍ୱାଦ ମଧ ବେଶ୍ ବଢ଼ିଆ । ତା' ହେଲେ ଆସନ୍ତୁ ଜାଣିବା କିଭଳି ଭାବେ ପ୍ରସ୍ତୁତ ହୋଇଥାଏ ଚକ୍କି କି ସବ୍‌ଜି ।

**ପ୍ରସ୍ତୁତି:**
ଚକ୍କି କି ସବ୍‌ଜି ତିଆରି କରିବା ପାଇଁ ମୁଖ୍ୟ ଉପାଦାନ ଅଟା । ଏହାକୁ ସ୍ୱାଦିଷ୍ଟ କରିବା ପାଇଁ ଏଥିରେ ଆଉ କିଛି ଉପାଦାନ ମିଶିଥାଏ । ଯାହା ତରକାରୀର ସ୍ୱାଦକୁ ବଢ଼ାଇଥାଏ । ଏଥର ଆସନ୍ତୁ ଜାଣିବା କେଉଁ ଉପାଦାନ କେତେ ପରିମାଣରେ ନେବାକୁ ହେବ । ଚକ୍କି ସବ୍‌ଜି ତିଆରି କରିବାକୁ ଚାହୁଁଥିଲେ ଆପଣମାନେ ଏହି ଭାଗମାପ ଉପରେ ନଜର ପକାନ୍ତୁ । ଅଟା ୪ କପ୍, ତେଲ ୩ ରୁ ୪ ବଡ଼ ଚାମଚ, ଜୀରା ୧/୪ ଛୋଟ ଚାମଚ, ଡାଲଚିନି ୧ ଇଞ୍ଚ, ଗୋଲମରିଚ ୭/୮ଟା, ଲବଙ୍ଗ ୩ଟି, ବଡ଼ ଅଳେଇଚ ୧ଟି, ହେଙ୍ଗୁ ଚିମୁଟାଏ, ଟମାଟୋ ୨ଟା, କଞ୍ଚାଲଙ୍କା ୨ଟା (ଚୂନା କରିଦେବେ), ଅଦା ଅଧଇଞ୍ଚ, ହଳଦୀ ଗୁଣ୍ଡ ଅଧ ଛୋଟ ଚାମଚ, ଧନିଆ ଗୁଣ୍ଡ ୧ ଛୋଟ ଚାମଚ, କାଶ୍ମିରୀ ଲଙ୍କାଗୁଣ୍ଡ ୧ ଛୋଟ ଚାମଚ, କସୁରି ମେଥି ୧ ବଡ଼ ଚାମଚ, ଦହି ଚଉଠେ କପ୍, ମଲେଇ ବା କ୍ରିମ୍ ଚଉଠେ ଚାମଚ, ଲୁଣ ସ୍ୱାଦ ଅନୁସାରେ, ଗରମ ମସଲା ଚଉଠେ ଚାମଚ, ଧନିଆ ପତ୍ର ୨ ବଡ଼ ଚାମଚ, ଚିନି ଅଧା ଚାମଚ, ବେକିଂ ସୋଡ଼ା ଚଉଠେ ଚାମଚ, ଧଳାରାଶି ଚଉଠେ ଚାମଚ, ଘିଅ ୧ ଛୋଟ ଚାମଚ ।

ଅଟାର ଚକ୍କି ତିଆରି କରିବା ପାଇଁ ପ୍ରଥମେ ଯେ କୌଣସି ବଡ଼ ପାତ୍ରରେ ୪ କପ୍ ଅଟା ନିଅନ୍ତୁ । ଏହାପରେ ସେଥିରେ ଆବଶ୍ୟକ ଅନୁସାରେ ପାଣି ଦେଇ ଅଟାକୁ ଭଲ କରି ଚକଟି ରଖନ୍ତୁ । ଅଧିକ ପାଣିଆ ଯେମିତି ନହୁଏ ଖିଆଲ ରଖିବେ । ଅଧଘଣ୍ଟା ପରେ ଆଉ ଏକ ବଡ଼ ପାତ୍ରରେ ଚକଟା ହୋଇଥିବା ଅଟା ରଖି ତାକୁ ୪ରୁ ୫ ଥର ଧୋଇଦିଅନ୍ତୁ । ଏହାପରେ ସେହି ଅଟା ଉପରେ ୧୦ ମିନିଟ୍ ପର୍ଯ୍ୟନ୍ତ କୌଣସି ଓଜନିଆ ଜିନିଷ ଚାପି ରଖନ୍ତୁ । ଏପରି କରିବା ଦ୍ୱାରା ଅଟାରୁ ସବୁତକ ପାଣି ବାହାରିଯିବ । ଏଥର ସେହି ଅଟାକୁ ୪ରୁ ୫ ପିସ୍ କାଟି ଦିଅନ୍ତୁ । ଏହାପରେ ଗ୍ୟାସ୍ ଅନ୍ କରି ଏକ ପାତ୍ରରେ ପାଣି ଗରମ କରନ୍ତୁ । ପାଣି ଫୁଟି ଆସିଲେ କଟା ହୋଇଥିବା ଅଟା ଦଳାକୁ ତା' ମଧରେ ପକାନ୍ତୁ । ୨୦ ମିନିଟ ମଧମ ଆଞ୍ଚରେ ଫୁଟିଲା ପରେ ଦେଖିବେ ଅଟା ପିସ୍‌ଗୁଡ଼ିକୁ ଫୁଲିଯାଇଥିବ । ଏଥର ସେହି ପିସ୍‌ଗୁଡ଼ିକୁ ପାଣିରୁ ଛାଣି ଅଲଗା ରଖିବାକୁ ହେବ । ସେହି ପିସ୍‌କୁ ଆହୁରି ଛୋଟ ଛୋଟ କରି କାଟି ଦିଅନ୍ତୁ । ଏହାପରେ କରେଇରେ ତେଲ ଗରମ କରି ଏହି ପିସ୍‌ଗୁଡ଼ିକ ସୁନେଲି ରଙ୍ଗର ହେବାଯାଏ ଭାଜନ୍ତୁ । ଏଥର ସବ୍‌ଜିର ମସଲା ପ୍ରସ୍ତୁତ କରିବାର ପାଳି । ଏକ ପ୍ୟାନ୍‌ରେ ୨ ଛୋଟ ଚାମଚ ତେଲ ଗରରମ କରି ସେଥିରେ ଜୀରା, ତେଜପତ୍ର, ଡାଲଚିନି, ଗୋଲମରିଚ, ଲବଙ୍ଗ, ବଡ଼ ଅଳେଇ ଏବଂ ହେଙ୍ଗୁ ପକାନ୍ତୁ । ଏହି ମସଲାକୁ ହାଲୁକା ଭାଜି ଦିଅନ୍ତୁ । ଏହାପରେ ୨ଟି ଟମାଟୋ, କଞ୍ଚାଲଙ୍କା, ଅଦାର ପେଷ୍ଟ ତିଆରି କରନ୍ତୁ । ଏହି ପେଷ୍ଟକୁ ମସଲା ଭଜା କରେଇରେ ମିଶାଇ ହାଲୁକା ଆଞ୍ଚରେ କଷନ୍ତୁ । ଟିକେ କଷି ହୋଇଆସିଲେ ସେଥିରେ ହଳଦି, ଧନିଆ ଗୁଣ୍ଡ, କାଶ୍ମିରୀ ଲଙ୍କାଗୁଣ୍ଡ, କସୁରି ମେଥି ପକାଇ ମସଲାକୁ ଭଲ କରି ଫେଣ୍ଟନ୍ତୁ । ଏହା ପରେ ସେଥିରେ ମଲାଇ ନହେଲେ କ୍ରିମ୍ ମିଶାଇ ଟିକେ ଏପଟ ସେପଟ କରି ଦରକାର ଅନୁସାରେ ପାଣି ମିଶାନ୍ତୁ । ମସଲା ଫୁଟି ଆସିଲେ ଆଗରୁ ଛାଣି ରଖିଥିବା ଅଟାର ଚକ୍କିଗୁଡ଼ିକୁ ମିଶାନ୍ତୁ । ସ୍ୱାଦ ଅନୁସାରେ ଲୁଣ ଏବଂ ଗରମ ମସଲା ମିଶାନ୍ତୁ । ହାଲୁକା ଆଞ୍ଚରେ ୬ରୁ ୭ ମିଟର ପର୍ଯ୍ୟନ୍ତ ଫୁଟିବାକୁ ଛାଡ଼ିଦିଅନ୍ତୁ । ଶେଷରେ ଧନିଆ ପତ୍ର ପକାଇ ରୁଟି କିମ୍ବା ପୁରି ସହିତ ପରିବେଷଣ କରନ୍ତୁ ।

## ପୃଥିବୀର ନିର୍ଜନତମ ସ୍ଥାନ

ଗବେଷକମାନେ ପୃଥିବୀରେ ଏକ ଜଳଭାଗ ଠାବ କରିଛନ୍ତି, ଯେଉଁଠି କୌଣସି ପ୍ରକାର ଜୀବଜଗତରର ସଙ୍କେତ ନାହିଁ । ବସବାସର ସୀମା ସମ୍ପର୍କରେ ସେମାନେ ଅଧିକ ତଥ୍ୟ ଦେଇପାରିବେ ବୋଲି ଆଶାବାଦୀ । ନେଚର ଇକୋଲୋଜି ଆଣ୍ଡ୍ ଇଭୋଲ୍ୟୁସନ୍ ନାମକ ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ଅନୁସାରେ, ଇଥିଓପିୟାର ଡଲୋଲ ଭୂତାପକ କ୍ଷେତ୍ରର ଉତ୍ତପ୍ତ, ଲୁଣିଆ ଓ ଉଚ୍ଚମାତ୍ରାର ଅମ୍ଳ ପୋଖରୀରେ କୌଣସି ପ୍ରକାର ସୂକ୍ଷ୍ମ ଜୀବର ଉପସ୍ଥିତି ନାହିଁ ବୋଲି ଗବେଷକମାନେ ଜାରିବାକୁ ପାଇଛନ୍ତି । ସ୍ପାନିଶ୍ ଫାଉଣ୍ଡେସନ୍ ଫର ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର ଗବେଷକଙ୍କ ଅନୁସାରେ, ଏହା ନିରନ୍ତର ବିଷାକ୍ତ ଗ୍ୟାସ୍ ଉତ୍ପନ୍ନ କରୁଛି ଓ ତୀବ୍ର ଜଳତାପୀୟ ଗତିବିଧି ମଧ୍ୟରେ ଏହାର ପାଣି ଫୁଟୁଛି । ଗବେଷକଙ୍କ ଅନୁସାରେ, ଏହା ଆମ ଗ୍ରହର ଅନ୍ୟତମ ଉଷ୍ମ ପରିବେଶ ଯାହା ଶୀତଦିନେ ଦୈନିକ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ । ସେଥିପାଇଁ ଏହାକୁ ସେମାନେ ନିର୍ଜନତମ ସ୍ଥାନ ବୋଲି କହିଛନ୍ତି ।



## ଗରମ ବଢ଼ିବାର କାରଣ ହେଉଛି ମାଟି !

ଆମ ଚତୁଃପାର୍ଶ୍ୱରେ ଥିବା ସବୁଜିମାକୁ ଦେଖିଲେ ଅନୁଭୂତ ହୋଇଥାଏ ଯେ ସମୟକ୍ରମେ ପ୍ରଦୂଷଣ ସ୍ତର ନିୟନ୍ତ୍ରଣ କମ୍ ହେବ । ବୃକ୍ଷଲତା ଭୂମିପୃଷ୍ଠ ଓ ମନୁଷ୍ୟସମାଜକୁ ବିଭିନ୍ନ ଉପାୟରେ ରକ୍ଷା କରୁଛି । କାଲିଫର୍ଣ୍ଣିଆ ଗବେଷକଦଳ ଅନୁଧ୍ୟାନ କରିବା ପରେ କହିଛନ୍ତି, ବର୍ତ୍ତମାନ ସମୟରେ ସବୁଠୁ ଅଧିକ ପରିମାଣର ଅଙ୍ଗାରକାମ୍ଳ ମାଟିରୁ ହିଁ ବାହାରୁଛି । ପରିବର୍ତ୍ତିତ ତାପମାତ୍ରା କାରଣରୁ ଅଙ୍ଗାଳକାମ୍ଳର ସ୍ତର ବୃଦ୍ଧି ପାଉଥିବାବେଳେ ଗରମ ମଧ ଅସହ୍ୟ ହେଉଛି । ବୈଜ୍ଞାନିକଙ୍କ ମତରେ ମାଟି ସବୁଠୁ ଅଧିକ ପରିମାଣର ଅଙ୍ଗାରକାମ୍ଳ ଶୋଷି ପାରିଥାଏ । ଚତୁର୍ଦ୍ଦିଗରେ ଥିବା ବାତାବରଣଠାରୁ ଏବେ ମାଟିରେ ଅଙ୍ଗାରକାମ୍ଳର ପରିମାଣ ଅଧିକ ଥିବାର ଗବେଷଣାରୁ ସ୍ପଷ୍ଟ ହୋଇଛି । ମାଟିରୁ ବାହାରୁଥିବା ଅଙ୍ଗାରକାମ୍ଳ କାରଣରୁ ତାପମାତ୍ରା ଦିନକୁ ଦିନ ବଢୁଥିବାର ଗବେଷକଙ୍କ ମତ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୮ ଜୁଲାଇ ୨୦୨୧, ବୁଧବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ପୁଣି ଚୀନ୍‌ର ବଦ୍‌ମାସୀ ଆରମ୍ଭ...

ଚୀନ୍ ସମେତ ବିଭିନ୍ନ ପଡ଼ୋଶୀ ଦେଶ ସହ କିଛି ବର୍ଷ ହେଲା ସମ୍ପର୍କ ସ୍ୱାଭାବିକ୍ ରହୁନାହିଁ । ଏଥିସକାଶେ ସେମିତି କିଛି କାରଣ ଖୋଜାଯିବା ଦରକାର ବୋଲି କେହି ବିଚାରୁ ନାହାଁନ୍ତି । ଆମର ବୈଦେଶିକ ନୀତି ଏମିତିରେ ବିଭିନ୍ନ ଦିଗରୁ ଚାପଗ୍ରସ୍ତ ହୋଇ ରହିଛି । ବିଶେଷକରି ଏସିଆ କ୍ଷେତ୍ରରେ ଉତ୍ପନ୍ନ ସ୍ଥିତି ବହୁକାଳ ଧରି ଭାରତକେନ୍ଦ୍ରିକ ହୋଇ ରହିଥିବା ହେତୁ ପଡ଼ୋଶୀ ଦେଶମାନେ କାହିଁକି ପ୍ରରୋଚନାରେ ଶରବ୍ୟ ହେଉଥିବାର ଅଭିଯୋଗ ହେଉଛି । ବିଶେଷକରି ଚୀନ୍ କୂଟନୈତିକ ଖେଳ ଖେଳିବା ଚକ୍କରରେ ଭାରତ-ବିରୋଧୀ ଷଡ଼ଯନ୍ତ୍ର ପାଇଁ କୌଣସି ଶାଳୀନତାକୁ ମାନୁନଥିବାର ଅନେକ ପ୍ରମାଣ ରହିଛି । ବିଶ୍ୱସ୍ତରରେ ନିଜର କାର୍ଯ୍ୟକଳାପ ପାଇଁ ଏକପ୍ରକାର ଏକଘରକଆ ହୋଇସାରିଥିବା ଚୀନ୍ ନିଜ ଜିଦ୍‌ଖୋର ନୀତିରୁ ଓହରିବା ସ୍ଥିତିରେ ନାହିଁ । ଏପରିକି ବୈଶ୍ୱିକ ମହାମାରୀର ନାଭିକେନ୍ଦ୍ର ନିଜ ଦେଶର ଉହାନ୍ ଦେଶରେ ଥିବା କଥା ବିଭିନ୍ନ ଭାବରେ ପ୍ରମାଣିତ ହୋଇସାରିଥିବା ସତ୍ତ୍ୱେ ମୁହଁ ଭୁରୁଡ଼ି ମାରିବାରୁ ପ୍ରାୟତଃ ଓହରିବାକୁ ପ୍ରସ୍ତୁତ ନାହିଁ । ଭାରତ ଏକ ଉଦୀୟମାନ ଦେଶ ଓ ଏହାର ପ୍ରଭାବକୁ ବିଭିନ୍ନ ମହଲରେ ସ୍ୱୀକାର କରାଯାଉଥିବା ଘଟଣା ଚୀନ୍ ଦେହରେ ଯାଉନାହିଁ । ଏକାଧିକବାର ଯୁଦ୍ଧ କରି ଭାରତ ସହ ତାହାର ଶତ୍ରୁତାର ପ୍ରମାଣ ଦେଇସାରିଥିବା ଚୀନ୍ ତାହା ଉପରେ ନିର୍ଭରଶୀଳ ପାକିସ୍ତାନକୁ ମଧ୍ୟ ଭାରତ ବିରୋଧରେ ଉସ୍‌କାଇ ଚାଲୁଥିବାର ଅନେକାନେକ ପ୍ରମାଣ ମିଳିସାରିଛି । ଗତବର୍ଷ ଗଲ୍‌ୱାନ୍ ସେକ୍ଟରରେ ଭାରତୀୟ ଇଲାକାକୁ ସଶସ୍ତ୍ର ଅନୁପ୍ରବେଶ ଓ ଭାରତର ପ୍ରତିରୋଧରୁ ଯେମିତି କିଛି ଶିକ୍ଷା ନେଇନଥିବା ଚୀନ୍ ଏବେ ସୀମାନ୍ତରେ ରଣସଜ୍ଜା ଚଳାଇଛି । ଲଦାଖ ସୀମାନ୍ତରେ ଏବେ ଉତ୍ତେଜନାପୂର୍ଣ୍ଣ ସୃଷ୍ଟି ହୋଇଥିବାରୁ ସେଠାକୁ ପନ୍ଦର ହଜାର ସୈନ୍ୟଙ୍କୁ ଭାରତ ପଠାଇଛି । ସମ୍ପୃକ୍ତ କ୍ଷେତ୍ରକୁ ପ୍ରତିରକ୍ଷା ମନ୍ତ୍ରୀ ଓ ଏପରିକି ରାଷ୍ଟ୍ରପତିଙ୍କ ଗସ୍ତ ସୂଚିତ କରୁଛି କି, ବାସ୍ତବରେ ସେଠାରେ ସ୍ଥିତି ସାମାନ୍ୟ ନାହିଁ । ଏଭଳି ଅବସ୍ଥା ଲାଗି ରହିଲେ ଚୀନ୍ ସହ ଭାରତର ମୁହାଁମୁହିଁ ବେଶୀ ଦୂର ନୁହେଁ ବୋଲି ସାମରିକ ବିଶେଷଜ୍ଞ ମହଲ ମତ ଦେଉଛନ୍ତି । ଚୀନ୍ କେତେ ବହୁ ଦଶନ୍ଧି ତଳେ ତିବ୍ବତ କ୍ଷେତ୍ରକୁ ତାହାର ସୀମାଭୁକ୍ତ କରିଦେବା କଥା ସମସ୍ତେ ଜାଣନ୍ତି । ହିମାଳୟ ପର୍ବତମାଳାର ଏହି କ୍ଷେତ୍ର ବର୍ଷ ବର୍ଷ ଧରି ସମ୍ବେଦନଶୀଳ ହୋଇ ରହିଥିବାରୁ ଧର୍ମଗୁରୁ ଦଲାଇଲାମା ଆମ ଦେଶରେ ଆଶ୍ରିତ ଅଛନ୍ତି । ତାଙ୍କର ଅନୁଗାମୀମାନଙ୍କୁ ଭାରତ କୂଟନୈତିକ ସହାୟତା ଦେଉଥିବାରୁ ଚୀନ୍ ଦେହରେ ତାହା ଯାଉନାହିଁ । ବହୁ ଦଶନ୍ଧି ପରେ ସୁଦ୍ଧା ତିବ୍ବତକୁ ଚୀନ୍ ତାହାର ଅଂଶବିଶେଷ ବୋଲି ଦାବି ରଖିଆସୁଛି । ନିକଟରେ ଚୀନ୍ ରାଷ୍ଟ୍ରପତି ସି.ପିଙ୍ଗ ତିବ୍ବତ ଗସ୍ତରେ ଆସି ସମସ୍ତ ତିବ୍ବତୀୟଙ୍କର ସୁଖୀ ଓ ସମୃଦ୍ଧିଶାଳୀ ଜୀବନ କାମନା କରିବାର ଦେଖାଯାଇଛି । ପରୋକ୍ଷରେ ସି.ଙ୍କର ବାର୍ତ୍ତା ଭାରତ ବିରୋଧରେ ସଙ୍କେତ କରୁଛି, ସୀମାନ୍ତକୁ ଲାଗିକରି ଥିବା କ୍ଷେତ୍ରରେ କ'ଣ କରାଯିବ ଓ କରାନଯିବ, ତାହା ଚୀନ୍‌ର ମର୍ଜି ଉପରେ ନିର୍ଭର କରୁଛି । ଦେଶର ଆଜୀବନ ପ୍ରେସିଡେଣ୍ଟ ହେବାପରେ ଏହା ସି.ଙ୍କର ପ୍ରଥମ ତିବ୍ବତ ପରିଦର୍ଶନ । ତିବ୍ବତ ସମ୍ପର୍କରେ ଚୀନ୍ ନୀତି ନେଇ କୂଟନୀତିଜ୍ଞ ମହଲର ଆକଳନ, ଦେଶର ଭାରତ ବିରୋଧୀ ଦୃଷ୍ଟିଭଙ୍ଗୀ ଓ କାର୍ଯ୍ୟକଳାପ ଦେଶର ପ୍ରଥମ ଏଜେଣ୍ଡା । ଚୀନ୍ ଚଳିତ ବର୍ଷ ପାଳନ କରୁଛି ଦେଶ ପ୍ରତିଷ୍ଠାର ଶହେ ବର୍ଷ ପୂରୁଛି । ୧୯୫୧ରେ ମାଓ ଜେଦୁଙ୍ଗ୍‌ଙ୍କ ନେତୃତ୍ୱରେ ୧୯୫୧ରେ ତିବ୍ବତକୁ ଚୀନ୍ ତା'ର ସୀମା ଭିତରେ ମିଶାଇଥିଲା । ଚୀନ୍ ସହ ଭାରତର କୂଟନୈତକ ସମ୍ପର୍କ ଏବେ ସହଜ ସ୍ଥିତିରେ ନାହିଁ । କୂଟନୈତିକ ସ୍ତରରେ ସମ୍ପର୍କକୁ ସହଜ ଓ ସ୍ୱାଭାବିକ୍ କରିବା ସକାଶେ ଯେତେ ଉଦ୍ୟମ କରାଯାଉଛି, ସେଥିରୁ କିଛି ସୁଫଳ ମିଳିବା ସମ୍ଭବ ହେଉନି । ବିଶ୍ୱ ସ୍ତରରେ ଏକପ୍ରକାର ଏଖଘରକିଆ ହୋଇସାରିବା ପରେ ଭାରତ ବିରୋଧୀ ଷଡ଼ଯନ୍ତ୍ର ଚଳାଇ ଜଟିଳତା ସୃଷ୍ଟି କରିବା ପାଇଁ ଚୀନ୍‌ର ଉଦ୍ୟମ ଧରାପଡ଼ିଯାଉଛି । ତାହାରି ମଧ୍ୟରେ ସୀମାନ୍ତରେ ଲାଗିରହିଥିବା ଜଟିଳତାର ଅବସାନ ପାଇଁ ଉଦ୍ୟମରେ ଭାରତ କିଛି ହେଳା କରିନାହିଁ । ଯେମିତି ହେଲେ ଚୀନ୍‌କୁ ତାହାର ନୀତି ନବଦଳାଇଲେ ଆଗକୁ ସ୍ଥିତି ଅଧିକ ଜଟିଳ ହେବ ସିନା, ଊଣା ହେବା ଭଳି ଦିଶୁନାହିଁ ।

# ପୂଜ୍ୟପୂଜାର ଦେଶ ଭାରତ



ଡ. ଲକ୍ଷ୍ମଣ ସାହୁ

ବିଭାଗୀୟ ମୁଖ୍ୟ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ - ୪

(ମୋ) : ୯୦୪୦ ୧୫୧୪୭୫

ବିଶ୍ୱସ୍ତରରେ ଭାରତ ହେଉଛି ଏକମାତ୍ର ଦେଶ ଯେଉଁଠି ଧାର୍ମିକତା, ବିଶ୍ୱାସ, ଆଧାତ୍ମିକତା, ଧର୍ମ, ସଂସ୍କୃତି ଇତ୍ୟାଦି ଅନେକ ପ୍ରକାରର ମାନବୀୟ ଗୁଣ ଭରି ରହିଛି । ବିଚାର ଦୃଷ୍ଟିରୁ ଭାରତ ବିଶ୍ୱର ସବା ଆଗରେ ଅଛି ଓ ରହିବା ମଧ ଉଚିତ । କାରଣ ଏସବୁ ସମ୍ମାନଜନକ ଗୁଣଗୁଡ଼ିକ ପାଇଁ କେବଳ ଭାରତ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ବଜାଇ ରଖିଛି । ଭାରତର ମାଟି, ଯାହାକୁ ଭାରତରେ ଜନ୍ମ ଦିଏ ଓ ସେମାନଙ୍କ ସମ୍ପର୍କୀୟ ମାନଂକ ସଂପର୍କରେ ଯଦି ମିଶେ, ତା'ର ଆଧାତ୍ମିକ ଜ୍ଞାନାର୍ଜନ ଲାଭ ହୋଇଥାଏ । ସାମାଜିକ ସ୍ତରରେ ହେଉ ଅବା ଯେକୌଣସି କ୍ଷେତ୍ରରେ ହେଉ ଆମେ କିଛି ବ୍ୟତିକ୍ରମ କରିବା ଅନୁଚିତ । କାରଣ ଏଠାରେ ଆମେ ସମସ୍ତେ ଭାରତୀୟ ନାଗରିକ । ପିତାମାତାଙ୍କୁ ଓ ଗୁରୁଜନ ମାନଙ୍କ ପ୍ରତି ସମ୍ମାନ ଦେବା ଆମର ନୈତିକ କର୍ତ୍ତବ୍ୟ କେବଳ ନୁହେଁ, ଏହା ସମସ୍ତଙ୍କର ସର୍ବକାଳୀନ ପ୍ରାଚୀନ ପରମ୍ପରା । ଆମେ ସମସ୍ତେ ନିଜର ସକରାତ୍ମକ ମନୋଭାବ, ସେବା, ସମ୍ମାନ, ଦାୟିତ୍ୱ ବୋଧ ଯେତିକି ନିଜ ହୃଦୟରେ ରଖି ପାରୁଛେ, ବୋଧହୁଏ କେହି କେବେ ଦୁନିଆର ଅନ୍ୟ କୌଣସି ସ୍ଥାନରେ କି ଦେଶରେ ଦେଖି ପାରି ନଥିବ ।

କିନ୍ତୁ ଏ କରୋନା ସମୟରେ ଆମେ ଯଦି କାହା ସହ ତିକ୍ତତା ଆଚରଣ କରିବା ବା କାହାପ୍ରତି ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରିବା ତାହା ସଂସ୍କୃତି ପ୍ରତି ଯେତିକି ଆଘାତ ସୃଷ୍ଟି କରିବ, ତାହା ଠାରୁ ଅଧିକ ଆମ ଜଣାଶୁଣା ଦେଶରେ ଭାରତର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବ, ଏହା କେବେ ଅସମ୍ଭବ ନୁହେଁ । ଏଥିପାଇଁ ଭାରତର ପ୍ରତ୍ୟେକ ଯୁବଗୋଷ୍ଠୀଙ୍କୁ ସଚେତନତା ହେବାକୁ ପଡିବ ?। ଏହି ସାମାନ୍ୟ ତମ ତ୍ରୁଟିକୁ ସୁଧାରି ନେବାକୁ ହୁଏତ ସହସ୍ରାଧିକ ସମୟ, ଦିନ, ମାସ, ବର୍ଷ, ମହାନ ଭାରତକୁ ଅପେକ୍ଷା କରିବାକୁ ପଡିବ । ଏଠାରେ ସକଳ ଅନ୍ଧକାରକୁ ଦୂରେଇ ଦେବା ପାଇଁ ସକରାତ୍ମକ ଢଙ୍ଗରେ ସମର୍ଥନ, ସହଯୋଗ ଏବଂ ନିଷ୍ଠାର ଆବଶ୍ୟକତା ରହିଛି । କୌଣସି ପ୍ରକାରରେ ଆମେ ଆମର ଯୁଗ ଯୁଗର ଆଧାତ୍ମିକ ଧାନ ଯୋଗ ଓ ବ୍ୟକ୍ତିତ୍ୱକୁ ପରାଜିତ ହେବାକୁ ଦେବା ନାହିଁ । ଆମର ଆଧାତ୍ମିକ ଜୀବନ ବିଶ୍ୱର ବହୁ ରାଷ୍ଟ୍ରର ଧାନ ଆକର୍ଷଣ କରିଛି । ଏବେ ନିଜ ଘର, ପରିବାର, ପିତାମାତା ଚିନ୍ତିତ ଅବସ୍ଥାରେ ଗତି କରୁଛନ୍ତି । ସେମାନେ ଯାହା ନିଜର ସନ୍ତାନ ଠାରୁ ଆଶା କରୁଛନ୍ତି, ତାହା ପାଉନାହାନ୍ତି । ପିତାମାତାଙ୍କ ପ୍ରତି ଥିବା ସାମାନ୍ୟ ତମ କର୍ତ୍ତବ୍ୟ, ସମ୍ମାନ ବୋଧ ନାହିଁ କହିଲେ ଚଳେ । ସେମାନଙ୍କ ଉତ୍ତର ବୟସରେ ଜରାଶ୍ରମରେ ଛାଡି ଦେଉଛନ୍ତି । ପିତାମାତା, ପରିବାର ପ୍ରତି ଥିବା ଦାୟିତ୍ୱବୋଧ ଧାନକୁ ବିଭ୍ରାନ୍ତ କରୁଛନ୍ତି । ଆମର ପିତାମାତା, ସର୍ବଶ୍ରେଷ୍ଠ ଭଗବାନଙ୍କ ସ୍ଥାନରେ ବିରାଜମାନ ଅଟନ୍ତି । ମାନିବାକୁ ହେବ ଯେ ଜଗତରେ କେବଳ ସର୍ବୋପରି ପିତାମାତାଙ୍କ ସ୍ଥାନ ଆଲ୍ଲା, ଯୀଶୁ, ଭଗବାନ, ଈଶ୍ୱରଙ୍କ ଉପରେ । ବେଦରେ ଉଲ୍ଲେଖ କରାଯାଇଥିବା ଈଶ୍ୱରଙ୍କ ବ୍ୟତୀତ ଅନେକ ଉଦାହରଣ ଅଛି, ସେଥିରେ ପିତା/ମାତାଙ୍କୁ

> ଯେତେବେଳେ ଶିଶୁଟି ବଡ ହୁଏ, ସେ ଅନୁଭବ କରି ପାରେ କିଛି କରିପାରିବ । ତା'ସ୍ତ ମଧ ତା'କୁ ପିତାମାତାଙ୍କ ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ହେବ । ସେମାନଙ୍କ ପରାମର୍ଶକୁ ଆବଶ୍ୟକ ଅନୁସାରେ ମାନିନେଇ ଚଳିବାକୁ ପଡିବ । କାରଣ ପିତାମାତା ଯେଭଳି ବୁଝନ୍ତି, ସେମାନଙ୍କ ସହ ସମ୍ପର୍କ ରହିଛି । ପ୍ରତ୍ୟେକ ଯୁବକ/ଯୁବତୀ ପିତାମାତାଙ୍କୁ ଭଲ ପାଇବା ସହିତ ସେମାନଙ୍କୁ ସମ୍ମାନ ଦେବା ଉଚିତ, କାରଣ ପିତାମାତା ହିଁ ସେମାନଙ୍କ ଏକମାତ୍ର ବିକଳ୍ପ ।

ସର୍ବଶ୍ରେଷ୍ଠ ବୋଲି କୁହାଯାଇଛି । ବେଦରେ କୁହାଯାଇଛି ଯେ ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ । ଆଜିର ଭାରତୀୟ ଯୁବକମାନଙ୍କ ପିତାମାତାଙ୍କ ପାଇଁ ସମୟ ଦେବାକୁ ସମୟ ନାହିଁ । ଭାରତୀୟ ସମାଜରେ ପିତା/ମାତାଙ୍କ ସେବା ହିଁ ସମସ୍ତ ଧର୍ମରେ ଉତ୍ତମ କାର୍ଯ୍ୟର ମୂଳ କେନ୍ଦ୍ର ବିନ୍ଦୁ । ପିତାମାତାଙ୍କ ସେବା ବେଦରେ ଥିବା ପାଞ୍ଚ ମହାଯଜ୍ଞ ସହିତ ସମାନ ବୋଲି ଦର୍ଶାଯାଇଛି । ସେମାନଙ୍କ ସେବାର ମହାନତା ଧର୍ମରେ ପୂର୍ଣ୍ଣତା ଆଣେ । ଘର ମଧ୍ୟରେ ପୂଜିତ ଦେବତାଙ୍କ ମଧ୍ୟରେ ପିତାମାତାଙ୍କ ସ୍ଥିତି ହେଉଛି ସର୍ବୋଚ୍ଚ ଶୀର୍ଷରେ, ସେହିଁ ପ୍ରତ୍ୟକ୍ଷ ଚଳନ୍ତି ଠାକୁର । ଭାରତ ବର୍ଷରେ ପିତାମାତାଙ୍କ ମିଳନରୁ ମାତୃଗର୍ଭରେ ଜୀବାତ୍ମା ବଢି ଜନ୍ମ ନିଏ । ଜନ୍ମରୁ ସନ୍ତାନ ପ୍ରତି ପିତା ମାତାଙ୍କ ଦାୟିତ୍ୱ କେତେ ତାହା କଳନା କରିବା ସମ୍ଭବ ନୁହେଁ । ସେଭଳି ପିତାମାତାଙ୍କ ଋଣ ପରିଶୋଧ କରିବା ସନ୍ତାନ ପାଇଁ କେବେ ସମ୍ଭବ ହୋଇନାହିଁ ।

ଭାରତୀୟ ମାଟିରେ ଜନ୍ମ ହେବା ଈଶ୍ୱରଙ୍କ ଏକ ମହାନ ଅନୁଗ୍ରହ । କିନ୍ତୁ ଏହି ଦେଶରେ ଯିଏ ଜନ୍ମ ନେଇ ପିତାମାତା ଓ ଗୁରୁଜନମାନଙ୍କ ସେବା ନକରି କିଛି ପୁଣ୍ୟ ଅର୍ଜନ କରେ ନାହିଁ, ତା'ର ଜୀବନ ପଶୁ ସହିତ ସମାନ । ଭାରତ ମାଟିରେ କେତେ ଦେବତା ଜନ୍ମ ନେଇ ଜପ, ତପ କରି ଧର୍ମ ଅର୍ଜନ କରିଛନ୍ତି, ତା' ଅପେକ୍ଷା ପିତାମାତାଙ୍କ ଆଶୀର୍ବାଦ ସବୁ ପୁଣ୍ୟ ଠାରୁ ଉର୍ଦ୍ଧ୍ୱରେ । ପିତାମାତାଙ୍କ ସ୍ଥାନ ସର୍ବାଧିକ । କିନ୍ତୁ ଏକଥା ସତ୍ୟଯେ ସାଧୁ ସନ୍ଥମାନେ ଜପ, ତପ , ଉପବାସ କରିବା ଦ୍ୱାରା ଆଧାତ୍ମିକ ଚେତନାର ଶକ୍ତିଶାଳୀ ହୋଇଥାନ୍ତି । ଉପବାସରେ ଆଧାତ୍ମିକ ତଥା ବୈଜ୍ଞାନିକ ଗୁରୁତ୍ୱ ରହିଛି । ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଶରୀରକୁ ବୈଜ୍ଞାନିକ ରୂପରେ ସୁସ୍ଥ ରଖିବା । ଆଧାତ୍ମିକ ଭାବରେ ମନ ଏବଂ ଆତ୍ମା ? ?ଉପବାସ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ବିଭିନ୍ନ ତିଥି ଓ ଦିବସରେ ବିଭିନ୍ନ ଉପାୟରେ ମନ ଏବଂ ଶରୀରକୁ ଏହା ପ୍ରଭାବିତ କରିଥାଏ । ତେଣୁ ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ତାରିଖ ଏବଂ ଦିନରେ ଉପବାସ ରଖାଯାଇଛି । ନିର୍ଦ୍ଦିଷ୍ଟ ତିଥିରେ କିମ୍ବା ଦିନରେ ଉପବାସ ପାଳନ କରି କେବଳ ଶରୀର ଏବଂ ମନକୁ ଶୁଦ୍ଧ ପବିତ୍ର କରି ହୁଏ ନାହିଁ, ବରଂ ଇଚ୍ଛାକୁ ପୂରଣ କରି ହୁଏ । କିନ୍ତୁ ଏହାର ଅର୍ଥ ନୁହେଁ ପରିବାରର ଭିତରେ ପିତାମାତା, ଗୁରୁଜନଙ୍କୁ ଭୁଲି ଆମେ ଏସବୁ କରିବା ଉଚିତ୍ ବୋଲି । ଯଦି ପ୍ରାଚୀନ କାଳକୁ ଦୃଷ୍ଟି ଦେବା, ତେବେ ସେ ସମୟରେ ଶ୍ରବଣ କୁମାରଙ୍କ ବିନା ଆଉ କାହାର ଦୃଷ୍ଟାନ୍ତ ଦିଆଯାଇ ପାରିବ ନାହିଁ । କିନ୍ତୁ ସାଂପ୍ରତିକ ପରିବର୍ତ୍ତିତ ପରିବେଶରେ ସେଦିନର ଶ୍ରବଣ କୁମାରଙ୍କୁ ଦେଖିବାକୁ ମିଳିବ ନାହିଁ । ପିତୃସତ୍ୟ ପାଳନ କରିଥିବା ରାମଚନ୍ଦ୍ର ପିତାମାତାଙ୍କ ଆଜ୍ଞା ବା ଆଦେଶ ପାଳନର ଦୃଷ୍ଟାନ୍ତ ମଧ ନିଆଯାଇପାରେ । ସାଂପ୍ରତିକ ପରିସ୍ଥିତି ଓ ପରିବେଶ ଅନୁଯାୟୀ, ପିଲାମାନଙ୍କ ବହୁତ ପରିବର୍ତ୍ତନ ଆସିଛି, ଏବେ ଏହା ସେମାନଙ୍କ ନିମନ୍ତେ ଅତୀତର ବିଷୟ ନୁହେଁ ।

ପିଲାଙ୍କ ପାଇଁ ପିତାମାତାଙ୍କ ଉପସ୍ଥିତି ଅତ୍ୟନ୍ତ ଜରୁରୀ, ଯେମିତି ଉଦ୍ଭିଦ ପ୍ରତିପୋଷଣର ଗୁରୁତ୍ୱ ଉପଲବ୍ଧ ହୁଏ, ଠିକ୍ ସେହିପରି ପିଲାମାନଙ୍କର ଗୁରୁତ୍ୱ ରହିଛି । ସାମାଜିକ ସ୍ତରରେ ଜୀବଜଗତରେ କିଛି ଅଲୋଡା ନୁହେଁ । ପିଲାମାନଙ୍କୁ ବଂଚାଇବାରେ କେବଳ ପିତାମାତାଙ୍କ ଦାୟିତ୍ୱ ନୁହେଁ, ସମାଜକୁ ମଧ ସମାନ ଦାୟିତ୍ ନିର୍ବାହ କରିବାକୁ ପଡିବ । ଖାଲି ଯାହା ଜଳ, ଖତ ଇତ୍ୟାଦି ସହିତ ଜଳସେଚନ କରି ଦେଲେ ଭଲ ଅମଳ ହେବ, ତାହା ଭାବିବା ଅମୂଳକ, କାରଣ ପାରିପାର୍ଶ୍ୱିକ ଅବସ୍ଥିତିକୁ ଧାନ ଦେବାକୁ ପଡ଼ିବ । ଯେମିତି କାଠର ଆବଶ୍ୟକତା ପାଇଁ ଏକ ବୃକ୍ଷ ରୋପଣ କରିବାକୁ ପଡ଼ିଥାଏ । ସେହିଭଳି ପ୍ରତ୍ୟେକ ପିତାମାତା ମଧ ପିଲାକୁ ସାର ଅର୍ଥାତ୍ ନୈତିକ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଇ ପିଲାଟିକୁ ସାମାଜିକ କରି ଗଢି ତୋଳିନ୍ତି । ପିତାମାତାଙ୍କ ଅକ୍ଳାନ୍ତ ପରିଶ୍ରମ ହେତୁ, ଜଣେ ଶିଶୁ ନିଜର ସଫଳ ପଥରେ ଚାଲି ଚାଲି ଶେଷରେ ଏକ ବଡ ବ୍ୟକ୍ତିରେ ପରିଣତ ହୋଇଯାଏ । ସେଥିପାଇଁ ପିତାମାତାଙ୍କୁ ଶିଶୁର ପ୍ରାଥମିକ ବିଦ୍ୟାଳୟ କୁହାଯାଏ । କାରଣ ପ୍ରତ୍ୟେକ ଶିଶୁ ଜନ୍ମ ହେବା ମାତ୍ରେ ବିଦ୍ୟାଳୟକୁ ଯାଆନ୍ତି ନାହିଁ, ତେଣୁ ସେହି ସମୟରେ ତାକୁ ପ୍ରଥମ ଶିକ୍ଷା ଘରେ କେବଳ ପିତାମାତା ଦିଅନ୍ତି । ଜଣେ ପିତାଙ୍କ ଅପେକ୍ଷା ଅଧିକ ମା'ଙ୍କୁ ପରିଶ୍ରମ କରିବାକୁ ପଡ଼ିଥାଏ, ଏହାର କାରଣ ହେଉଛି ଯେ ମା'ହିଁ ନିଜ ସନ୍ତାନ ସହିତ ଚବିଶ ଘଣ୍ଟା ରହିଥା'ନ୍ତି । ତାଙ୍କର ପ୍ରତ୍ୟେକ ଦୁଃଖ ଓ ଯନ୍ତ୍ରଣାରେ ଠିଆ ହୋଇଥାନ୍ତି । ପିତାଙ୍କ ମହତ୍ତ୍ୱ ମଧ ହ୍ରାସ ହୁଏ ନାହିଁ, କାରଣ ଜଣେ ପିତା ସର୍ବଦା ନିଜ ପିଲାମାନଙ୍କୁ ଉଚ୍ଚତର ହେବାକୁ ଦେଖିବାକୁ ଚାହାଁନ୍ତି । ଏହି ସମ୍ବନ୍ଧରେ ସେ ତାଙ୍କର ସମସ୍ତ ଇଚ୍ଛାକୁ ବଳିଦାନ ଦିଅନ୍ତି । ସେ ସବୁକିଛି ପାଇଁ ଗର୍ବିତ ସତ୍ତ୍ୱେ ପିଲାଟି ଉପରକୁ ଉଠିବାକୁ ଚାହୁଁଥାନ୍ତି । ପିତାମାତାଙ୍କ ପାଇଁ ଶିଶୁଟି ଗୋଟିଏ ପରେ ଗୋଟିଏ ସିଡ଼ି ଅତିକ୍ରମ କରି ଶେଷରେ ଶେଷ ସୋପାନରେ ପହଞ୍ଚି ପାରେ । ପିତା ତାଙ୍କର ସକଳ ସୁଖ ସ୍ୱାଚ୍ଛନ୍ଦ୍ୟକୁ ବଳିଦାନ ଦେବାକୁ ସର୍ବଦା ପ୍ରସ୍ତୁତ ରହିଥାନ୍ତି । ପିତାଙ୍କ ସହଯୋଗର ତୁଳନା ନାହିଁ । ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ସର୍ବ ଦେବତା ହେଉଛନ୍ତି ।

ପିତାଙ୍କ ଏହି ଦୃଢ଼ତାର ଅବଦାନକୁ, ସାଂପ୍ରତିକ ଭାରତୀୟ ଯୁବପିଢି ବୁଝି ପାରନ୍ତି ନାହିଁ । ବୟସ୍କ ପିତା/ମାତାଙ୍କ ପାଇଁ ସେମାନଙ୍କ ସମୟ ନାହିଁ । ଯେତେବେଳେ କି ଭାରତୀୟ ସମାଜରେ ପିତାମାତାଙ୍କ ସେବା ହେଉଛି ସକଳ ଧର୍ମର ମୂଳ କେନ୍ଦ୍ର ବିନ୍ଦୁ । ସମସ୍ତ ଧର୍ମରେ, ଉତ୍ତମ ପୁଣ୍ୟ କାର୍ଯ୍ୟ ହେଉଛି ପିତାମାତାଙ୍କ ସେବା । ଯେଉଁ ପିଲା ନିଜ ପିତାମାତାଙ୍କୁ ସନ୍ତୁଷ୍ଟ କରେ ସେ ଗଙ୍ଗା ସ୍ନାନର ଫଳ ପ୍ରାପ୍ତି ହୋଇଥାଏ । ଯିଏ ପିତାମାତାଙ୍କୁ ସେବାରେ ସନ୍ତୁଷ୍ଟ କରି ଥାଏ, ସେ ସର୍ବ ସିଦ୍ଧ ଲାଭ କରେ । ଯେ ପ୍ରତ୍ୟହ ପିତାମାତାଙ୍କୁ ପ୍ରଦିକ୍ଷଣ କରେ, ସେ ସମଗ୍ର ପୃଥିବୀର ସକଳ ପବିତ୍ର ତୀର୍ଥ ପ୍ରଦିକ୍ଷଣ କରିବାର ପୁଣ୍ୟ ପାଇଥାଏ । ଯିଏ ନିୟମିତ ଭାବରେ ପିତାମାତାଙ୍କୁ ପ୍ରଣାମ କରେ ଅକ୍ଷୟ ସୁଖ ବୈଭବ ପ୍ରାପ୍ତ କରେ । ଯେପର୍ଯ୍ୟନ୍ତ ପିତାମାତାଙ୍କ ପଦରଜ ସନ୍ତାନର ମସ୍ତକରେ ଲାଗି ରହିଥାଏ, ସେପର୍ଯ୍ୟନ୍ତ ସେ ଶୁଦ୍ଧ ପବିତ୍ର ଓ ନିର୍ମଳ ରହିଥାଏ । ଓଡ଼ିଆରେ କୁହାଯାଏ ବାପ ଥିବା ପୁଅ ସଭାରେ ହାରେନା । ପିତାମାତାଙ୍କ ଆଶୀର୍ବାଦ ବିନା କେହି ଜଣେ ଜୀବନରେ କେବେବି ସଫଳ ହୋଇପାରି ନାହିଁ । ସେଥିପାଇଁ ପ୍ରତ୍ୟେକ ପିତାମାତାଙ୍କ ଉପଯୋଗିତାକୁ ଗୁରୁତ୍ୱ ଦେବା ଏବଂ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ସେମାନଙ୍କୁ ସମ୍ମାନ ଦେବା ଉଚିତ୍ । ଯେତେବେଳେ ଶିଶୁଟି ବଡ ହୁଏ, ସେ ଅନୁଭବ କରି ପାରେ କିଛି କରିପାରିବ । ତା'ସତ୍ତ୍ୱ ମଧ ତା'କୁ ପିତାମାତାଙ୍କ ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ହେବ । ସେମାନଙ୍କ ପରାମର୍ଶକୁ ଆବଶ୍ୟକ ଅନୁସାରେ ମାନିନେଇ ଚଳିବାକୁ ପଡିବ । କାରଣ ପିତାମାତା ଯେଭଳି ବୁଝନ୍ତି, ସେମାନଙ୍କ ସହ ସମ୍ପର୍କ ରହିଛି । ପ୍ରତ୍ୟେକ ଯୁବକ/ଯୁବତୀ ପିତାମାତାଙ୍କୁ ଭଲ ପାଇବା ସହିତ ସେମାନଙ୍କୁ ସମ୍ମାନ ଦେବା ଉଚିତ, କାରଣ ପିତାମାତା ହିଁ ସେମାନଙ୍କ ଏକମାତ୍ର ବିକଳ୍ପ ।

ହୃଦୟ ଓ ପ୍ରାଣ ସହିତ ପିତାମାତା, ଗୁରୁଜନ, ଶ୍ରେଷ୍ଠମାନଙ୍କୁ-ସମ୍ମାନ ଓ ପ୍ରେମ କରିବା ଉଚିତ । ଯାହା ଦ୍ୱାରା ସକଳ ଜପ, ତପ, ଯଜ୍ଞ, ତୀର୍ଥ, ଉପବାସ ଆଦିର ପୁଣ୍ୟ ଫଳ ମିଳିଥାଏ । ଏଥିପାଇଁ କୌଣସି-ମନ୍ଦିର, ଗୀର୍ଜା, ମସଜିଦ୍ ଦର୍ଶନର ଆବଶ୍ୟକତା ନାହିଁ କି ଶାସ୍ତ୍ର, ପୁରାଣ, ବେଦ ଉପନିଷଦ, ଗୀତା, ଭାଗବତ, କୋରାନ, ବାଇବେଲ ପଠନର ଆବଶ୍ୟକତା...!!!

# ପ୍ରଶ୍ନବାଚୀ ମନର ପ୍ରଶ୍ନ



ଶିବ ପ୍ରସାଦ ବାହିନୀପତି

ଚକ ବୁଲୁଥିଲେ ଅଖ ବୁଲୁଥାଏ
ବୁଲି ପଡୁଥାଏ ପହି
ସଂସାର ଭିତରେ ଘର କରିଥିଲେ
ପଥର ପଡ଼ିଲେ ସହି ।।

ସଂସାରରେ ଥିଲେ ଅନେକ ଦୁଃଖ, କ୍ଳେଶ, ଯନ୍ତ୍ରଣା ଦେଇ ଗତି କରିବାକୁ ପଡ଼ିଥାଏ । ଜୀବନରେ କେବେ କେବେ ହସଖୁସି ତ କେତେବେଳେ ଅମାପ ଅଶ୍ରୁବାରିର ବୃଷ୍ଟି, ସବୁକିଛିକୁ ତାଳ ଦେଇ ଗତି କରିବାକୁ ହୁଏ । ସବୁକିଛିର ସମାଧାନ ସହନଶୀଳତା, କିନ୍ତୁ ବେଳେ ବେଳେ ସହ୍ୟଶକ୍ତି ବି ହାର ମାନିଯାଏ ପରିସ୍ଥିତି ପାଖରେ । ଭାର ବୋହିବାର ସାମର୍ଥ୍ୟ ଦୁର୍ବଳ ହୋଇପଡ଼େ, ଆବଶ୍ୟକତାଠୁ ଅଧିକ ଭାର ସହନଶୀଳତାର ବାହାରେ । ମରି ମରି ବଞ୍ଚିବାଟା ବି ସାର , ଯେମିତି ମୁଁ ଉଦାହରଣ ।

ଜୀବନର ଜଟିଳ ଜ୍ୟାମିତି କଷୁ କଷୁ ସବୁ ପରିମାପ ଭୁଲ୍‌ରେ ବଦଳି ଯାଏ ମୋର; ଜନ୍ମରୁ ଏଯାବତ ଯନ୍ତ୍ରଣାର ଅନଳରେ ଜଳି ଜଳି ଅର୍ଦ୍ଧଦଗ୍ଧ ମଡ଼ାଟିଏ ପାଲଟି ଯାଇଛି । ସତ୍ୟ, ନ୍ୟାୟ, ଧର୍ମକୁ ପାଥେୟ କରି ହାରି ଯାଇଛି ମୁଁ ଏଇ ସଂସାର ପଥରେ । ଲୁହ, କୋହ ଆଉ ଯନ୍ତ୍ରଣା ମୋର ଚିର ସାଥି ହୋଇ ରହି ଯାଇଛି ଜନ୍ମରୁ ଏପର୍ଯ୍ୟନ୍ତ । ସତରେ; ସତ୍ୟର ସାରଥୀ ଆଉ ନ୍ୟାୟର ନରେଶ ହେବା କ'ଣ ମସ୍ତବଡ଼ ଭୁଲ୍ ଧର୍ମର ଯଷ୍ଟି ଧରି ପଥଚାରଣ କରିବା କ'ଣ ଅପରାଧ ? ତେବେ ଏ ଜୀବନର ମାନେ କ'ଣ ଅନ୍ୟାୟ, ଅସତ୍ୟ ଓ ଅଧର୍ମ ଆଚରଣ? ବହୁଦିନରୁ ଖୋଜୁଛି ଉତ୍ତର, ପାଇନି ଏଯାଏଁ ।

ଭୂମିଷ୍ଠ ହେବା ପରଠୁ ସେଇ କୁଆଁ କୁଆଁ କାନ୍ଦଟା ଓ ଏତେ ଅଭ୍ୟସ୍ତ ହୋଇଯାଇଛି ଯେ ଆଉ ତାକୁ ଛାଡ଼ି ହେଉନି । ପ୍ରତି ମୁହୂର୍ତ୍ତରେ ମରୁଛି, ଜୀବନ୍ତ ଶବ ପ୍ରାୟ ପଡ଼ି ରହିଛି ସଂସାର ପଥ ଧାରେ । ସମସ୍ତେ ଆପଣାର ଭାବନାଟି ମୋର ସତେ ଅବା ମିଛ ପାଲଟି ଯାଉଛି । ଆପଣା-ଆପଣା ବୋଲୁଥିବା ଲୋକମାନେ ମୋର କେତେ ଆପଣାର ବୁଝିବାକୁ ଆଉ ବାକିନାହିଁ । ସବୁକିଛି ଦିବାଲୋକରେ ସ୍ପଷ୍ଟ ହୋଇଯାଇଛି । ତଥାପି ବଞ୍ଚିଛି, ଟେକି ଦେଇଛି ଦୁଇ ହାତ ଧର୍ମକୁ । ବିଚାର ତା'ର, ମୁଁ ତ ନିମିତ୍ତ ମାତ୍ର ।

ଜାତରୁ ଏଯାବତ ଯନ୍ତ୍ରଣା ମୁର୍ଚ୍ଛିନି ପାଶ; ପାଇଛି ଖାଲି ଲୁହ, ମିଳିଛି ଯନ୍ତ୍ରଣା । କାହାଠୁ ପାଇନି ଟିକେ ସ୍ନେହ, ଶ୍ରଦ୍ଧା କି ଭଲପାଇବା; ସେଥିଲାଗି ବୋଧହୁଏ ମୁଁ କବିଟିଏ କି ଲେଖକଟିଏ ହୋଇପାରିଛି । ଜୀବନର ଗୀତ ଲେଖୁ ଲେଖୁ କେତେବେଳେ ଜୁଆର ମାଡ଼ି ଆସିବ, ସବୁକିଛିକୁ ପରିଷ୍କାର କରି ପୋଛି ନେଇଯିବ । ଜୀବନ କାହାଣୀ ବଖାଣୁ ବଖାଣୁ କେତେବେଳେ ଯେ ରାତ୍ରି ଆସିଯିବ, ବୁଜି ହୋଇଯିବ ଦୁଇ ଆଖି । ମିଛ ନିନ୍ଦା, ଅପବାଦର ଭାର ବୋହି ବୋହି କୁର୍ମ ହୋଇପଡ଼ିଥିବା ମଣିଷଟିର ଜୀବନ କେତେବେଳେ ଜଳି ପୋଡ଼ି ପାଉଁଶ ହୋଇଯିବ ଅଚାନକ ଭାବେ ।

ଅନେକ ଥର ନିଜକୁ ନିଶେଷ କରିବାର ପ୍ରୟାସରେ ଅସଫଳ ହୋଇଛି । ବିଷମୟ ଜୀବନର ପରିସମାପ୍ତି ହେବାର ସମୟ କ'ଣ ଆସିନି ଏଯାଏଁ ? କାହିଁକି ସରୁନି ଏ ଜୀବନ ଯାତ୍ରା ? ଆଉ କେତେ ଦୁଃଖ ଦେବାକୁ ଦୈବ ବଞ୍ଚାଇ ରଖିଛି ମୋତେ ? ମନସାଧ୍ୟ ମେଣ୍ଟିନି କି ତା'ର ? ଦେଖାହେଲେ ପଚାରନ୍ତି, ପୋଡ଼ା ଭାଗ୍ୟରେ କ'ଣ ତା'ର ଦର୍ଶନ ମିଳିବ ! ନା, ହୀନ କପାଳିଆର ସେ ସୁଯୋଗ ଆସିବ ବା କୁଆଡୁ ? ବାପା, ମାଆ, ଭାଇ, ଭଉଣୀ, ସ୍ତ୍ରୀ, ସାଙ୍ଗ-ସାଥୀ ଏବୁ ଆପଣାର ଭାବିବା କେବଳ ପ୍ରହେଳିକା ମାତ୍ର ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)





## କପୋତ କପୋତୀ

ଅମୂଲ୍ୟ କୁମାର ପଣ୍ଡା



ଘର ପଛ ଏକ ଛୋଟ ବୁଦାଟିରେ
ସୁନ୍ଦର ବସାଟେ କରି
କପୋତ କପୋତୀ ସାଥୀ ହୋଇ ଥିଲେ
ମନରେ ଆନନ୍ଦ ଭରି ।

କିଛି ଦିନ ପରେ ବସା ମଧ୍ୟେ ଅଣ୍ଡା
ଦେଲାଟି କପୋତୀ ପକ୍ଷୀ
ପାଳି ପାଳି କରି ଉଷୁମ କରନ୍ତି
ପେଟ ତଳେ ଅଣ୍ଡା ରଖି ।

ଜଣେ ବସିଥିଲେ ଅଣ୍ଡାର ଉପରେ
ଅନ୍ୟଜଣେ ଉଡି ଯାଏ
ଦିନ ପରେ ଦିନ ରାତି ପରେ ରାତି
ସମୟ ଯେ ଗଡୁ ଥାଏ ।

କିଛିଦିନ ପରେ ଅଣ୍ଡାରୁ ଶାବକ
ଫୁଟେଇ ପଦାକୁ ଆସେ
ଖୁସିରେ ବିଭୋର କପୋତ କପୋତୀ
ଛୁଆଙ୍କୁ ପାଇକି ପାଶେ ।

ଦିନରାତି ତାଙ୍କୁ ଜଣା ପଡେ ନାହିଁ
ଆହାର ଥଣ୍ଟରେ ବୋହି
ଧୀରେ ଧୀରେ ତାଙ୍କୁ ବଢାଇ ଚାଲନ୍ତି
ଶାବକ ଦୁହିଁଙ୍କୁ ଖୋଇ ।

ଶେଷେ ବଡ଼ ହୋଇ ଉଡି ଚାଲି ଯାଏ
ଆଉ ସେ ଫେରନ୍ତି ନାହିଁ
କପୋତ କପୋତୀ ଫେରିବା ବାଟକୁ
ଅନାଇ ରୁହନ୍ତି ଚାହିଁ ।

ନିଜେ ନ ଖାଇକି ଯେଉଁ ପିଲାଙ୍କୁ ସେ
ଆହାର ଦିଅନ୍ତି ମୁଖେ
ବଢ଼ିଗଲା ପରେ ନିଜ ନିଜ ବାଟେ
ଉଡି ସେ ଯାଆନ୍ତି ସୁଖେ ।

ବଡ଼ ବିଚିତ୍ର ଏ ଦଇବ ନିୟମ
ଭାବିଲେ ଲାଗଇ ଦୁଃଖ
ନିଜ ସ୍ୱାର୍ଥ ପାଇଁ ଆପଣା ଲୋକ ବି
ବୁଲାଇ ଦିଏଟି ମୁଖ ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୯୯୩୮୯୦୬୦୭୦

## ଗୋପନୀୟ କାହାଣୀ

ରଶ୍ମି ସାମଲ



ଜାଣିଛି ସେ ଶ୍ରାବଣ ଆଉ
ବର୍ଷିବନି ମୋ ଅଗଣାରେ
ଭାସି ଗଲା ମେଘ ମାଳା ହୋଇ
ଆଉ କାହା ରାତ୍ରିର ସ୍ୱପ୍ନ ପାଇଁ ।

ଭିଜେଇବ ଯାଇ ଆଉ
କେଉଁ ଅଜଣା ପୃଥିବୀକୁ ।
ନାଲି ନୀଳ ଫୁଲ ବଗିଚାରେ
ଝଡ ସୃଷ୍ଟି କରି ହଜେଇଲା ଠିକଣା ।

ଛୁଇଁ ପାରିଲିନି ବୋଲି ମନରେ
ଅନେକ ଊଣା ରହିଗଲା
କେତେ ସ୍ୱପ୍ନ ଦେଖିଥିଲି
ପବନରେ ବଣରୁ ପାରିଜାତ
ମହକ ଆଣି ପାଶେ ବିଞ୍ଚି ଦେବ ।

ନଦୀର ପଖର ସ୍ରୋତରେ
ଠେଲି ଦେଇ ଚାଲିଗଲା
ହୃଦୟରେ ସୃଷ୍ଟି ହେଲା
ବ୍ୟାକୁଳତାର ଅଦ୍ଭୁତ ଝଡ଼ ।

ସାଉଟୁଛି ଖାଲି ବାଲି ଉପରେ
ପଡିଥିବା ଭଙ୍ଗା ଶାମୁକା
ଯାହାର ଆଉ ନାହିଁ ଜୀବନ ।



ଏବେ ପାଖରେ ନା ପ୍ରେମ ନା ପ୍ରୀତି
ନିସଙ୍ଗତ ହିଁ ଚିର ସାଥି ।
ମେଞ୍ଚେ ମେଞ୍ଚେ କୋହ ସାଥେ
ବେଦନାର ସୁଅ
ଥୋପା ଥୋପା ଗଡି ଚାଲେ
ଅମାନିଆ ଲୁହ ।

+ ଭୁବନେଶ୍ୱର
(ମୋ)୯୪୩୭୧୧୫୮୬୫

## କରୋନା କାଳ

ବୃନ୍ଦାବନ ଦାସ



ଏଇ କେତେଦିନ ହେଲା
ଅଦିନ ମେଘ ଗଜଲରେ ଥରୁଛି
ଗୋଟାପଣେ ଆକାଶ
ଗଛର ଶାଖାରେ
ସଂତ୍ରସ୍ତ ନୀଳଲୋହିତ ପତ୍ରସବୁ
ଉଚ୍ଚାଟିତ ହେଉନାହାଁନ୍ତି
ବାଉଳା ପବନ ଛୁଆଁରେ ।

କେଉଁ ମରୁ ଉପତ୍ୟକାର
ଗହନ ନିରବତା ପରି
ରାସ୍ତାଘାଟ ବେଶ୍ ଶୂନଶାନ୍ ଖାଁ ଖାଁ
କୋକୁଆ ଭୟରେ
ମୁହଁ ଲୁଚାଇଛି ହତବାକ୍ ଖରା ।

ଅଖିଳ ବିଶ୍ୱରେ
ହଠାତ୍ ବ୍ୟତିକ୍ରମଟିଏ
କରୋନା ...ଆତଙ୍କର ଭିନ୍ନ ନାଁ'
ଅନତିକ୍ରମଣୀୟ କି !
ବୁଦ୍ଧି ହଜେଇଛି ମଣିଷର
ନାଁ' ସତର୍କତାକୁ ନିଜର କରି
ପୁଣି ଗୋଡ ସଳଖିବାକୁ
ଅସଜଡା ମଣିଷପାଇଁ
ସତର୍କ ଘଣ୍ଟି ସାଜିଛି ?

ଏଇ ଆଖିଦେଖିଛି
ପୁରୁଣା ପୃଥିବୀକୁ...ମେଞ୍ଚେ ଅନ୍ତରଙ୍ଗ
ଅନୁଭବଙ୍କୁ
ପୁଣି ଦେଖୁଛି ନୂଆ ଏକ ପୃଥିବୀକୁ
ଆଖି ଦେଖିବାର ଏଇ କେଇ ବର୍ଷରେ
ବିପର୍ଯ୍ୟସ୍ତ ଭାବନାରେ ଜଡସଡ
ଅନୁଭବଙ୍କୁ
ପାଦସବୁ ଆଗଉଛି କେଉଁ ଆଡକୁ ?
ମୁକୁଳିବାକୁ ଅନ୍ଧତ୍ୱରୁ ନାଁ'
ନିଆଁ ଆଡକୁ !

ସମୟର ହାତପାପୁଲିରେ
ଏବେତ'
ନିଆଁଚେଙ୍କ ହୋଇ କରୋନା ଜାଳୁଛି
ଜଳୁଛି ଅସହାୟ ପୃଥିବୀର ସାରା ଦିହ
ନିର୍ବାକ୍ ମଣିଷ ପାଖେ ସବୁ ଅର୍ଥହୀନ
ହତପ୍ରଭ ନାଚାର ଈଶ୍ୱର ବି ।

ବହୁ ଦୂରତ୍ୱକୁ ଅତିକ୍ରମ କରିଲେ ବି
କାହିଁନା କାହିଁ ଗୋଟେ ନିଷ୍ଠୁର ଭୟ
ଫେରେଇ ନେଉଛି ପଛକୁ
ଦିଶୁନି ବାଟ ଜୁଟୁନି ବୁଦ୍ଧି
ବନ୍ଦ କୋଠରୀ ଭିତରେ ନିଜକୁ
ଛପେଇ
ସଙ୍ଗରୋଧରେ
ଜୀବନ ଖୋଜୁଛି ଧାପେ ଆଲୁଅର
ରାସ୍ତା ।

ସତରେ ଆମେ ସଭିଏଁ
ଆକ୍ରାନ୍ତ ହୋଇଯାଇଛେ କରୋନାରେ
ଯେହେତୁ ଅହେତୁକ ଭୟ
ପ୍ରସାରିତ କରି ରଖିଛି ତା' ଲୋମଶ
ହାତ ସମସ୍ତଙ୍କ ସାମ୍ନାରେ ।

(୨୦୨୦ ମସିହାରେ ସମଗ୍ର ବିଶ୍ୱରେ ମହାଆତଙ୍କ ସୃଷ୍ଟିକାରୀ କରୋନା ଭାଇରସର ଭୟାବହତା ଛାୟାରେ ଲିଖିତ )

ଅଧ୍ୟାପକ , ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ , ଡେରାବିଶ
କେନ୍ଦ୍ରାପଡା- ୭୫୪୨୮୯
ମୋ - ୯୭୭୭୮୪୩୦୩୧

# ହେପାଟାଇଟିସ୍ ମୁକ୍ତ ଭାରତ



ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
+ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭

କରୋନା ମହାବିଭୀଷିକା ଭିତରେ କରୋନା ସହ ହେପାଟାଇଟିସ୍‌ର ସମ୍ପର୍କ ରହୁଥିବାରୁ ଚଳିତ ବର୍ଷ ହେପାଟାଇଟିସ ଦିବସ ପାଳନର ଗୁରୁତ୍ୱ ବଢ଼ିଛି । ଚଳିତ ବର୍ଷ ହେପାଟାଇଟିସ୍ ଦିବସ ନିମିତ୍ତ ଯେଉଁ ବାର୍ତ୍ତା ରହିଛି ତାହା ହେଉଛି 'ହେପାଟାଇଟିସ୍ ପ୍ରତୀକ୍ଷା କରିବ ନାହିଁ' (ହେପାଟାଇଟିସ୍ କ୍ୟାନ୍‌ନଟ୍ ୱେଟ୍) । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି । ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ କୁହାଯାଏ । ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ରୋଗ । ହେପାଟାଇଟିସ୍‌କୁ ପାଞ୍ଚଟି ଶ୍ରେଣୀଭୁକ୍ତ କରାଯାଇଛି । ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ । ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା । ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ । ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ । ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରାନଯାଏ ତେବେ ଏହା ଲିଭର ସିରୋସିସ, ଲିଭର କ୍ୟାନସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ । ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍ ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ । କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ । ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି । ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା । ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ମେ' ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା । କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍ବର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା । ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି ।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ।

ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡ଼ିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ । ହେପାଟାଇଟିସ୍ 'ବି' ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ କୌଣସି ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇନାହିଁ । ଯାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

# ମେଦହ୍ରାସ କରିବ ମାଇକ୍ରୋଚିପ୍



ମଣିଷ ଶରୀରରେ କ୍ଲାନ୍ତି, ଯନ୍ତ୍ରଣା, ଭୋକ ଶୋଷ, ନିଦ ପରି ବିଭିନ୍ନ ଅନୁଭବ ଆସିଥାଏ । ଭୋକ ଲାଗିବା ମାତ୍ରେ ଖାଇବା ଦରକାର ପଡ଼େ । ଯଦି ଖାଦ୍ୟ ବଦଳରେ ଜଣଙ୍କୁ ଭୋକ ସମୟରେ ବିଦ୍ୟୁତ ସକ୍ ଲାଗିବ, ତେବେ ତାଙ୍କର ମନୋଭାବ କ'ଣ ହେବ ? ଏହା ପଛରେ ଏକ ଉପକାରୀ କାରଣ ରହିଛି । ଅନେକେ ଭୋକ ଲାଗୁନଥିଲେ ବି ଖାଦ୍ୟ ପ୍ରତି ଲାଳସା ଯୋଗୁ ଖାଇଚାଲନ୍ତି । ଏହା ସେମାନଙ୍କଠାରେ ମୋଟାପାର କାରଣ ହୋଇଥାଏ । କାଲିଫର୍ଣିଆର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଗବେଷକମାନଙ୍କ କହିବା ଅନୁସାରେ, ଯେତେବେଳେ ଭୋକ ଲାଗେ ଏହି ମାଇକ୍ରୋଚିପ୍ ମୋଟାପା ଆକ୍ରାନ୍ତ ଲୋକମାନଙ୍କୁ ବିଦ୍ୟୁତ ସକ ଲାଗିବା ପରି ଝଟକା ଦେଇଥାଏ । ପରୀକ୍ଷାମୂଳକ ଭାବେ ୬ଜଣ ମୋଟାପା ଆକ୍ରାନ୍ତ ଲୋକଙ୍କୁ ଏହି ଚିପ୍ ଲଗାଯାଇଥିଲା । ପ୍ରଥମେ ଅପସ୍ମାର ବାତରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସାଲାଗି ଏହି ଚିପ୍ ପ୍ରସ୍ତୁତ କରାଯାଇଥିଲା ଯାହାର ନାମ ରେସପନସିଭ ନ୍ୟୁରୋଷ୍ଟିମୁଲେସନ ସିଷ୍ଟମ । ଏବେ ଏହା ମେଦବହୁଳତା ଆକ୍ରାନ୍ତ ବ୍ୟକ୍ତିଙ୍କୁ ବିଦ୍ୟୁତ ସକ ଦେଇ ସେମାନଙ୍କ ଖାଦ୍ୟ ନିୟନ୍ତ୍ରଣ କରିବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି । ପ୍ରଥମ ୬ମାସ ଏହା ଲଗାଯାଇଥିବା ବ୍ୟକ୍ତିଙ୍କ ଖାଦ୍ୟ ଲାଳସା ସମୟରେ ମସ୍ତିଷ୍କର କ୍ରିୟାକୁ ଅନୁଧ୍ୟାନ କରିବ । ଏହା ପରେ ସେମାନେ ଖାଦ୍ୟ ଖାଇବା କଥା ଚିନ୍ତା କରିବା ମାତ୍ରେ ସକ ଦେଇ ସେମାନଙ୍କୁ ସତର୍କ କରାଇଦେବ ।



# ଅଜାଗା ଘା'

ସାଧାରଣତଃ ଓଡ଼ିଆରେ ଗୋଟିଏ ଲୋକପ୍ରିୟ ଆପ୍ତବାକ୍ୟ ରହିଛି- 'ଅଜାଗା ଘା' କାହାକୁ ଦେଖିହୁଏ ନାହିଁ କି ଦେଖାଇ ହୁଏ ନାହିଁ ।' ଅର୍ଥାତ୍ ଶରୀରର ଅଭ୍ୟନ୍ତର ତଥା ଗୋପନୀୟ ସ୍ଥାନରେ ଯନ୍ତ୍ରଣାସିକ୍ତ ଘା', ସ୍ୱାଭାବିକ ଭାବରେ ଦେଖିହୋଇ ନଥାଏ କି ଲଜ୍ଜାବଶତଃ ଜଣେ କାହାକୁ ଦେଖାଇ ମଧ୍ୟ ପାରିନଥାଏ । ତେବେ ସମ୍ପ୍ରତି ଚିକିତ୍ସା ପଦ୍ଧତିର ବ୍ୟାପକତା ଓ ସ୍ୱାସ୍ଥ୍ୟ ପ୍ରଯୁକ୍ତିରେ ବିସ୍ମୟାତୀତ ଭାବରେ ବିଭିନ୍ନ ଅତ୍ୟାଧୁନିକ ସର୍ଜରୀ ପଦ୍ଧତି ବା ଔଷଧ ବ୍ୟବହାରରେ ଅଜାଗା ଗା' ଆଉ ସେପରି ଭୟଙ୍କର ହୋଇ ରହିନାହିଁ ।

ଅଚଳ ଅବସ୍ଥାରେ ଜଣେ ଲୋକ ବିଛଣାରେ ଶୋଇ ରହିଲେ ଦେହର ଯେଉଁ ସ୍ଥାନ ବିଛଣାର ସଂସ୍ପର୍ଶରେ ଆସୁଥାଏ, ସାଧାରଣତଃ ସେହିଠାରେ ହିଁ ବେଡ୍‌ସୋର ହୋଇଥାଏ । ଏହି ସ୍ଥାନଗୁଡ଼ିକ ଭିତରେ ଦୁଇ ଗୋଇଠି, ପିଚା, ଦୁଇ କହୁଣି, ମେରୁ ହାଡ଼ର ନିମ୍ନଭାଗ ବା ତ୍ରିକାସ୍ଥି ଅଞ୍ଚଳ, କାନ୍ଧଫଳକ ଆଦି ପ୍ରଧାନ । ଦେହର ଓଜନ ସାଧାରଣତଃ ଏହିସବୁ କେନ୍ଦ୍ର ଦେଇ ବିଛଣାକୁ ବା ଭୂମିକୁ ଗତି କରିଥାଏ ଓ ସେଇଥିପାଇଁ ଏହିସବୁ ଅଞ୍ଚଳର ଅଧିକ ଚାପ ପଡ଼ି ବେଡ୍‌ସୋର୍ ହୋଇଥାଏ ।

ଏହି ଅଞ୍ଚଳଗୁଡ଼ିକରେ ଦେହର ଓଜନର ଚାପ ଏତେ ଅଧିକ ପରିମାଣର ପଡ଼େ ଯେ, ଏଠାରେ ଥିବା ରକ୍ତନଳୀଗୁଡ଼ିକ ଚାପି ହୋଇ ସଂକୁଚିତ ଓ ରକ୍ତଶୂନ୍ୟ ହୋଇଯାନ୍ତି । ଫଳରେ ସେହିସବୁ ଅଞ୍ଚଳକୁ ଆଉ ରକ୍ତ ପ୍ରବାହିତ ହୋଇପାରେ ନାହିଁ । ଏହାଦ୍ୱାରା ସେହିସବୁ ଅଞ୍ଚଳର ତନ୍ତୁଗୁଡ଼ିକ ଆବଶ୍ୟକ ପୁଷ୍ଟି ପାଇ ପାରନ୍ତି ନାହିଁ ଓ ମୃତ ହୋଇଯାନ୍ତି । ତନ୍ତୁ ମୃତ ହୋଇଗଲେ କ୍ଷତ ବା ଘା' ସୃଷ୍ଟି ହୁଏ । ଏହି କ୍ଷତକୁ ହିଁ ବେଡ୍‌ସୋର୍ କୁହାଯାଏ ।

ବିଛଣାରେ ଶୋଇଥିବା ବେଳେ ଏହିସବୁ ଅଞ୍ଚଳରେ ଦେହର ଚାପ ପଡ଼ିଲେ ଜଣେ ସାଧାରଣ ସୁସ୍ଥ ଲୋକ ତାହା ସଜରେ ଅନୁଭବ କରିପାରେ । ଏହା ଯୋଗୁଁ ତାକୁ ସାମାନ୍ୟ ପୀଡ଼ା ହୁଏ ଓ ତାହା ଜାଣି ପାରି ସେ ନିଜର ଅବସ୍ଥିତି ବଦଳାଇ ଦେଇ କଡ଼ ଲେଉଟାଇ ଶୁଏ । କିନ୍ତୁ ପାରାଲିସିସ୍ କିମ୍ବା ଦୀର୍ଘମିଆଦୀ ରୋଗ ଭୋଗୁଥିବା ଜଣେ ରୋଗୀ, ଯେ କି ନିଜର ଅବସ୍ଥିତିକୁ ପରିବର୍ତ୍ତନ କରିପାରେ ନାହିଁ । ଫଳରେ ଦୀର୍ଘ ସମୟର ଚାପ ହେତୁ ତା' ଦେହରେ ବେଡ୍‌ସୋର୍ ହୋଇଥାଏ ।

ପାରାଲିସିସ୍ କିମ୍ବା ଦୀର୍ଘମିଆଦୀ ରୋଗ ଭୋଗୁଥିବା ଜଣେ ରୋଗୀ, ଯେ କି ନିଜର ସମସ୍ତ ସ୍ପର୍ଶ ଶକ୍ତି ବା ଅନୁଭବ ଶକ୍ତି ହରାଇ ଦେଇଥାଏ, ସେ ଏହି ପୀଡ଼ାକୁ ଅନୁଭବ କରିପାରେ ନାହିଁ କିମ୍ବା ନିଜର ଅବସ୍ଥିତିକୁ ପରିବର୍ତ୍ତନ କରିପାରେ ନାହିଁ । ଫଳରେ ଦୀର୍ଘ ସମୟର ଚାପ ହେତୁ ତା' ଦେହରେ ବେଡ୍‌ସୋର୍ ହୋଇଥାଏ ।



ଅତି ବୃଦ୍ଧ ଲୋକମାନେ ନିଜ ଦେହର ପୀଡ଼ା ସାମାନ୍ୟ ପରିମାଣରେ ଅନୁଭବ କରିପାରୁଥିଲେ ମଧ ନିଜର ଅବସ୍ଥାନ ପରିବର୍ତ୍ତନ କରିବା ପାଇଁ ଶକ୍ତିହୀନ ହୋଇପଡ଼ିଥାନ୍ତି । ଫଳରେ ଗୋଟିଏ ଅବସ୍ଥାରେ ଶୋଇ ରହି ସେମାନେ ବେଡ୍‌ସୋର୍ ଭୋଗିଥାନ୍ତି ।

ଖାଦ୍ୟାଭାବ, ମନ୍ଦ ପୁଷ୍ଟି, ରକ୍ତହୀନତା ଆଦି ରୋଗରେ ରୋଗୀ ନିଜର ଚଳତ୍‌ଶକ୍ତି ହରାଇବସେ ଓ ବିଛଣାରେ ଏପଟ ସେପଟ ହୋଇପାରେ ନାହିଁ । ଫଳରେ ଖୁବ୍ ସହଜରେ ସେ ବେଡ୍‌ସୋରରେ ଶିକାର ହୁଏ । ଅତି କ୍ଷୀଣକାୟ ଲୋକମାନଙ୍କର ଅସ୍ଥି ଓ ଚର୍ମ ମଧ୍ୟରେ ଅତି ଅଳ୍ପ ପରିମାଣରେ ଚର୍ବି ରହିଥାଏ, ଯାହା ଫଳରେ ଚାପ ପଡୁଥିବା ଅଞ୍ଚଳଗୁଡ଼ିକରେ ଅଧିକ ଚାପ ପଡ଼ି ବେଡ୍‌ସୋର୍ ସୃଷ୍ଟି ହୋଇଥାଏ ।

ତେବେ ଅନେକ ରୋଗୀଙ୍କ କ୍ଷେତ୍ରରେ ଦେଖାଯାଇଥାଏ କି ସବୁ ଘା' ବେଡ୍‌ସୋର୍ ହୋଇନଥାଏ । ଭୁଲ ଭାବରେ ବା ଅପ୍ରଶିକ୍ଷିତ ଭେଷକ ତତ୍ତ୍ୱାବଧାରକମାନଙ୍କଠାରୁ ଯନ୍ତ୍ରଣା ନିବାରକ, ଆଣ୍ଟିବାୟୋଟିକ୍ ଇଂଜେକ୍‌ସନ୍ ନେବା ଦ୍ୱାରା ମଧ୍ୟ କ୍ଷତଟି ପରବର୍ତ୍ତୀ ସମୟରେ ଭୟଙ୍କର ଘା'ର ରୂପ ନେଇ ତାହା ଅପରେସନ୍ ବା ସ୍ଥଳବିଶେଷରେ ପ୍ଲାଷ୍ଟିକ୍ ସର୍ଜରୀର ସହାୟତା ନେବାକୁ ପଡ଼ିଥାଏ । ଯାହାକି ବହୁ ବ୍ୟୟବହୁଳ ଓ ସମୟସାପକ୍ଷ । ଜଣକରର ନିର୍ଦ୍ଦିଷ୍ଟ ଚିକିତ୍ସା ବା ନିଦାନ ବ୍ୟବସ୍ଥା ପାଇଁ ଭେଷକ ଚିକିତ୍ସକ ବା ଶଲ୍ୟ ବିଶେଷଜ୍ଞ ନିର୍ଦ୍ଧାରିତ ଭାବରେ ରୋଗୀ ପାଇଁ ସ୍ୱାସ୍ଥ୍ୟପଯୋଗୀ ଚିକିତ୍ସା ବ୍ୟବସ୍ଥା କରିଥାନ୍ତି । ତଥାପି ସଚେତନତାର ଅଭାବ, ଅପରିଷ୍କାର ତ୍ୱଚା ବା ଶରୀର ପାଇଁ ବେଡ୍‌ସୋର୍ ପରି ବା ସେହିପରି ଦୀର୍ଘକାଳୀନ ଘା'ର ଚିକିତ୍ସା ଭିନ୍ନ ଭିନ୍ନ ଡ୍ରେସିଂ ଓ ଘା'ରେ ପାଣିସେକ ଦ୍ୱାରା ମଧ୍ୟ ରୋଗୀ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି ।



## ସତର୍କତା :

- ବେଡସୋର୍ ବା ସେହିପରି ଯନ୍ତ୍ରଣାଦାୟକ ଘା' ପାଇଁ ଭୟଭୀତ ହୁଅନ୍ତୁ ନାହିଁ ।
- ଗୁଣିଗାରେଡି, ହୁକୁମ୍ ବା ଦେଶୀୟ ଚିକିତ୍ସା ଅପେକ୍ଷା ତୁରନ୍ତ ସର୍ଜରୀ ବିଶେଷଜ୍ଞଙ୍କ ସାହାଯ୍ୟ ନିଅନ୍ତୁ ।
- ରୋଗୀ ନିଜର ବିଛଣାପତ୍ର ପରିଷ୍କାର ରଖନ୍ତୁ, ସ୍ନାନ ନ କରୁଥିଲେ ଚିକିତ୍ସକଙ୍କ ପରାମର୍ଶାନୁଯାୟୀ
- ଦେହର ସବୁ ଆଡ଼େ ଉଷୁମ ପାଣିରେ ଡେଟଲ୍ ବା ସାଭଇଲ୍ ପାଣିରେ ପୋଛି ଦିଅନ୍ତୁ । ଦେହରେ ସ୍ୱାସ୍ଥ୍ୟାନୁମୋଦିତ ପାଉଡର ବ୍ୟବହାର କରିପାରନ୍ତି ।
- ଘା' ସଫା ବା ସଂସ୍ପର୍ଶରେ ଆସୁଥିବା ବର୍ଜ୍ୟବସ୍ତୁ ଗଜ୍ ଇତ୍ୟାଦି ଘରଠାରୁ ଯଥେଷ୍ଟ ଦୂରରରେ ପୋଡ଼ି ଦିଅନ୍ତୁ ।
- ରୋଗୀଙ୍କ ସଂସ୍ପର୍ଶରେ ଆସୁଥିବା ଚିକିତ୍ସକ ବା ଡ୍ରେସର୍‌ଙ୍କ ସମେତ ସମସ୍ତେ ଗ୍ଲୋଭ୍‌ସ ବ୍ୟବହାର କରିବା କଥା କିମ୍ବା ହାଇଜେନିକ୍ ସାବୁନ୍‌ରେ ହାତ ସଫା ରଖନ୍ତୁ ।
- ଦୀର୍ଘ ଦିନ ଘା' ଶୁଖିବା ମଧୁମେହର ବି ଅନ୍ୟତମ ଲକ୍ଷଣ । ରକ୍ତ ଅପରିଷ୍କାରର ଭୟ ରହିଛି । ରକ୍ତ ପରୀକ୍ଷା ଏ କ୍ଷେତ୍ରରେ ଜରୁରୀ ।
- କ୍ଷତର ଅଭ୍ୟନ୍ତରରେ ଗଜ୍ ବା ତୁଳା ସଦାସର୍ବଦା ଧୂଳି ଓ ପବନଠାରୁ ଦୂରେଇ ରହିବା ଅତ୍ୟନ୍ତ ଜରୁରୀ । ଷ୍ଟେରିଲାଇଜଡ଼ ଜିନିଷ ବ୍ୟବହାର କରନ୍ତୁ ।
- ଏହା ପାଇଁ ବିଚଳିତ, ଚିନ୍ତିତ ନ ହୋଇ ବରଂ ଭଲ ଭାବରେ ଡ୍ରେସିଂ ହୋଇ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ନିଜ ଦାୟିତ୍ୱ ଓ କର୍ମରେ ବ୍ୟସ୍ତ ରୁହନ୍ତୁ ।
- ସଦା ସର୍ବଦା ଈଶ୍ୱର ଚିନ୍ତନରେ ନିମଗ୍ନ ରହି ନିଜେ ଜଣେ ରୋଗୀ ଏ ଚିନ୍ତା ଆଦୌ ମନ ଭିତରକୁ ଆଣନ୍ତୁ ନାହିଁ, ଦେଖିବେ ଆପଣ ଜାଣିନଥିବେ କିନ୍ତୁ ଘା' ବା କ୍ଷତ ଜମା ନଥିବ ।

# ସ୍ଲିଙ୍ଗ୍ ବ୍ୟାଗ୍



ଯୁଗ ଅନୁସାରେ ମହିଳା ଓ ଯୁବତୀଙ୍କ ଷ୍ଟାଇଲ୍ ଷ୍ଟେଟମେଂଟ ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି । ଘରୁ ବାହାରକୁ ଗୋଡ଼ କାଢ଼ିବା ମାତ୍ରେ ଯୁବତୀଙ୍କର ମୁଖ୍ୟ ଆବଶ୍ୟକତା ହେଲା ସାଥିରେ ସୁନ୍ଦର ହ୍ୟାଣ୍ଡ ବ୍ୟାଗଟିଏ ନେବା । ଏବେ ସେଇ ହ୍ୟାଣ୍ଡ ବ୍ୟାଗର ସ୍ଥାନକୁ ନେଇଛି ଡିଜାଇନର ସ୍ଲିଙ୍ଗ୍ ବ୍ୟାଗ । ଫେସନ ଡିଜାଇନରଙ୍କ ମତରେ, ୧୯୯୦ ବେଳକୁ ପ୍ରଥମେ ଇଟାଲୀରେ ଏହି ସ୍ଲିଙ୍ଗ ବ୍ୟାଗ୍‌ର ବ୍ୟବହାର ଆରମ୍ଭ ହୋଇଥିଲା ଓ ପରେ ସମଗ୍ର ବିଶ୍ୱରେ ଏହି ବ୍ୟାଗ୍ ଯୁବତୀ ତଥା ମହିଳାଙ୍କର ପ୍ରାୟ ପ୍ରିୟ ହୋଇପାରିଥିଲା ।

- ଏବେ ବଜାରରେ ଭଳିକିଭଳି ଡିଜାଇନରେ ସ୍ଲିଙ୍ଗ ବ୍ୟାଗ୍ ବିକ୍ରି ହେଉଛି । ଅନ୍-ଲାଇନରେ ମଧ୍ୟ ବେଶ୍ ଭଲ ଦରରେ ଜଣେ ଗ୍ରାହକ ଏହି ବ୍ୟାଗ୍ କିଣିପାରିବ । ବିଭିନ୍ନ ପ୍ରକାରର ସ୍ଲିଙ୍ଗ ବ୍ୟାଗ୍ ମଧ୍ୟରୁ କ୍ରସ୍ ବଡ଼ି ସ୍ଲିଙ୍ଗ୍ ବ୍ୟାଗ, ମେସେଂଜର ସ୍ଲିଙ୍ଗ ବ୍ୟାଗ୍, ୱାଲେଟ ସ୍ଲିଙ୍ଗ୍ ବ୍ୟାଗ, ମୋନା ସ୍ଲିଙ୍ଗ ସୋଲ୍ଡର ବ୍ୟାଗ୍ ବଜାରରେ ଅଧିକ ବ୍ରିକ୍ରି ହୋଇଥାଏ ।
- ଏସବୁର ମୂଲ୍ୟ ୫୦୦ ଟଙ୍କାରୁ ଆରମ୍ଭ ହୋଇ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ନିଜ ପୋଷାକକୁ ମ୍ୟାଚିଂ କରି ନଚେତ୍ କେଉଁ ସାଇଜର ବ୍ୟାଗ୍ ଆପଣ ଚାହୁଁଛନ୍ତି, ତାହାକୁ ଭଲଭାବେ ତଦାରଖ କରି କିଣନ୍ତୁ ।
- ଲେଦର ସ୍ଲିଙ୍ଗ ବ୍ୟାଗର ଚାହିଦା ଅଧିକ ହୋଇଥିବାବେଳେ ଏହା ମହଙ୍ଗା । ଏହି ବ୍ୟାଗ୍ ରକ୍ଷଣାବେକ୍ଷଣ ମଧ୍ୟ ସତର୍କତାର ସହ କରିବାକୁ ପଡ଼େ ।
- ହ୍ୟାଣ୍ଡ ବ୍ୟାଗ୍ ପରିବର୍ତ୍ତେ ସ୍ଲିଙ୍ଗ ବ୍ୟାଗ୍ ତାହାର ଛୋଟ ଆକାର ପାଇଁ ଅଧିକ ଲୋକପ୍ରିୟ । ହ୍ୟାଣ୍ଡ ବ୍ୟାଗ୍ ଧରିବାକୁ ଅସହଜ ହୋଇଥିବାବେଳେ ସ୍ଲିଙ୍ଗ୍ ବ୍ୟାଗକୁ କାନ୍ଧରେ ପକାଇ ଯାତ୍ରା କରିହେବ । ପ୍ରସବ ପରେ ମହିଳାମାନେ ନିଜ କୁନି ପିଲାଙ୍କ ଦରକାରୀ ଜିନିଷକୁ ମଧ୍ୟ ଏଇ ସ୍ଲିଙ୍ଗ ବ୍ୟାଗରେ ଭର୍ତ୍ତି କରି ଯେ କୌଣସି ସ୍ଥାନକୁ ସହଜରେ ଯାତ୍ରା କରିପାରିବେ ।
- ଶାଢ଼ି, ଜିନ୍ସ, ସାଲୱାର, ପାଲାଜୋ, ଲେହେଙ୍ଗା ସବୁ ପ୍ରକାର ପରିଧାନ ସହ ଏଇ ବ୍ୟାଗ ଭଲଭାବେ ମ୍ୟାଚିଂ କରିଥାଏ ।

# ସଂଗ୍ରହାଳୟ



ବଲିଭିଆରେ ଖୁବ୍ ଶୀଘ୍ର ଏକ ସଂଗ୍ରହାଳୟ ତିଆରି ହେବାକୁ ଯାଉଛି । ନୂଆ କଥା ହେଉଛି ଏ ସଂଗ୍ରହାଳୟ ପାଣି ତଳେ ନିର୍ମାଣ କରାଯିବ । ଏହାକୁ ବଲିଭିଆର ପବିତ୍ର ନଦୀ ଟିଟିକାକା ଭିତରେ ତିଆରି କରାଯିବ । ଉକ୍ତ ସଂଗ୍ରହାଳୟ ପର୍ଯ୍ୟଟନସ୍ଥଳୀ ହେବା ସହ ପ୍ରତ୍ନତତ୍ତ୍ୱ, ଭୂତତ୍ତ୍ୱ, ଜୈବ ଗବେଷଣା କେନ୍ଦ୍ର ଭାବେ ଗଢ଼ା ହେବ । ଏପରି ସଂଗ୍ରହାଳୟ ବିଶ୍ୱରେ ପ୍ରଥମ ବୋଲି ବଲିଭିଆର ସଂସ୍କୃତି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହାକୁ ନିର୍ମାଣ କରିବା ପାଇଁ ପାଖାପାଖି ୬୯ କୋଟି ଟଙ୍କା ଖର୍ଚ୍ଚ ହେବ । ଟିଟିକାକାକୁ ବଲିଭିଆର ଲୋକମାନେ ପବିତ୍ର ବୋଲି ମାନନ୍ତି । ସେଠାକାର କିମ୍ବଦନ୍ତୀ ଅନୁସାରେ ସୂର୍ଯ୍ୟଙ୍କ ପୁତ୍ର ମାନ୍‌କୋ କାପାକ୍ ଓ ତାଙ୍କ ପତ୍ନୀ ଏ ନଦୀରୁ ବାହାରିଥିଲେ । ଟିଟିକାକା ୮,୫୦୦ ବର୍ଗ କିଲୋମିଟର ଯାଏଁ ବିସ୍ତାରିତ ଯାହା ବଲିଭିଆ ଓ ପେରୁର ଦୁଇ ସୀମାକୁ ଲାଗି ବହିଯାଉଛି । ସମୁଦ୍ର ଠାରୁ ୧୨,୫୦୦ ଫୁଟ୍ ଉଚ୍ଚତାରେ ଥିବାରୁ ଏହା ହେଉଛି ବିଶ୍ୱର ସବୁଠାରୁ ଉଚ୍ଚ ମଧୁର ଜଳ ନଦୀ ।

# ଦେଶର ସର୍ବଶ୍ରେଷ୍ଠ ଆଇଟିଆଇ ମଧ୍ୟରେ ରାଜ୍ୟର ୬ଟି ଆଇଟିଆଇ

ଭୁବନେଶ୍ୱର,୨୬/୭ (ନି.ପ୍ର): ଓଡ଼ିଶାର ଆଇଟିଆଇ ଏବଂ ପଲିଟେକ୍‌ନିକ୍ ବୈଷୟିକ ଶିକ୍ଷା କ୍ଷେତ୍ରରେ ଦେଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଆଇଟିଆଇ ପ୍ରତି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହୋଇଛି । ରାଜ୍ୟ ସରକାର ଦକ୍ଷତା ବିକାଶ ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ପ୍ରୟାସ କରିଛନ୍ତି । ଆଜି ଆଇଟିଆଇରେ ଆଧୁନିକ ଯନ୍ତ୍ରପାତିବିଶିଷ୍ଟ କର୍ମଶାଳା, ତାଲିମପ୍ରାପ୍ତ ପ୍ରଶିକ୍ଷକ ଏବଂ ଆବାସିକ ସୁବିଧା ରହିଛି ବୋଲି ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରେମାନନ୍ଦ ନାୟକ ପ୍ରକାଶ କରିଛନ୍ତି । ୨୦୨୧-୨୨ ମସିହା ପାଇଁ ଆଇଟିଆଇ, ପଲିଟେକ୍‌ନିକ୍‌ରେ ନାମଲେଖା ପାଇଁ ପ୍ରଚାର ଅଭିଯାନ ଆରମ୍ଭ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ନାୟକ କହିଲେ ଯେ ଦେଶର ସର୍ବଶ୍ରେଷ୍ଠ ଆଇଟିଆଇ ମଧ୍ୟରେ ରାଜ୍ୟର ୬ଟି ଆଇଟିଆଇ ସ୍ଥାନ ପାଇଛି । ଆମ ପାଇଁ ଖୁସିର ବିଷୟ ୨୦୨୦ ବର୍ଷର ସର୍ବଭାରତୀୟ ଆଇଟିଆଇ ପରୀକ୍ଷାରେ ରାଜ୍ୟର ୪ ଜଣ ପ୍ରଶିକ୍ଷାର୍ଥୀ ସମଗ୍ର ଦେଶର ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ମେଧାତାଲିକାରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ସୁଦକ୍ଷା, ପ୍ରେରଣା ଓ ନିର୍ମାଣ ଶ୍ରମିକ ଯୋଜନାରେ ସମାଜର ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦିଆଯାଉଛି । ଚଳିତ ୨୦୨୧-୨୨ ତାଲିମ ବର୍ଷ ପାଇଁ ଅନ୍‌ଲାଇନ୍ ଜରିଆରେ ୧୮,୨୫୮ ଜଣ ଛାତ୍ରଛାତ୍ରୀ ନାମ ଲେଖା ପାଇଁ ଆବେଦନ କରିଛନ୍ତି । ମୁଁ ଏହି ଅବସରରେ ସମସ୍ତ ଅଭିଭାବକ, ହାଇସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ ଏବଂ ବୁଦ୍ଧିଜୀବୀମାନଙ୍କୁ ଅନୁରୋଧ କରିଛନ୍ତି । ଅଧିକରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ଆଇଟି ଶିକ୍ଷା ପ୍ରତି ମାର୍ଗଦର୍ଶନ କରନ୍ତୁ । ଯୁବଗୋଷ୍ଠୀ ରାଜ୍ୟ ସରକାରଙ୍କ ଏହି ଅଭିନବ ପ୍ରୟାସରେ ଭରପୂର ସୁଯୋଗ ନେଇ କୁଶଳତାପୂର୍ବକ ନିଜକୁ ମୁଖ୍ୟ କର୍ମସ୍ରୋତରେ ସାମିଲ କରନ୍ତୁ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଶ୍ରୀ ରେଘୁ ଜି. ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ରାଜ୍ୟର ବିଭିନ୍ନ ସ୍ଥାନର ଆଇଟିଆଇ ପ୍ରିନ୍‌ସିପାଲ୍ ଏବଂ ଓଡ଼ିଶା ଘରୋଇ ଇଂଜିନିୟରିଂ ସ୍କୁଲ ସଂଗଠନର ପ୍ରତିନିଧିମାନେ ପ୍ରଚାର ଅଭିଯାନରେ ସାମିଲ ହୋଇ ଜନସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସାମିଲ କରିବା ପାଇଁ ମତ ଦେଇଥିଲେ । ଏହି ଅବସରରେ ଉପସ୍ଥିତ ଅତିଥିମାନେ ପ୍ରଚାର ଅଭିଯାନ, ଅଡ଼ିଓ ଭିଜୁଆଲ କ୍ଲିପ୍ ଓ ପୁସ୍ତକ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ସଚିବ ଶ୍ରୀ ସୁଦର୍ଶନ ପଣ୍ଡା, ଯୁଗ୍ମ ସଚିବ ଶ୍ରୀ ଅଜୟ ନାୟକ ଓ ଶ୍ରୀ ଗୌରହରି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ବଲାଙ୍ଗୀର ଗସ୍ତ: ଶୁଭାରମ୍ଭ କଲେ ଅନେକ ଜନକଲ୍ୟାଣକାରୀ ପ୍ରକଳ୍ପ

ଭୁବନେଶ୍ୱର ,୨୭/୭ (ନି.ପ୍ର): ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଶ୍ରୀ ଅସିତ୍ ତ୍ରିପାଠୀ ଏବଂ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ଆଜି ଟିଟିଲାଗଡ଼ ଉପଖଣ୍ଡରେ ଅନେକ ବିକାଶମୂଳକ କାର୍ଯ୍ୟର ଶୁଭଉଦ୍‌ଘାଟନ କରିଛନ୍ତି । ଟିଟିଲାଗଡ଼ଠାରେ ଆଧୁନିକ ଶ୍ମଶାନ 'ମୁକ୍ତିଧାମ', ଡିଏଭି ମହାବିଦ୍ୟାଳୟଠାରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୪୦ ଶଯ୍ୟାବିଶିଷ୍ଟ ଛାତ୍ରୀନିବସର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ 'ମୁକ୍ତିଧାମ' ପରିସରରେ ସେ ବୃକ୍ଷରୋପଣ କରି ଏହାର ଯନି ପାଇଁ ସ୍ଥାନୀୟ ଲୋକ ଦାୟିତ୍ୱ ନେବାକୁ ପରାମର୍ଶ ଦେଇଥିଲେ । ସେହିପରି ଟିଟିଲାଗଡ଼ ସହରରେ ଫ୍ଲାଏଓଭର ନେଇ ସ୍ଥାନୀୟ ଲୋକେ ଯିବାଆସିବାରେ ସମସ୍ୟା ରହିଥିବା ଯୋଗୁଁ ସେଠାରେ ଏକ ଅଣ୍ଡରପାସ୍ ନିମନ୍ତେ ସେ ପ୍ରସ୍ତାବ ରହିଥିବା ସାମ୍ବାଦିକମାନଙ୍କୁ କହିଥିଲେ । ଏଥି ସହିତ ସହରର ଆବଶ୍ୟକତାକୁ ନଜରରେ ରଖି ଆଗାମୀ ଦିନରେ ଏକ ଅତ୍ୟାଧୁନିକ କଲ୍ୟାଣମଣ୍ଡପ ଓ ଅଡିଟୋରିୟମ୍ ନିର୍ମାଣର ପରିକଳ୍ପନା କରାଯାଇଥିବା ଏବଂ ସ୍ଥାନୀୟ ବାଳକ ଉଚ୍ଚବିଦ୍ୟାଳୟର ଉନ୍ନୟନ ନିମନ୍ତେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତରଫରୁ ୯୦ ଲକ୍ଷ ଟଙ୍କା ମଂଜୁର କରିଥିବା ସେ ପ୍ରକାଶ କରିଥିଲେ । ସେ ସଇଁତଳା ବ୍ଲକ୍ ଅନ୍ତର୍ଗତ କରମତାଲାଠାରେ ଏକ ୩୩/ ୧୧ କେଭିର ଗ୍ରୀଡ୍ ସବ୍‌ଷ୍ଟେସନ୍ ଉଦ୍‌ଘାଟନ କରିଛନ୍ତି । ଏହି ଗ୍ରୀଡ଼ ସବ୍‌ଷ୍ଟେସନ୍ ସ୍ଥାପନ ଯୋଗୁଁ ଦୀର୍ଘଦିନ ଧରି ରହିଆସୁଥିବା ଲୋ-ଭୋଲଟେଜ୍ ସମସ୍ୟା ଦୂର ହେବା ସହ ଏହି ଅଞ୍ଚଳର ୭ ହଜାର ଉପଭୋକ୍ତା ଉନ୍ନତ ବିଦ୍ୟୁତ ସେବା ପାଇପାରିବେ ଏବଂ ଏହା କମରତାଲା ସମେତ କୁମ୍ଭାରୀ, ତଲବାହାଲ, ଗଣ୍ଡା ପତ୍ରାପାଲି, କୁଇକେଡ଼ା ଓ ଧରପଗଡ଼ ପରି ୬ଟି ଗ୍ରାମପଞ୍ଚାୟତକୁ ବିଦ୍ୟୁତ ଯୋଗାଇପାରିବ । ଏହି ଗ୍ରୀଡ଼ ଯୋଗୁଁ ନୂତନ ଶିଳ୍ପାୟନ ସମ୍ଭବ ହୋଇପାରିବ ବୋଲି ଆଶା କରାଯାଇଛି । ଏଥିରୁ ପାଟମରା, ତଲବାହାଲ ଓ ଫପ୍‌ସି ପରି ତିନୋଟି ୧୧ କେଭି ଫିଡରକୁ ଅତିରିକ୍ତ ଭାବେ ବିଦ୍ୟୁତଯୋଗାଣ ସମ୍ଭବ ହେବ । ଏହିପରି ତ୍ରିକାପଡ଼ାଠାରେ ନିର୍ମାଣାଧୀନ ଫିଡର ଗ୍ରୀଡ଼ କାର୍ଯ୍ୟାରମ୍ଭ କଲେ ଅତିରିକ୍ତ ୩ ହଜାର ଉପଭୋକ୍ତା ବିଦ୍ୟୁତ ସେବା ପାଇପାରିବେ ଏବଂ ଉନ୍ନତମାନର ବିଦ୍ୟୁତ ଯୋଗାଇ ଦିଆଯାଇପାରିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ । ପରେ ଶ୍ରୀ ତ୍ରିପାଠୀ ବଲାଙ୍ଗୀରଠାରେ ନିର୍ମାଣାଧୀନ ଥିବା ନୂତନ ବସ୍-ଟର୍ମିନାଲ ବୁଲି ଦେଖିଥିଲେ ।

# ନ୍ୟାୟପାଳିକା, ପୋଲିସ, ଜେଲ ଓ ଆଇନ ସହାୟତା ସଂପର୍କିତ ସମ୍ମିଳନୀ

ଭୁବନେଶ୍ୱର,୨୭/୭ (ନି.ପ୍ର): ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା ଏବଂ ଇଣ୍ଡିଆ ଜଷ୍ଟିସ ରିପୋର୍ଟ ଟିମ୍‌ର ମିଳିତ ଆନୁକୂଲ୍ୟରେ ଗତ ୨୪ ତାରିଖରେ ଏକ ସମ୍ମିଳନୀ ଅନୁଷ୍ଠିତହୋଇଯାଇଛି । ଏହି ସମ୍ମିଳନୀରେ ସାଧାରଣ ବିଚାର ବ୍ୟବସ୍ଥାର ୪ଟି ସ୍ତମ୍ଭ ନ୍ୟାୟପାଳିକା, ପୋଲିସ, ଜେଲ ଓ ଆଇନ ସହାୟତା ସଂପର୍କରେ ଗୁରୁତ୍ୱାରୋପ କରାଯାଇଥିଲା । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଏସ୍. ମୁରଲିଧର ଏହି ସମ୍ମିଳନୀରେ ଅଭିଭାଷଣରେ ଭାରତୀୟ ବିଧିବ୍ୟବସ୍ଥାରେ ବାର୍‌ର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ ବୋଲି କହିଥିଲେ । ପୂରାଦିନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ସମ୍ମିଳନୀରେ ବିଭିନ୍ନ କ୍ଷେତ୍ରରୁ ଖ୍ୟାତିସମ୍ପନ୍ନ ପ୍ରତିଷ୍ଠିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ପ୍ରଥମ ଅଧିବେଶନରେ ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟର ମୁଖ୍ୟ ସଂପାଦକ ଶ୍ରୀମତୀ ଏମ୍. ଦାରୁୱାଲା ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ-୨୦୨୦ ସମ୍ପର୍କରେ ସମ୍ମିଳନୀକୁ ଅବଗତ କରାଇଥିଲେ । ହାଇକୋର୍ଟର ମାନ୍ୟବର ନ୍ୟାୟମୂର୍ତ୍ତି ସଂଗ୍ରାମ କୁମାର ସାହୁ, ମାନ୍ୟବର ନ୍ୟାୟମୂର୍ତ୍ତି ବିଭୁ ପ୍ରସାଦ ରାଉତରାୟ ବିଚାରାଧୀନ କେଶଗୁଡ଼ିକୁ ହ୍ରାସ କରାଯିବା ପାଇଁ ଦୃଢ଼ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ହାଇକୋର୍ଟର ମାନ୍ୟବର ନ୍ୟାୟମୂର୍ତ୍ତି ସଞ୍ଜୟ କୁମାର ମିଶ୍ର ଏବଂ ଜେଲ୍ ସଂସ୍କାର କାର୍ଯ୍ୟକ୍ରମର ମୁଖ୍ୟ ମଧୁରିମା ଧନୁକା ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟକୁ ପ୍ରଶଂସା କରିଥିଲେ । ଦ୍ୱିତୀୟ ଅଧିବେଶନରେ ଓଡ଼ିଶାର ପୋଲିସ ଡି.ଜି. ଶ୍ରୀ ଅଭୟ ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟକୁ ସ୍ୱାଗତ କରିବା ସହ ପୋଲିସ୍ ବିଭାଗର ସମସ୍ତ କାର୍ଯ୍ୟକୁ କେବଳ ପରିସଂଖ୍ୟାନ ମଧ୍ୟରେ ସୀମିତ କରିହେବ ନାହିଁ ବୋଲି ମତବ୍ୟକ୍ତ ଦେଇଥିଲେ । ଡି.ଜି(ଜେଲ୍) ଶ୍ରୀ ସନ୍ତୋଷ କୁମାର ଉପାଧ୍ୟାୟ ଅନ୍ତେବାସୀମାନଙ୍କ ପାଇଁ ଜେଲ୍‌ରେ ସ୍ଥାନ ଅଭାବ, ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ଆଦି ବିଭିନ୍ନ ବିଷୟରେ ମତ ରଖିଥିଲେ ।

ସମ୍ମିଳନୀ ଅତ୍ୟନ୍ତ ଫଳପ୍ରଦ ହୋଇଥିବାବେଳେ ନାଗରିକ ସମୁଦାୟ ଏବଂ ଛାତ୍ରଛାତ୍ରୀମାନେ ଏଥିରେ ଯୋଗଦେଇଥିଲେ । ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବେଦକୁମାରୀ ସମ୍ମିଳନୀ ଶେଷରେ ବକ୍ତବ୍ୟ ରଖିଥିବାବେଳେ ପ୍ରଫେସର ଯୋଗେଶ ପ୍ରତାପ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାନ୍ଧୀ ଓ ଗୋପବନ୍ଧୁଙ୍କ ବିଚାର ଧାରାକୁ ପ୍ରତ୍ୟେକ ପଂଚାୟତ ସ୍ତରରେ ପ୍ରଚାର ଓ ପ୍ରସାର କରାଯିବ

## ରାଜ୍ୟର ବେକାରୀ ଯୁବକଙ୍କୁ ସଂଗଠିତ କରିବ ସେବାଦଳ: ଡ. ଜ୍ଞାନେନ୍ଦ୍ର

ଭୁବନେଶ୍ୱର ,୨୭/୭ (ନି.ପ୍ର): ଗାନ୍ଧୀ ଓ ଗୋପବନ୍ଧୁଙ୍କ ଆଦର୍ଶ ଓ ବିଚାରଧାରାକୁ ଓଡ଼ିଶାର ପ୍ରତ୍ୟେକ ପଂଚାୟତ ସ୍ତରରେ ପ୍ରଚାର ଓ ପ୍ରସାର କରାଯିବ ବୋଲି ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ନବନିଯୁକ୍ତ ରାଜ୍ୟ କଂଗ୍ରେସ ସେବାଦଳର ମୁଖ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର କହିଛନ୍ତି । ଆଜକୁ ଠିକ୍ ୧୦୦ ବର୍ଷ ତଳେ ଓଡ଼ିଶା, ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବା ପୂର୍ବରୁ ରାଜ୍ୟରେ ଭାଷାଭିତିରେ ପ୍ରଦେଶ କଂଗ୍ରେସ କମିଟି ଗଠନ ନେଇ, ନାଗପୁର କଂଗ୍ରେସ ସମ୍ମିଳନୀରେ ନିଷ୍ପତିକ୍ରମେ ଓଡ଼ିଶାରେ, ଉତ୍କଳ ପ୍ରଦେଶ କଂଗ୍ରେସ କମିଟି, ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଗଠିତ ହୋଇଥିଲା । ସେବାଦଳର ଏକ ଗୌରବମୟ ଇତିହାସ ରହିଛି । ୧୯୩୨ ମସିହାରେ ଓଡ଼ିଶାରେ କଂଗ୍ରେସ ସେବାଦଳର ପ୍ରଥମ ଶିବିର ପୁରୀଠାରେ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ହୋଇଥିଲା ଓ ଡ. ହରେକୃଷ୍ଣ ମହତାବ ଓଡ଼ିଶା କଂଗ୍ରେସ ସେବାଦଳର ପ୍ରଥମ ମୁଖ୍ୟ ସଂଗଠକ ଥିଲେ । ସମୟ ବଦଳି ଯାଇଛି, ମଣିଷ ବଦଳି ଯାଇଛନ୍ତି । ଆମ ଇତିହାସ ଆମ ବିଚାରଧାରକୁ ପୁଣି ପୁନଃଜୀବିତ କରିବାପାଇଁ କଂଗ୍ରେସ ସେବାଦଳ, ସଂକଳ୍ପ ବଦ୍ଧ । କଂଗ୍ରେସ ଦଳ କେବଳ ନିର୍ବାଚନ ରାଜନୀତି କରେ ନାହିଁ । ସମାଜକୁ ଆଦର୍ଶଗତ ମାର୍ଗଦର୍ଶନ ଦେଇଥାଏ । ଆଗାମୀ ଦିନରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶ ଓ ବିଚାରଧାରାକୁ ଓଡ଼ିଶାରେ ପ୍ରତ୍ୟେକ ପଂଚାୟତରେ କଂଗ୍ରେସ ସେବାଦଳ ପଂହାଚାଇବ । ରାଜ୍ୟରେ ଖୁବଶୀଘ୍ର ୬୫୦୦ ଯୁବକଙ୍କୁ ଜିଲ୍ଲା ସ୍ତରରେ ପ୍ରଶିକ୍ଷିତ କରାଯିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟରେ ସହଯୋଗ ପାଇଁ ସମସ୍ତ ଗାନ୍ଧୀବାଦି ଅନୁଷ୍ଠାନକୁ ନିବେଦନ କରାଯିବ । ଡ. ଜ୍ଞାନେନ୍ଦ୍ର ଆହୁରି କହିଲେ ଯେ ଗତ ୨୧ବର୍ଷ ବିଜେଡ଼ି ବିଜେପି ଶାସନରେ ଲକ୍ଷଲକ୍ଷ ବେକାରୀ ଯୁବକ, ରାଜ୍ୟରେ ସୃଷ୍ଟି ହୋଇଛନ୍ତି । ସେମାନଙ୍କୁ ସଂଗଠିତ କରି ସରକାର, ଚାକିରୀ ଦିଅନ୍ତୁ ନହେଲେ ବେକାରୀ ଭତାର ବ୍ୟବସ୍ଥା କରନ୍ତୁ ବୋଲି ଏକ ଆନ୍ଦୋଳନ ଗ୍ରାମାଂଚଳରୁ ସେବାଦଳ ଆରମ୍ଭ କରିବ ବୋଲି ସେ ସୂଚନା ଦେଇଥିଲେ । ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ମୁଖପାତ୍ର ଜ୍ଞାନଦେବ ବେଉରା, ମନୋରଞ୍ଜନ ଦାଶ, ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କବି ନୃସିଂହ ତରାଇଙ୍କ ଇଂରାଜୀ କବିତା ପୁସ୍ତକ 'ଏ ପାମଫୁଲ ଅଫ ପେନ' ଉନ୍ମୋଚିତ

ଭୁବନେଶ୍ୱର,୨୭/୭ (ନି.ପ୍ର): ବ୍ଲାକ ଇଗଲ ପବ୍ଲିକେଶନ ଦ୍ୱାରା ପ୍ରକାଶିତ କବି ନୃସିଂହ ତରାଇଙ୍କ ଇଂରାଜୀ କବିତା ପୁସ୍ତକ 'ଏ ପାମଫୁଲ ଅଫ ପେନ' ଓଡ଼ିଶା ସାହିତ୍ୟ ଏକାଡ଼େମୀ ପରିସରରେ ଲୋକାର୍ପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ବିଶିଷ୍ଟ କବି ଡ. ହୃଷିକେଶ ମଲ୍ଲିକ ଓ ସଚିବ, ବରିଷ୍ଠ ପ୍ରଶାସକ ତଥା କବି ପ୍ରବୋଧ ରାଉତଙ୍କ କରକମଳରେ ଏହି ପୁସ୍ତକ ଲୋକାର୍ପିତ ହୋଇଯାଇଛି । ଉଭୟ ଅତିଥି ଡ. ହୃଷିକେଶ ମଲ୍ଲିକ ଓ ପ୍ରବୋଧ ରାଉତ କବିତା ପୁସ୍ତକର ଲୋକାର୍ପଣ ଅବସରରେ କବି ନୃସିଂହ ତରାଇଙ୍କର କବିତା ପୁସ୍ତକକୁ ଭୂୟସୀ ପ୍ରଶଂସା କରିବା ସହିତ କବିଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ । ନୃସିଂହଙ୍କ କବିତାରେ ବାସ୍ତବାଦୀ ତଥା ମଣିଷ ଜୀବନର ନିଛକ ପ୍ରତିଛବି ଦେଖିବାକୁ ମିଳେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରକାଶଥାଉକି ଉକ୍ତ ଇଂରାଜୀ କବିତା ପୁସ୍ତକଟି ଏକ ଅନୁବାଦ କବିତା ସଂକଳନ । ନୃସିଂହ ତରାଇଙ୍କର ୪ଟି ଓଡ଼ିଆ କବିତା ସଂକଳନ ଶବ୍ଦ ତରଙ୍ଗ (୨୦୦୪), ଗୁମ ଖାଏ ମାଟି (୨୦୧୫), ଅନ୍ଧାରରେ ଆର ପାଖ (୨୦୧୭) ଓ ଆକାଶରେ ମେଘ ନାହିଁ (୨୦୨୦)ରୁ କେତେକ ନିର୍ବାଚିତ କବିତାକୁ ନେଇ 'ଏ ପାମଫୁଲ ଅଫ ପେନ'ର ସୃଷ୍ଟି । ଓଡ଼ିଆରୁ ଇଂରାଜୀକୁ କବିତା ଗୁଡ଼ିକୁ ଅନୁବାଦ କରିଛନ୍ତି ବିଶିଷ୍ଟ ପ୍ରାବନ୍ଧିକ ଡ. କୃଷ୍ଣ ବଳ ।

# ଟିକା ନେଲେଣି ୨୫ ହଜାରରୁ ଅଧିକ ଗର୍ଭବତୀ



ଭୁବନେଶ୍ୱର ,୨୭/୭ (ନି.ପ୍ର): ରାଜ୍ୟରେ ୨୫,୧୧୨ ଗର୍ଭବତୀ କରୋନା ଟିକା ନେଇ ସାରିଲେଣି । ସୋମବାର ୫୭୨୩ ଗର୍ଭବତୀଙ୍କୁ ଟିକା ଦିଆଯାଇଥିଲା । ତେବେ ମଙ୍ଗଳବାର କୋରାପୁଟ ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ସବୁ ଜିଲ୍ଲାରେ ଟିକାକରଣ କରାଯିବ । ସମୁଦାୟ ୧୧୯୭ ଅଧିବେଶନରେ ଟିକାକରଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସୋମବାର ରାଜ୍ୟରେ ୧୩୧୫ ଟିକାକରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ୨ଲକ୍ଷ ୧୮ ହଜାର ୭୧୫ ଜଣଙ୍କୁ ଟିକା ଦିଆଯାଇଛି । ଏହାକୁ ମିଶାଇ ରାଜ୍ୟରେ ଏ ପର୍ଯ୍ୟନ୍ତ ୧ କୋଟି ୫୫ ଲକ୍ଷ ୧୦ ହଜାର ୨୩୩ ଡୋଜ୍ ଟିକା ଦିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ବୀରତ୍ୱ ଓ ଐତିହ୍ୟର ପ୍ରତୀକ ଘୋଡ଼ା ସ୍ଥାନାନ୍ତରିତ ହେବ ନାହିଁ

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ



ଭୁବନେଶ୍ୱର,୨୭/୭ (ନି.ପ୍ର): ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ବୀରତ୍ୱ ତଥା ଶାସନର ପ୍ରତୀକ ମାଷ୍ଟରକ୍ୟାଂଟିନ ନିକଟସ୍ଥ ଘୋଡ଼ାକୁ ସ୍ଥାନାନ୍ତର କରାଯିବ ନାହିଁ । ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିବା ଫଳରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଦାବି ଓ ଅନୁରୋଧ ସଫଳ ହୋଇଛି । ପୂର୍ବରୁ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଂଗୀତ ଭାବେ ମାନ୍ୟତା ଦେବା, ଭାଷା ଆନ୍ଦୋଳନ, ପୂଜ୍ୟ ଓ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିର ସୁରକ୍ଷା କରିବା ଦିଗରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ପରିପ୍ରେକ୍ଷୀରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅଭିଯାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସଂଯୋଜକ ନାରାୟଣ ଚନ୍ଦ୍ର ଓଝା, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ବରିଷ୍ଠ ପୂଜ୍ୟପୂଜା ପ୍ରାଣ ଗୋବିନ୍ଦ ମାହୁନ୍ତ, ସରକାରଙ୍କ ଅନୁସଚିବ ଲକ୍ଷ୍ମୀଧର ବେହେରା, ବୌଦ୍ଧିକ ମହାସଂଘର ଉପସଭାପତି ତଥା ସାମ୍ବାଦିକ ସୌଭାଗ୍ୟ ରଂଜନ ମହାନ୍ତି, ଡ. ଅସୀତ ଦାସ, ଚନ୍ଦ୍ରଭାନୁ କର, ବରିଷ୍ଠ ଭାଷାବିତ୍ ତଥା ଶିକ୍ଷାବିତ ରମେଶ ଚନ୍ଦ୍ର ପାତାଳସିଂ, ସ୍ତମ୍ଭକାର ଜାନକୀଶ ବଡ଼ପଣ୍ଡା, ଶିକ୍ଷାବିତ ତଥା ଭାଷାବିତ୍ ସୀତାବଲ୍ଲଭ ମହାପାତ୍ର, ବି. ମୁରଲୀଧର ପ୍ରମୁଖ ସ୍ୱାଗତ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ଘୋଡ଼ା ସ୍ଥାନାନ୍ତର ନ ହେବା ଲାଗି ସର୍ବ ପ୍ରଥମେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ବିରୋଧ କରିବା ସହିତ ସରକାରଙ୍କୁ ଅନୁରୋଧ କରିଥିଲା । ପରେ ବିରୋଧୀ ଦଳଙ୍କ ସହିତ କିଛି ସାମାଜିକ ସଂଗଠନ ଦୃଢ଼ ଭାବରେ ଏହାକୁ ବିରୋଧ କରିଥିଲେ । ପରିଶେଷରେ ଅଭିଯାନକୁ ଏହି ସଫଳତା ମିଳିଛି ଏବଂ ରାଜ୍ୟ ସରକାରଙ୍କ ନିଷ୍ପତି ଅନୁସାରେ ସେହି ସ୍ଥାନର ଚତୁଃପାର୍ଶ୍ୱର ନବିକରଣ, ଘୋଡାର ସୁରକ୍ଷା ଓ ଆଧୁନିକୀକରଣ କରାଯିବା ଉପରେ ରାଜ୍ୟ ସରକାରଙ୍କ ନିଷ୍ପତିକୁ ଅଭିଯାନ ବିଶେଷ ଭାବେ ପ୍ରଶଂସା କରିବା ସହିତ ସମସ୍ତ ଗଣମାଧ୍ୟମ ଏହାକୁ ଗୁରୁତ୍ୱ ଦେଇ ପ୍ରସାରଣ କରିଥିବାରୁ ଧନ୍ୟବାଦର ପାତ୍ର ବୋଲି କହିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ବହୁ ପ୍ରତିକ୍ଷୀତ ଏହି ଐତିହ୍ୟ ସ୍ଥାନଟି ଉତ୍କଳର କଳା, ସଂସ୍କୃତି ଓ ବୀରତ୍ୱର ପ୍ରତିକ ଭାବେ ରହିଆସିଛି । ଅଭିଯାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ଶତପଥୀ ଏକ ପ୍ରେସ ବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ କହିଛନ୍ତି ।

# ଫୋନ ଟ୍ୟାପିଂ ଓ ହ୍ୱାଟସ୍‌ଆପ ହ୍ୟାକିଂକୁ ବିରୋଧ କଲା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ

ଭୁବନେଶ୍ୱର,୨୭/୭ (ନି.ପ୍ର): ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ତରଫରୁ ଇସ୍ରାଇଲି ଆପ୍ ପେଗାସସ୍ ସ୍ପାଇୱେର ମାଧ୍ୟମରେ ପୂର୍ବତନ ନ୍ୟାୟାଧିଶ, ରାଜନେତା, ମନ୍ତ୍ରୀ, ବରିଷ୍ଠ ସାମ୍ବାଦିକ, ସାମାଜିକ କର୍ମୀ ଓ ଉଦ୍ୟୋଗପତିଙ୍କର ଫୋନ କଲ ଓ ହ୍ୱାଟସ୍‌ଆପ ଉପରେ ଗୁଇନ୍ଦାଗିରିରେ କେନ୍ଦ୍ର ବିଜେପି ସରକାରଙ୍କ ସଂପୃକ୍ତି ନେଇ ଆଜି ମାଷ୍ଟରକ୍ୟାଂଟିନ ଛକରେ ବିକ୍ଷୋଭ ସହ ମୋଦି ଓ ଶାହାଙ୍କର କୁଶପୁତଳିକା ଦାହ କରାଯାଇଛି । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ୍ ଦାଶଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କଳା ପୋଷାକରେ କଂଗ୍ରେସ ଭବନରୁ ର୍‌ୟାଲିରେ ବାହାରି ମାଷ୍ଟରକ୍ୟାଂଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବାସହ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତଳିକା ଦାହ କରିଥିଲେ । ଶ୍ରୀ ଦାଶ କହିଥିଲେ ଯେ ଇସ୍ରାଇଲି କମ୍ପାନୀର ସଫ୍ଟୱେର ପେଗାସସ୍ ସ୍ପାଇୱେର ମାଧ୍ୟମରେ କେନ୍ଦ୍ର ସରକାର ନିଜ ସ୍ୱାର୍ଥ ଚରିତାର୍ଥ ପାଇଁ କଲ ଓ ହ୍ୱାଟସ୍‌ଆପ ଟ୍ୟାପିଂ ଆମର ମୌଳିକ ଓ ନାୟିକ ଅଧିକାରକୁ କ୍ଷୁର୍ଣ୍ଣ କରିଛି । ଏହାର ନ୍ୟାୟିକ ତଦନ୍ତ ସବୋର୍ଚ୍ଚ ନ୍ୟାୟଳୟ ତତୋବଧନାରେ କରାଯାଇ ଏହି ଅଗଣତାନ୍ତ୍ରିକ କୁତ୍ସିତ କାର୍ଯ୍ୟରେ ଲିପ୍ତ ସମସ୍ତ ଦୋଷୀଙ୍କୁ ଉଚିତ ଦଣ୍ଡ ଦିଆଯାଉ । ଏହି ପରୀପ୍ରେକ୍ଷୀରେ ଶ୍ରୀ ଦାଶ କହିଥିଲେ ଦେଶର ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଅଜାଣତରେ ଏସବୁ ଅସମ୍ଭବ ତେଣୁ ଗୃହମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ । ପ୍ରତେକ୍ଷ କିମ୍ବା ପରୋକ୍ଷରେ ତାଙ୍କର ଏଥିରେ ସଂପୃକ୍ତିକୁ ଏଡ଼ାଇ ହେବ ନାହିଁ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଉପସଭାପତି ଶ୍ରୀ ସୁବ୍ରତ ମହାପାତ୍ର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ଶିବାନନ୍ଦ ରାୟ, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ମନୋରଞ୍ଜନ ଦାଶ ଯୋଗଦେଇ ଅନୁରୂପ ଭାବେ ବିଜେପି ଶାସିତ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ଜେନା, ଅଶୋକ ଦାସ, ବ୍ରହ୍ମାନନ୍ଦ ସାହୁ, ଅନୱର ଖାନ୍, ଦେବରାଜ ମିଶ୍ର, ଶ୍ରୀଧର ବଳିଆରସିଂ, ମିହିର ଆଚାର୍ଯ୍ୟ, ଆଫତାବ ଅଲ୍ଲି, ଇନ୍ଦ୍ରଜିତ ପରିଡ଼ା, ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ରଞ୍ଜିତ ପାତ୍ର, ଜୟକୃଷ୍ଣ ମଲ୍ଲିଆ, ସ୍ୱାଧୀନବାଳା ଦାସ, ଶ୍ରେୟାସ୍ମିତା ପଣ୍ଡା, ପ୍ରଭାବତୀ ପଟ୍ଟନାୟକ, ଚୈତାଳି ପଟ୍ଟନାୟକ, ସୁଭଦ୍ରା ମିଶ୍ର, ନିଳମଣୀ ମିଶ୍ର, ସୁବ୍ରତ ସେନାପତି, ସୌମେନ୍ଦ୍ର ମହାନ୍ତି, ରଜନୀ ମହାନ୍ତି, ଦୀପକ କୁମାର ମହାପାତ୍ର, ଦେଓ ପ୍ରସାଦ, ସଂଜିବ ମହାନ୍ତି, ନାସିର ଖାନ୍, ରାଜକିଶୋର ବାରିକ, ପ୍ରଦୀପ ନନ୍ଦ, ନରୋତମ ବେହେରା, ଶଙ୍କର ନାୟକ, ଦେବାଶିଷ ଦାସ, ନିଆଜୁଲ ଇସ୍‌ଲାମ, ସେକ ତାକୱିମ, ଖଗେଶ୍ୱର ମଲ୍ଲିକ, ଏମଡି ଶାହାଦୁଲ୍ଲା, ଚନ୍ଦ୍ରଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୫ତମ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର,୨୭/୭ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜାତୀୟତାବାଦୀ ଆନ୍ଦୋଳନର ଅଗ୍ରଣୀ ସାରଥୀ, ବିଚ୍ଛିନ୍ନା ଳରେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାରକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅନ୍ତରଙ୍ଗ ସହଯୋଗୀ ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ, ବିଶିଷ୍ଟ କବି, ଔପନ୍ୟାସିକ, ପୂର୍ବତନ ମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୬ତମ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ମହାଡାକପାଳ କାର୍ଯ୍ୟାଳୟ ସମ୍ମୁଖ ଉଦ୍ୟାନସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ସରକାରଙ୍କ କୋଭିଡ୍ ମାର୍ଗଦର୍ଶିକାକୁ ଅନୁପାଳନ ପୂର୍ବକ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଂଜନ କୁମାର ଦାସ, ଚିଲିକା ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ପ୍ରଶାନ୍ତ ଜଗଦେବ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ବି.ଜେ.ଡି. ସାଂସ୍କୃତିକ ସେଲ ସଂଯୋଜକ ପ୍ରବୀର ମହାନ୍ତି, ବିଶିଷ୍ଟ ବିଦ୍ୱାନ କୃଷ୍ଣକେଶବ ଷଡ଼ଙ୍ଗୀ, ଆଦର୍ଶ ଶିକ୍ଷକ କାମଦେବ ମହାପାତ୍ର, ଅଧ୍ୟାପକ ଅସିତ ଦାସ, ବିକାଶ ଗିରି, ବ୍ରଜବନ୍ଧୁ ପରିଡ଼ା, ରବି ନାରାୟଣ ନନ୍ଦ, ସତ୍ୟବ୍ରତ ଜେନା, ନାରାୟଣ ଓଝା, ତନ୍ମୟ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଦୀପଦାନ କରିଥିଲେ । ଏହି ଅବସରରେ ବକ୍ତାମାନେ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ଓଡ଼ିଶାର ସାମଗ୍ରିକ ବିକାଶରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଅବଦାନକୁ ସ୍ମରଣ କରିଥିଲେ ।

# କେନ୍ଦ୍ରାପଡ଼ା କନେଷ୍ଟବଳଙ୍କୁ ବହିଷ୍କାର ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ସାକ୍ଷାତ କଲେ

ଭୁବନେଶ୍ୱର ୨୬ ଜୁଲାଇ - ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କଟକସ୍ଥିତ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ କାର୍ଯ୍ୟାଳୟକୁ ଯାଇ ମହାନିର୍ଦ୍ଦେଶକ ଶ୍ରୀ ଅଭୟଙ୍କୁ ସାକ୍ଷାତ କରିବା ସହ କେନ୍ଦ୍ରାପଡ଼ାରେ ସାମ୍ବାଦିକଙ୍କୁ ଆକ୍ରମଣ କରିଥିବା ପୋଲିସ କନେଷ୍ଟବଲଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ଏହି ସ୍ମାରକ ପତ୍ରରେ କୁହା ଯାଇଛି ଯେ ବିଶୃଙ୍ଖଳିତ ମହିଳା କନେଷ୍ଟବଲ ପିନୁ ନାୟକଙ୍କୁ ବହିସ୍କାର କରା ଯିବା ସହ ସେହି ସାମ୍ବାଦିକ ଜଣେ ଅନୁସୂଚୀତ ଜାତି ବର୍ଗର ହୋଇଥିବାରୁ ପିନୁ ନାୟକଙ୍କ ବିରୁଦ୍ଧରେ ଏସି./ଏଷ୍ଟି ପ୍ରିଭେନସନ ଆଟ୍ରୋସିଟି ଆକ୍ଟ ଅନୁଯାୟୀ ଦଣ୍ଡବିଧାନ କରା ଯାଉ । ଏହି ସ୍ମାରକପତ୍ରରେ ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଗତ ୨୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲା ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଚାଲୁଥିବା ଏକ ଧାରଣା କାର୍ଯ୍ୟକ୍ରମକୁ ରିପୋର୍ଟି କରିବାପାଇଁ ନିଉଜ-୮ ୱେବ ଚ୍ୟାନେଲର ସାମ୍ବାଦିକ ଶ୍ରୀ ଭୀମସେନ ଦାସ ଯାଇଥିଲେ । ସେଠାରେ କାର୍ଯ୍ୟରତ ପୋଲିସ୍ କନେଷ୍ଟବଲ ପିନୁ ନାୟକ କୋଭିଡ ଆଇନକୁ ଉଲଘଂନ କରି ମାସ୍କ ପିନ୍ଧନଥିଲେ । ସାମ୍ବାଦିକ ଶ୍ରୀ ଦାସ, ପିନୁ ନାୟକଙ୍କର ଫଟୋ ଉଠାଇବାରୁ ସେ ଘଟଣାସ୍ଥଳରେ ସାମ୍ବାଦିକଙ୍କର କଲରଧରି ନିର୍ଘାତ ଚାପୁଡ଼ା ମାରିଚାଲିଲେ । ସେଠାରେ ଉପସ୍ଥିତ ଜିଲ୍ଲା ପୋଲିସ ଅଧିକ୍ଷକ ଏବଂ ଉପଅଧିକ୍ଷକ ଘଟଣାର ପ୍ରତିବାଦ କରିଲେ ନାହିଁ । ଏବେ ସୁଦ୍ଧା ସେହି ମହିଳା କନେଷ୍ଟବଲଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଜଣେ କନେଷ୍ଟବଲଙ୍କ ପାଇଁ ସାରା ପୋଲିସ୍ ବିଭାଗଉପରେ ଲୋକେ ବିଶ୍ୱାସନୀୟତା ହରାଉଛନ୍ତି । ଏପରି ସ୍ଥଳରେ କାହିଁକି ସେହି ମହିଳା କନେଷ୍ଟବଲଙ୍କୁ ଘଂଟ ଘୋଡ଼ାଯାଉଛି ତାହା ଆଶ୍ଚର୍ଯ୍ୟର କଥା ! ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପୋଲିସର ଭୂମିକା ସେଠାରେ ଘୃଣ୍ୟ ହୋଇପଡ଼ିଥିଲା । ସମାଜର ରକ୍ଷକ ପୋଲିସ ସେଠାରେ ଭକ୍ଷକ ସାଜିଥିଲା । ସେହି ମହିଳା କନେଷ୍ଟବଲଙ୍କ ଉପରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନହେବା ଦ୍ୱାରା ରାଜ୍ୟବାସୀ ଏଥିରେ ବ୍ୟଥିତ । ନବୀନ ସରକାର ଅମଳରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଅସୁରକ୍ଷିତ । ଗୃହ ବିଭାଗର ମନ୍ତ୍ରୀ ହେଉଛନ୍ତି ରାଜ୍ୟ ମୁଖ୍ୟମନ୍ତ୍ରୀ । ଏହି ବିଭାଗର ଅବସ୍ଥା କଣ ତାହା ସାଧାରଣ ଜନତା ଅନୁଭବ କରୁଛନ୍ତି ।

ଏହି କାର୍ଯ୍ୟକ୍ରମରେ ବିପ୍ଳବ ଶିଳାଦିତ୍ୟ, ସୁନିଲ ମାଟିଆ, ଦୀପକ ମହାନ୍ତି, ପରଭେଜ ଅବ୍ରାର, ଅବିନାଶ ନନ୍ଦ, ସଞ୍ଜୀବ ରାଉତ, ଦେବାଶିଷ ମହାପାତ୍ର, ନିରଞ୍ଜନ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ପ୍ରଶ୍ନବାଚୀ ମନର ପ୍ରଶ୍ନ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ସଂସାରରେ ଯଦି କେହି ନିଜର ଥାଏ, ସେ କେବଳ ସ୍ୱ-କର୍ମ । ଜାଣିନି କାହିଁକି ମୃତ୍ୟୁ ଆସୁନି, ମୃତ୍ୟୁକୁ ଆମନ୍ତ୍ରଣ କଲାବେଳେ କାହିଁକି କେଉଁ ଅଦୃଶ୍ୟ କର ମୋର କଣ୍ଠରୋଧ କରୁଛି ମୁଁ ଜାଣି ପାରୁନି । ମୃତ୍ୟୁ ନିକଟକୁ ଆଗେଇ ଗଲାବେଳେ କେଉଁ ଅଦୃଶ୍ୟ କରଟି ମୋର ପାଦକୁ ଭିଡ଼ି ଧରୁଛି ମୁଁ ଜାଣି ପାରୁନି ।

କେଉଁ ଜନ୍ମର କୃତକର୍ମର ଫଳ ଇଏ? ଯମ ଯନ୍ତ୍ରଣା ସଶରୀରେ ସଜୀବ ଅବସ୍ଥାରେ ମର୍ତ୍ତ୍ୟରେ; କ'ଣ ପାଇଁ? ଏସବୁ ପ୍ରଶ୍ନ ମୋ' ମନରେ ପ୍ରଶ୍ନବାଚୀ ସୃଷ୍ଟି କରେ । ଖୋଜୁଛି କିନ୍ତୁ ପାଉନି, ଉତ୍ତର ମିଳୁନି କାହିଁକି? କି ପ୍ରକାର ଜୀବନ ଇଏ ? ସତରେ କ'ଣ ମୁଁ ଅଭିଶପ୍ତ? ହେ ବିଶ୍ୱନିୟନ୍ତା! ମୁକ୍ତିକାମୀ ମୁଁ, ମତେ ମୁକ୍ତି ଦିଅ । ଆଉ ପାରୁନି, ସହିବାର ସବୁ ସୀମା ଉଲ୍ଲଂଘନ କରିସାରିଲିଣି, ଆଉ ଧୈର୍ଯ୍ୟ ନାହିଁ । ଏତେ କଷଣ ଦେବା ପରେ ବି କ'ଣ ତୁମର ମନ ତୃପ୍ତି ହୋଇନାହିଁ ! ନେଇଯାଅ ମୋତେ, ସ୍ୱର୍ଗକୁ ହେଉ ଅବା ନର୍କକୁ । ବରଂ ସେଠି ମୁଁ ଶାନ୍ତି ପାଇବି, ମର୍ତ୍ତ୍ୟର ମୋହ ତୁଟାଇ ଚାଲିଯିବାକୁ ଚାହେଁ । ମନ କଲମରୁ କାଳି ସରିଯାଉ, ଆଉ ଜୀବନ କାହାଣୀ ଲେଖିବାକୁ ନପଡୁ । ଏଇଠି ପଡ଼ିଯାଉ ପୂର୍ଣ୍ଣଚ୍ଛେଦ । ଶରୀରଟା ପାଲଟି ଯାଉ ମୁଠାଏ ପାଉଁଶ, ସେ ପୁଣି ଉଡ଼ିଯାଉ ପବନରେ ଆଉ ମିଶିଯାଉ ମାଟିରେ; ଲିଭିଯାଉ ମୋର ସବୁ ଚିହ୍ନବର୍ଣ୍ଣ । ପ୍ରଶ୍ନବାଚୀ ମନର ପ୍ରଶ୍ନର ଉତ୍ତର ମିଳିଯାଉ ମୋତେ ।

(ସମ୍ପାଦକ - ଉଦୟ ଭାନୁ )ଭାଟପଡ଼ା, ନିରାକାରପୁର, କଣାସ , ପୁରୀ
ମୋ: ୮୯୧୭୪୮୦୫୩୬

## ରାଜଧାନୀରେ ୨୪ ଘଂଟାରେ ୨୩୩ ପଜିଟିଭ୍

ଭୁବନେଶ୍ୱର,୨୭/୦୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ଦିନ ଆଉ ୨୩୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୫ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୭୮ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୮୦ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୧୮ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେଚନ୍ଦ୍ରଶେଖରପୁରରୁ ୧୩ ଜଣ, ନୟାପଲ୍ଲୀରୁ ୧୦ ଜଣ, ଖଣ୍ଡଗିରି ଓ ଟଙ୍କପାଣି ରୋଡ୍ ରୁ ୯ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୮୫୮୫ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୯୫୭୨୦ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୨୦୬୫ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୭୭୯ କୁ ବୃଦ୍ଧି ପାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୋଦିଙ୍କୁ ଭେଟିଲେ....

ତୁରନ୍ତ ପେଗାସସ୍ ଗୁଇନ୍ଦାଗିରି ଘଟଣାରେ ସର୍ବଦଳୀୟ ବୈଠକ ଡାକିବା ଦରକାର ବୋଲି ଦାବି କରିଛନ୍ତି। ଦିଦି କହିଛନ୍ତି, "ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କୋଭିଡ-୧୯ ସମ୍ପର୍କରେ କଥା ହୋଇଛି। ଆମେ(ପଶ୍ଚିମବଙ୍ଗ) ଅଧିକ ଟିକା ଓ ଔଷଧ ଚାହୁଁଛୁ। ଜନସଂଖ୍ୟା ଦୃଷ୍ଟିରୁ ଦେଖିଲେ ଅନ୍ୟ ରାଜ୍ୟ ଗୁଡ଼ିକ ତୁଳନାରେ ବେଙ୍ଗଲ କମ ଟିକା ପାଉଛି। ଏଥିସହ ବେଙ୍ଗଲରେ ଚାଲିଥିବା ଏକାଧିକ ବିକାଶମୂଳକ ଯୋଜନା ସମ୍ପର୍କରେ ମୁଁ ମୋଦିଙ୍କ ସହ କଥା ହୋଇଛି। ଏହାବାଦ ବେଙ୍ଗଲର ନାଁ ବାଙ୍ଗଲା କରିବାକୁ ମୁଁ କହିଛି।" ପ୍ରଧାନମନ୍ତ୍ରୀ ମୋଦି କ'ଣ କହିଲେ ବୋଲି ପଚାରିଯିବାରୁ ସେ କହିଛନ୍ତି, "ମୁଁ ଆପଣମାନଙ୍କୁ ପ୍ରଧାନମନ୍ତ୍ରୀ ମୋଦି କ'ଣ କହିଲେ, ସେକଥା କହିପାରିବି ନାହିଁ। କାରଣ ଏହାକୁ ସାର୍ବଜନୀନ କରିବା ଠିକ୍?କଥା ନୁହେଁ।" ଏଥିସହ ସେ ପେଗାସସ୍ ସମ୍ପର୍କରେ ମୋଦିଙ୍କ ସହ ମୋଦିଙ୍କ ସହ କ'ଣ କଥା ହେଲେ ବୋଲି ପ୍ରଶ୍ନର କୌଣସି ଉତ୍ତର ଦେଇନାହାନ୍ତି। ମୌସୁମୀ ଅଧିବେଶ ବେଳେ ସେ କ'ଣ ସଂସଦକୁ ଯିବେ କି ପ୍ରଶ୍ନର ଉତ୍ତରରେ ମମତା କହିଛନ୍ତି, "ଯଦି ସାମ୍ବାଦିକମାନଙ୍କୁ ସେଣ୍ଟ୍ରାଲ ହଲକୁ ଯିବାକୁ ଅନୁମତି ମିଳୁନି, ତା'ହେଲେ ମୋତେ ଯିବାକୁ କେମିତି ଅନୁମତି ମିଳିବ?" ୫ ଦିନିଆ ଗସ୍ତରେ ଦିଲ୍ଲୀ ଆସିଥିବା ମମତା ଏହି ସମୟରେ ବିଭିନ୍ନ ଦଳର ରାଜନୀତିକ ନେତାଙ୍କୁ ଭେଟିବେ। ସେହିପରି ବିରୋଧୀ ଦଳର ନେତାଙ୍କୁ ନେଇ ଗୋଟିଏ ବୈଠକ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମମତା ବିଜେପି ବିରୋଧୀ ଦଳଗୁଡ଼ିକର ନେତାଙ୍କୁ ଭେଟି ସେମାନଙ୍କୁ ଏକାଠି କରିବାକୁ ଚାହୁଁଛନ୍ତି। ନିଜେ ମମତା ଜାତୀୟ ସ୍ତରରେ ବିଜେପି ବିରୋଧୀ ଚେହେରା ହୋଇ ୨୦୨୪ରେ ଲଢ଼େଇ କରିବେ ବୋଲି କୁହାଯାଇଛି।

### ବୋମାଇ ହେବେ କର୍ଣ୍ଣାଟକାର....

ଗଠନ ପାଇଁ ରାଜ୍ୟପାଳ ଥାୱରଚନ୍ଦ ଗେହଲଟଙ୍କ ଆଗରେ ଦାବି ଉପସ୍ଥାପନ କରିବେ। ତାଙ୍କ ନାଁ ଘୋଷଣା ହେବା ପୂର୍ବରୁ ବିଜେପି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ପ୍ରାୟ ୧ ଘଣ୍ଟା ଧରି ରୁଦ୍ଧଦ୍ୱାର ବୈଠକ କରିଥିଲେ। ୧୯୬୦ ମସିହା ଜାନୁଆରୀ ୨୮ରେ ଜନ୍ମ ଗ୍ରହଣ କରିଥିବା ବୋମାଇ ହେଉଛନ୍ତି ସଦାରା ଲିଙ୍ଗାୟତ ସଂପ୍ରଦାୟର। ସେ ୟେଦ୍ଦ୍ୟୁରପ୍ପାଙ୍କ ଅତ୍ୟନ୍ତ ଘନିଷ୍ଠ ଓ ଜନତା ପରିବାରରୁ ଆସିଛନ୍ତି। ୟେଦ୍ଦ୍ୟୁରପ୍ପାଙ୍କ ମନ୍ତ୍ରିମଣ୍ଡଳରେ ଗୃହ ଓ ଆଇନ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବାପା ଏସ୍?ଆର ବୋମାଇ ମଧ୍ୟ କର୍ଣ୍ଣାଟକାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରି ସାରିଛନ୍ତି। ୨୦୦୮ରେ ବିଜେପିରେ ଯୋଗ ଦେଇ ବୋମାଇ ଦଳ ପାଇଁ ଅନେକ କିଛି କରିଛନ୍ତି। ତାଙ୍କ ପରିଶ୍ରମକୁ ଦୃଷ୍ଟିରେ ରଖି ଦଳ ତାଙ୍କୁ ଏକାଧିକ ପଦବୀରେ ମଧ୍ୟ ବସାଇଛି। ସେ ପୂର୍ବରୁ ଜଳ ସମ୍ପଦ ବିଭାଗର ମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ବୋମାଇ ଜଣେ ଇଞ୍ଜିନିୟର।

### ନିର୍ବାଚନ ଆୟୋଗଙ୍କୁ ଭେଟିଲା....

ରାଜ୍ୟରେ ବିଜ୍ଞପିତ ଅଂଚଳ ପରିଷଦ ଓ ପୌରାଚଂଳ ମାନଙ୍କରେ ନିର୍ବାଚନ ନହେବା ଦ୍ୱାରା ଓଡିଶାର ସହରାଚଂଳରେ ବସବାସ କରୁଥିବା ଜନସାଧାରଣ ଉପଯୁକ୍ତ ପ୍ରଶାସନିକ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ରାଜ୍ୟ ନିର୍ବାଚନ ଆୟୋଗ ଭଳି ଏକ ସାମ୍ବିଧାନିକ ସଂସ୍ଥା ତାର ଦାୟିତ୍ୱ ନିର୍ବାହ କରିବା ପରିବର୍ତ୍ତେ ରାଜ୍ୟ ସରକାରଙ୍କ ସଲାସୁତୁରାରେ ସାମ୍ବିଧାନିକ ବିଧିବ୍ୟବସ୍ଥା ଉଲ୍ଲଘଂନ କରିବା ଘୋର ଲଜ୍ଜା ଓ ପରିତାପର ବିଷୟ । ପୌର ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ଅଭ୍ୟାସଗତ ଅବହେଳା ବିରୁଦ୍ଧରେ ରାଜ୍ୟ ନିର୍ବାଚନ ଆୟୋଗ ଆସନ୍ତା ୧ ସପ୍ତାହ ମଧ୍ୟରେ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ନହେଲେ ବିଧି ଆଧାରରେ ଭାରତୀୟ ଜନତା ପାର୍ଟି ଆଇନର ସାହାଯ୍ୟ ନେବା ସହ ମହାଅଭିଯୋଗ ପାଇଁ ସଂସଦରେ ପ୍ରସ୍ତାବ ଆଣିବ ବୋଲି ରାଜ୍ୟ ମୁଖପାତ୍ର ତଥା ବରିଷ୍ଠ ଅଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ସୂଚନା ପ୍ରଦାନ କରିଛନ୍ତି ।

### ବଙ୍ଗୋପସାଗରରେ ଲଘୁଚାପ....

ସୁନ୍ଦରଗଡ଼, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଅନୁଗୁଳ,ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୯ ତାରିଖ ଦିନ ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡା ,ସମ୍ବଲପୁର,ବରଗଡ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଅନୁଗୁଳ, ସୋନପୁର, ବରଗଡ଼ ଓ ବୌଦ୍ଧ ଆଦି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି।

### ଆସାମ ମିଜୋରାମ ମୁହାଁମୁହିଁ....

ଅନେକ ସମୟରେ ଉଭୟ ପଟୁ ଲୋକେ ଏଠାକୁ ଅନୁପ୍ରବେଶ କରି ପରସ୍ପରକୁ ଆକ୍ରମଣ କରିଥାନ୍ତି । ଗତ ଜୁନ୍ ମାସରେ ମଧ୍ୟ ଏପରି ବିବାଦ ଦେଖାଦେଇଥିଲା । ବାରମ୍ବାର ଘଟୁଥିବା ଏପରି ଅପ୍ରୀତିକର ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ମିଜୋରାମ ପ୍ରଶାସନ ପକ୍ଷରୁ 'ସୀମା କମିସନ୍' ଗଠନ କରାଯାଇଛି । ଏଥିରେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ତାହ୍ନୁଓ୍ୱାଲିଆ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ନେଇ କମିସନକୁ କାର୍ଯ୍ୟକାରୀ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

### ଆସନ୍ତା ମାସରେ ୧୨-୧୮ ବର୍ଷ ....

ଶିଶୁଙ୍କୁ ଟିକାକରଣ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି । ସୂଚନା ମୁତାବକ, ଇଣ୍ଡୋନେସିଆରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ହଠାତ ବୃଦ୍ଧି ପାଇଛି । ମୃତ ଶିଶୁଙ୍କ ମଧ୍ୟରେ ଅଧିକାଂଶ ଶିଶୁ ୫ ବର୍ଷରୁ କମ । ଇଣ୍ଡୋନେସିଆରେ ଏଯାଏଁ ୩୦ ଲକ୍ଷ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସେଥି ମଧ୍ୟରୁ ଆକ୍ରାନ୍ ଶିଶୁଙ୍କ ହାର ସାଢେ ବାର ପ୍ରତିଶତ । ଏମାନଙ୍କ ମଧ୍ୟରୁ ପାଖାପାଖି ୮ଶହ ଶିଶୁଙ୍କର କରୋନାରେ ମୃତ୍ୟୁ ହୋଇଥିବା ଜଣାପଡିଛି ।

## ଆଧୁନିକୀକରଣ କାର୍ଯ୍ୟ ୩ ଟ୍ରେନ୍ ବାତିଲ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ଟିଟିଲାଗଡ-ବିଜୟନଗରମ ରେଳ ମାର୍ଗ ତୃତୀୟ ଲାଇନ କାର୍ଯ୍ୟକାରୀ ସମ୍ବନ୍ଧରେ ଇଲେକ୍ଟ୍ରୋନିକ୍ ଇଂଟରଲକିଂ କାର୍ଯ୍ୟକ୍ଷମ ପାଇଁ ରାୟଗଡା ରେଳ ଷ୍ଟେସନରେ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ୩ ଟି ଟ୍ରେନ୍ ବାତିଲ ରଖିବାକୁ ପୂର୍ବତଟ ରେଳବାଇ ନିଷ୍ପତି ନେଇଛି। ୦୭୨୪୩/୦୭୨୪୪ ଗୁଂଟୁର-ରାୟଗଡା-ଗୁଂଟୁର ସ୍ପେଶାଲ୍ ଗୁଂଟୁରରୁ ୩ ଏବଂ ୪ ଅଗଷ୍ଟରେ ଏବଂ ରାୟାଗଡା ଠାରୁ ୪ ଏବଂ ୫ ଅଗଷ୍ଟ ଦିନ ବାତିଲ୍ ରହିବ । ୦୮୧୦୭/୦୮୧୦୮ ରାଉରକେଲା-ଜଗଦଲପୁର-ରାଉରକେଲା ସ୍ପେଶାଲ୍ ରାଉରକେଲାରୁ ୩ ଓ ୪ ଅଗଷ୍ଟ ଏବଂ ଜଗଦଲପୁରରୁ ୪ ଏବଂ ୫ ଅଗଷ୍ଟ ୨୦୨୧ ଦିନ ବାତିଲ୍ ରହିବ। ୦୮୩୦୧/୦୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ସ୍ପେଶାଲ୍ ଉଭୟ ପାର୍ଶ୍ୱରୁ ୪ ଏବଂ ୫ ଅଗଷ୍ଟ ଦିନ ବାତିଲ୍ ରହିବ।

## ଅଗଷ୍ଟ ପହିଲାରୁ ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ଖୋଲିବା ପାଇଁ ଦାବି

ପୁରୀ,୨୭/୦୭ (ନି.ପ୍ର): ମହାମାରୀ କରୋନା କଟକଣା ଯୋଗୁଁ ଭକ୍ତମାନେ ଦୀର୍ଘ ଦିନରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ସଂପ୍ରତି ରାଜ୍ୟରେ ବିଶେଷ କରି ପୁରୀ ପୌରାଞ୍ଚଳ ସମେତ ସମଗ୍ର ପୁରୀଜିଲ୍ଲାରେ ସଂକ୍ରମଣ ହାର କମିଥିବାରୁ ଅଗଷ୍ଟ ପହିଲାରୁ ଭକ୍ତମାନଙ୍କ ଲାଗି ଶ୍ରୀମନ୍ଦିର ଖୋଲାଯାଇ ଦର୍ଶନର ସୁଯୋଗ ଦିଆଯିବାକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାକ୍ତନ ପୁରୀ ସାଂସଦ ବ୍ରଜ କିଶୋର ତ୍ରିପାଠୀ ଦାବି କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତିରେ ଶ୍ରୀ ତ୍ରିପାଠୀ କହିଛନ୍ତିଯେ,ଦିଲ୍ଲୀ ଓ ମୁମ୍ବାଇ ସମେତ ଦେଶର ବିଭିନ୍ନ ଅଞ୍ଚଳରେ ସବୁ ଖୋଲିଲାଣି। କରୋନା ସଂକ୍ରମଣ ହାର ମଧ୍ୟ କମିବାର ଲାଗିଛି। ତେଣୁ ଭକ୍ତମାନଙ୍କ ଲାଗି ଅବିଳମ୍ବେ ଶ୍ରୀମନ୍ଦିର ଖୋଲାଯିବା ଆବଶ୍ୟକ। ସେ କହିଛନ୍ତି ଯେ,ବିନା ଭକ୍ତରେ ରଥଯାତ୍ରା, ବାହୁଡ଼ାଯାତ୍ରା ଓ ନୀଳାଦ୍ରୀବିଜେ ନୀତି ସମ୍ପନ୍ନ ହେଲା। ପୁରୀ ସହରବାସୀଙ୍କୁ ମଧ୍ୟ ଦର୍ଶନର ସୁଯୋଗ ମିଳିଲାନାହିଁ। ପୁରୀବାସୀ କୋଭିଡ଼ ନିୟମ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନରେ ପୂର୍ଣ୍ଣ ସହଯୋଗ କଲେ। ଅଥଚ ପ୍ରଶାସନର ସହାୟତାର ବାହରଲୋକ, ହାକିମ ହୁକୁମାଙ୍କ ପରିବାର ରଥଯାତ୍ରା ଓ ସୁନାବେଶ ଦେଖିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଖୋଲା ଉଲଂଘନ କରାଗଲା। ରଥ ଓ ବାହୁଡ଼ାଯାତ୍ରାରେ ପ୍ରବଳ ଭିଡ଼ ପ୍ରଶାସନକୁ ଦେଖାଗଲାନାହିଁ। କେଉଁ କାରଣରୁଏଭଳି ଘଟିଲା ତାହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନନୁଷ୍ଠାନ ଗ୍ରହଣ କରାଯିବା ସହିତ ଶୀଘ୍ର ଶ୍ରୀମନ୍ଦିର ଭକ୍ତଙ୍କ ଲାଗି ଖୋଲିବାର ନିଷ୍ପତ୍ତି ଗ୍ରହଣ କରିବାକୁ ଶ୍ରୀ ତ୍ରିପାଠୀ ଦାବି କରିଛନ୍ତି।

## ମାନସ ରଞ୍ଜନ ମହାପାତ୍ରଙ୍କ ପୁସ୍ତକ ଓଡ଼ିଶା ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ



ଭୁବନେଶ୍ୱର,୨୭/୦୭(ନି.ପ୍ର): ବିଶିଷ୍ଟ କବି ମାନସ ରଞ୍ଜନ ମହାପାତ୍ରଙ୍କ ସଦ୍ୟ ପ୍ରକାଶିତ କବିତା ସଙ୍କଳନ 'କେତେ ରଙ୍ଗର ଆକାଶ' ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଆଜି ରାଜଭବନଠାରେ ଉନ୍ମୋଚିତ ହୋଇଯାଇଛି । ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ କବିଙ୍କର ଏହି ଷଷ୍ଠ ପୁସ୍ତକଟିରେ ଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ରଚିତ କବିଙ୍କର ସୁନିର୍ବାଚିତ କବିତାମାନ ସଙ୍କଳିତ ହୋଇଛି । ଜଣେ ଅନୁବାଦକ ତଥା ସମ୍ପାଦକ ଭାବେ କବି ମାନସ ରଞ୍ଜନ ମହାପାତ୍ର ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ୬୦ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୦ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୫୬୩୪ ହୋଇ ଯାଇଛି । ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୧୪ ଜଣ ମୃତ୍ୟୁବରଣ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ୮ ଜଣଙ୍କର ମୃତ୍ୟୁ ଘଟିଛି । ଏମାନଙ୍କ ମଧ୍ୟରେ ଭୁବନେଶ୍ୱରରେ ୩ ଜଣ ଅଛନ୍ତି । ଅନୁଗୁଳ ଓ କଟକ ଜିଲ୍ଲାରେ ୬-୬ ଜଣ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । କେନ୍ଦୁଝର ଓ ପୁରୀ ଜିଲ୍ଲାରେ ୫-୫ ଜଣ ମୃତ୍ୟୁବରଣ କରିଛନ୍ତି । ବୌଦ୍ଧ ଓ ସମ୍ବଲପୁର ଜିଲ୍ଲାରେ ୪-୪ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ଭଦ୍ରକ ଜିଲ୍ଲାରେ ୨ ଜଣ ମୃତ୍ୟୁବରଣ କରିଛନ୍ତି । ସେହିପରି ଯାଜପୁର, ଝାରସୁଗୁଡା, କଂଧମାଳ, କୋରାପୁଟ. ନୟାଗଡ ଜିଲ୍ଲାରେ ୧-୧ ସଂକ୍ରମିତ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

## ଶ୍ରୀଗୁଣ୍ଡିଚା ମନ୍ଦିରରେ ରାଜ୍ୟ ବାହାରର ଭକ୍ତ

ପୁରୀ,୨୭/୦୭ (ନି.ପ୍ର): ରାଜ୍ୟବାହରର ଦୁଇଜଣ ବ୍ୟକ୍ତି ଗୁଣ୍ଡିଚାମନ୍ଦିରରେ ପ୍ରବେଶ କାରିବା ଘଣଟା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଦୁଇଜଣ ପୁଲିସ ପୋଷାକରେ ଥିବାବ୍ୟକ୍ତିଙ୍କ ସହାୟତାରେ ରାଜ୍ୟବାହରର ଜଣେ ପୁରୁଷ ଓ ଅନ୍ୟଜଣେ ମହିଳା ଆଜି ଶ୍ରୀଗୁଣ୍ଡିଚାମନ୍ଦିର ସିଂହଦ୍ୱାର ଦେଇ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ସଂମ୍ପୃକ୍ତ ବ୍ୟକ୍ତିଦ୍ୱୟ କିଛି ସମୟ ପରେ ମନ୍ଦିରରୁ ବାହାରି ସେମାନେ ଆସିଥିବା ଏକ ଧଳା ବୋଲେରୋରେ ବସି ପଳାଇଥିଲେ। କୋଭିଡ଼ କଟକଣା ଯୋଗୁଁ ରାଜ୍ୟସରକାର ବିଭିନ୍ନ ଧର୍ମାନୁଷ୍ଠାନରେ ସାଧାରଣଲୋକଙ୍କ ପ୍ରବେଶ ଉପରେ କଟକଣା ଜାରି କରିଥିବାବେଳେ ବାହାର ରାଜ୍ୟର ଦୁଇଜଣ ବ୍ୟକ୍ତି କିପରି ଗୁଣ୍ଡିଚାମନ୍ଦିରରେ ପ୍ରବେଶ କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏଭଳି ଘଟିଥିବା କୁହାଯାଇଛି।

## ଡ଼କାୟତି ଉଦ୍ୟମ ପଣ୍ଡ, ଦୁଇଟି ମମାଲାରେ ୧୦ ଗିରଫ

ପୁରୀ,୨୭/୦୭ (ନି.ପ୍ର): ଡ଼କାୟତି ପାଇଁ ଯୋଜନା କରୁଥିବା ଦୁଇ ପୃଥକ ଗୋଷ୍ଠୀର ୧୦ ଜଣଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ଖଣ୍ଡା,ଗୁପ୍ତି, ଲୁହାରଡ଼,ଛୁରୀ ଓ ମୋବାଇଲ ଜବତ କରାଯାଇଛି। ଏସଂକ୍ରାନ୍ତରେ ସମୁଦ୍ରକୂଳଥାନା ଓ ଟାଉନ୍‌ଥାନାରେ ପୃଥକ ମାମଲା ରୁଜୁ କରାଯାଇ ଆଜି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସସ୍ମିତା ଓ ସଂଜୟଙ୍କୁ ଶହୀଦ୍ ରଘୁନାଥ ମହାନ୍ତି ସ୍ମୃତି ସମ୍ମାନ



ଭୁବନେଶ୍ୱର,୨୭/୭: ଦକ୍ଷିଣ ଓଡ଼ିଶାର ଯୁବ କବି, ସାହିତ୍ୟିକା ତଥା ସମାଜସେବୀକା ସସ୍ମିତା ମହାପାତ୍ର ଓ ସାରସ୍ୱତ ସାଧକ ବୋଉ ପତ୍ରିକାର ସଂପାଦକ, ସଂଗଠକ, ସାମ୍ବାଦିକ ସଂଜୟ କୁମାର ଚୌଧୁରୀଙ୍କୁ ଶହୀଦ ରଘୁନାଥ ସ୍ମୃତି ସମ୍ମାନ ୨୦୨୧ ରେ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ ଯେ, ସସ୍ମିତାଙ୍କୁ ସାହିତ୍ୟ ସାଧନା ପାଇଁ ଓ ସଂଜୟଙ୍କୁ କବିତା ଓ ସଂପାଦନା ପାଇଁ ଉକ୍ତ ସମ୍ମାନ ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସଂପାଦକ ବ୍ରଜବନ୍ଧୁ ପରିଡ଼ା ଏହା ପ୍ରଦାନ କରିଛନ୍ତି। ଉଭୟ ବ୍ୟକ୍ତିତ୍ୱମାନେ ନିଜ ନିଜ କ୍ଷେତ୍ରରେ ବେଶ୍ ପାରଦର୍ଶିତା ଲାଭ କରିବା ସହିତ ସମାଜସେବାରେ ଦୀର୍ଘବର୍ଷ ହେଲା ଜଡ଼ିତ ଅଛନ୍ତି।

## ଆବାସ ଦୂର୍ନୀତି ଓ ବିଜୁଳି ଦରବୃଦ୍ଧି ପ୍ରସଙ୍ଗ : ବିଜେପି ପକ୍ଷରୁ ବିଦ୍ୟୁତ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ବାରିପଦା / ରାଇରଙ୍ଗପୁର,୨୭/୦୭ (ନି.ପ୍ର): ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର ସ୍ଥିତ ଉପଜିଲ୍ଲାପାଳ ଓ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମ ମୟୂରଭଂଜ ବିଜେପି ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ମହାର୍ଦୁନୀତି ଏବଂ ବିଦ୍ୟୁତ ଦର ଆହେତୁକ ବୃଦ୍ଧି ପ୍ରସଙ୍ଗ ନେଇ ସୋମବାର ପୂର୍ବାହ୍ନରେ ଜିଲ୍ଲା ସଭାପତି ତଥା ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀଙ୍କ ନେତୃତ୍ୱରେ ସହରେ ଏକ ବିଶାଳ ଶୋଭାଯାତ୍ରା କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତାଙ୍କ ସହିତ ରାଜ୍ୟ ବିଜେପି ସଂପାଦକ ନବୀନ ରାମ, ବର୍ଷିଆନ ବିଜେପି ନେତା ମନୋରଂଜନ ମହାନ୍ତି, ବରିଷ୍ଠ ବିଜେପି ନେତା ଇଶାନ ମିଶ୍ର, ମନୋଜ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୀବ ମହାନ୍ତି, ବରୁଣ ଦେ, ସରୋଜ ମହାନ୍ତ, ଅଶୋକ ମହାନ୍ତ, ବିଜୁ ଗୋପାଲ ଗୋପ, ଫାଗୁରାମ ମାର୍ଣ୍ଡି, ମିଥିଳା ଟୁଡୁ , ସଂଜୟ ନାୟକ ପ୍ରମୁଖ ବହୁ ନେତୃବୃନ୍ଦ ଓ କର୍ମୀ ସାମିଲ ହୋଇଥିଲେ। ବାମନଘାଟୀ ଉପଖଣ୍ଡରେ ଆବାସ ଯୋଜନାରେ ହୋଇଥିବା ମହାଦୁର୍ନୀତିରେ ପ୍ରକୃତ ହିତାଧିକାରି ଅଧିକାରରୁ ବଂଚିତ ହୋଇଥିବା ଏବଂ ଦଲାଲରାଜ ଚାଲି ଥିବାର ଅଭିଯୋଗ କରାଯାଇଚି । ସେହିଭଳି କରୋନା ମହାମାରୀ ସମୟରେ ଦେଢ ବର୍ଷ ହେଲା ଲୋକେ କାମଧନ୍ଦା ନପାଇ ହାତ ବାନ୍ଧି ବସିଥିବାବେଳେ ସରକାର ଦୁଇ ଥର ଜିଜିଆ କର ଭଳି ବିଦ୍ୟୁତ ଦର ବଢାଇ ଲୋକଙ୍କ ଉପରେ ଆର୍ଥିକ ବୋଝ ଲଦି ଚାଲିଛନ୍ତି। ଉପଭୋକ୍ତାଙ୍କୁ ବିଦ୍ୟୁତ୍ ରିହାତି ପ୍ରଦାନ, ବିଦ୍ୟୁତ ଶୁଳ୍କ ହ୍ରାସ,୧୦୦ୟୁନିଟ ପର୍ଯ୍ୟନ୍ତ ଗୋଟାଏ ଦର ଲାଗୁ,୨୪ଘଂଟିଆ ବିଦ୍ୟୁତ ସେବା ଯୋଗାଇ ଦିଆଯିବା, ବିପିଏଲ ଓ ସୌଭାଗ୍ୟ ଯୋଜନାରେ ଉପଭୋକ୍ତାଙ୍କୁ ପ୍ରତିମାସ ବିଲ୍ ଦେଇ ବକେୟା ବିଲ ଛାଡ କରାଯିବା ଆଦି ଦାବିରେ ବିଜେପିର ନେତା ଓ କର୍ମୀ ମାନେ ବିକ୍ଷୋଭ ପ୍ରଦର୍ସନ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳଙ୍କ ଉଦେଶ୍ୟରେ ଲିଖିତ ଦାବୀପତ୍ର ବାମନଘାଟି ଉପଜିଲ୍ଲାପାଳ ଧର୍ମାନନ୍ଦ ବେହେରାଙ୍କୁ ପ୍ରଦାନ କରାଯାଇଥିବାର ଜଣାଯାଇଛି ।

## ଏଫଏମ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟରେ ଯୋଗଦାନ



ବାଲେଶ୍ୱର,୨୭/୦୭ (ନି.ପ୍ର): ଫକୀର ମୋହନ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ପ୍ରଫେସର ଡ.ସନ୍ତୋଷ କୁମାର ତ୍ରିପାଠୀ ଆଜି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ବେଳେ ନିଜ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମହଲରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ମୁନେଶ ଚନ୍ଦ୍ର ଅଧିକାରୀଙ୍କ ସମେତ ବିଶେଷ କରି ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀ ସଂଘର ଉପଦେଷ୍ଟା ସୁଶାନ୍ତ କୁମାର ଦାସ ଓ ଅନ୍ୟାମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସ୍ୱାଗତ କରିଥିଲେ। କୁଳପତି ଡ.ତ୍ରିପାଠୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଥିଲେ।

## ପାଣିଟାଙ୍କି ନିର୍ମାଣରେ ଅନିୟମିତତା ଅଭିଯୋଗ

### ଆରଡବ୍ଲ୍ୟୁଏସଏସ ନିର୍ବାହୀ ଯନ୍ତ୍ରୀଙ୍କୁ ମାସା ଆର୍ମୀ ପକ୍ଷରୁ ଦାବିପତ୍ର ପ୍ରଦାନ



ବାରିପଦା,୨୭/୦୭ (ନି.ପ୍ର): ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଓଡିଶା ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇ ବହୁ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ବେଳେ, ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଉଥିବା ପାଣିଟାଙ୍କି ଗୁଡିକ ସଠିକ ଉପାୟରେ ନିର୍ମାଣ ହେଉ ନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇ ଆସୁଛି । ନିକଟ ଅତିତରେ ବାରିପଦା ଆରଡବ୍ଲ୍ୟୁଏସଏସ କାର୍ଯ୍ୟାଳୟରେ ଲାଂଚ କାରବାର ଚାଲିଥିବାର ଏକ ଭିଡିଓ ମଧ୍ୟ ଭାଇରାଲ ହୋଇ ଥିଲା । ତେବେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକର କାଣିମହୁଲି ଗ୍ରାମପଂଚାୟତ ଅନ୍ତର୍ଗତ ବଡପୁଟୁକା ଗ୍ରାମରେ ନିର୍ମାଣ ଚାଲିଥିବା ଏକ ପାଣିଟାଂକି ବିଷୟରେ ଆଜି ଅଭିଯୋଗ ଆଣିଛି ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା ଆର୍ମୀ) । ଅଭିଯୋଗ ମୁତାବକ ଡ୍ରଇଂ ଡିଜାଇନ ଏପ୍ରୁଭ ହେବା ପୂର୍ବରୁ ନିର୍ମାଣ କାମ ଆରମ୍ଭ କରାଯାଇଥିବା ସହିତ, ନିର୍ମାଣ ବାବଦରେ କୌଣଷି ସୂଚନା ଫଳକ ଲଗାଯାଇ ନଥିବା ଏବଂ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବିବାଗୀୟ ଯନ୍ତ୍ରୀ କାର୍ଯ୍ୟସ୍ଥଳରେ ଉପସ୍ଥିତ ନରହିବା ଭଳି ଅଭିଯୋଗ ଆଣି ଏବାବଦରେ ଏକ ଦାବୀପତ୍ର ଆରଡବ୍ଲ୍ୟୁଏସଏସ ନିର୍ବାହୀ ଯନ୍ତ୍ରୀଙ୍କୁ ମାସା ଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ମୁକେଶ ମାରାଣ୍ଡି, ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ ପ୍ରମୁଖ ପ୍ରଦାନ କରିବା ସହିତ ଘଟଣାର ବିଧିବଦ୍ଧ ତଦନ୍ତ କରାନଗଲେ ଆଗାମୀ ଜୁଲାଇ ୩୦ ତାରିଖ ଦିନ ବାରିପଦା ଆରଡବ୍ଲ୍ୟୁଏସଏସ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ।

ବାଲେଶ୍ୱର ବୁଧବାର, ୨୮ ଜୁଲାଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଗୋଟିଏ ଦିନରେ ୧୬୨୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୬୨୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୭୦୮୧୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୪୭୩୮୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୭୭୪୬ ରହିଛି। ଆଜି ଚିହ୍ନଟ ହୋଇଥିବା ୧୬୨୯ ଜଣଙ୍କ ମଧ୍ୟରୁ ୯୩୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୯୦ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୫୩୨ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୯୩ ଜଣ, ବରଗଡ଼ରୁ ୧୧ ଜଣ, ଭଦ୍ରକରୁ ୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୧୬୦, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩୯ ଜଣ, ଗଜପତି ଜିଲ୍ଲାରୁ ୨, ଗଞ୍ଜାମରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୮୪ ଜଣ, ଯାଜପୁରରୁ ୮୪ ଜଣ, ଝାରସୁଗୁଡ଼ାରୁ ୦୫ ଜଣ, କଳାହାଣ୍ଡିରୁ ୫ ଜଣ, କନ୍ଧମାଳ ଜିଲ୍ଲାରୁ ୧୬ ଜଣ. କେନ୍ଦ୍ରାପଡ଼ାରୁ ୪୭ ଜଣ, କେନ୍ଦୁଝରରୁ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୩୨ ଜଣ, କୋରାପୁଟରୁ ୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ସିନାର୍ଜେଟା ଇଣ୍ଡିଆ ଓ ଆଗ୍ରୋ କ୍ଲିନିକ ପକ୍ଷରୁ ମୁଖ୍ୟ ଡାକ୍ତରଖାନାକୁ ସହାୟତା



ବାଲେଶ୍ୱର,୨୭/୦୭ (ନି.ପ୍ର): ଜିଲ୍ଲା କରୋନା ମୁକାବିଲାରେ ସହଯୋଗର ହାତ ବଢ଼ାଇଛି ସିନାର୍ଜେଟା ଇଣ୍ଡିଆ ପ୍ରାଇଭେଟ ଲିମିଟେଡ। ଏହି ପରିପ୍ରେକ୍ଷୀରେ କମ୍ପାନିର ବାଲେଶ୍ୱର ଜିଲା ଅଧିକୃତ ବିକ୍ରେତା 'ଆଗ୍ରୋ କ୍ଲିନିକ' ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଉନ୍ନତମାନର ୫୦ ଗୋଟି ଶଯ୍ୟା, ୫ଶହ ବିଶୋଧନ ବୋତଲ ଓ ହଜାରେ ତୁଣ୍ଡି ପ୍ରଦାନ କରାଯାଇଛି। ସିନାର୍ଜେଟା ଇଣ୍ଡିଆର ପ୍ରତିନିଧିଙ୍କ ସମେତ ଆଗ୍ରୋ କ୍ଲିନିକର କର୍ମକର୍ତ୍ତାମାନେ ଏହି ସାମଗ୍ରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ସେନ ଜଗଦେବଙ୍କୁ ପ୍ରଦାନ କରିଥିଲେ। ଏହି ସାମଗ୍ରୀ ପ୍ରଦାନ ବେଳେ କମ୍ପାନିର ଖଣ୍ଡ ପ୍ରବନ୍ଧକ ବିଜୟ ପଟ୍ଟନାୟକ, ଆଞ୍ଚଳିକ ପ୍ରବନ୍ଧକ ସୁଦୀପ୍ତ ମିତ୍ର, ଆଗ୍ରୋ କ୍ଲିନିକର ପରିଚାଳନା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସିଂ ଓ ସତ୍ତ୍ୱାଧିକାରୀ ରାଜକୁମାର ଉପସ୍ଥିତ ଥିଲେ। ପ୍ରତିଷ୍ଠାନ କର୍ମକର୍ତ୍ତାଙ୍କ ଏତାଦୃଶ କାର୍ଯ୍ୟକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଜଗଦେବ ଭୂୟସୀ ପ୍ରଶଂସା କରିଥିଲେ।

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ଭଦ୍ରକ,୨୭/୦୭ (ନି.ପ୍ର): ଧାମନଗର ଥାନା ଅନ୍ତର୍ଗତ ଚୁଡ଼ାକୁଟି ପଂଚାୟତର ତାମ୍ପଲା ଗ୍ରାମର ବାବାଜି ଚରଣ ଘୋଷ (୫୪)ଙ୍କ ବିଷଧର ସାପ କାମୁଡ଼ାରେ ମୃତ୍ୟୁ ବରଣ କରିଛନ୍ତି। ପ୍ରକାଶ ଥାଉକି ବାବାଜି ନିଜଘରେ ଧାନବସ୍ତା କାଢୁଥିବାବେଳେ ସେ ଧାନବସ୍ତା କଡ଼ରେ ତାଙ୍କୁ ଏକ ଗୋଖର ସାପ କାମୁଡ଼ିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ପରେ କଟକ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରକାଶ ଥାଉକି ୩ବର୍ଷ ତଳେ ତାଙ୍କ ପରିବାରର ଗଗନ ଘୋଷଙ୍କ ୧୮ବର୍ଷର ପୁଅ ସେହି ସ୍ଥାନରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ତେବେ ଏପରି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜଗନ୍ନାଥ ମନ୍ଦିର ଉନ୍ନତିକରଣ କାର୍ଯ୍ୟକୁ ନେଇ ସେବାୟତଙ୍କ ଅଭିଯୋଗ

## ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ



ବାରିପଦା,୨୭/୦୭ (ନି.ପ୍ର): ୨ୟ ଶ୍ରୀକ୍ଷେତ୍ର ଭାବରେ ପରିଚିତ ବାରିପଦାର ଆରାଧ୍ୟ ଶ୍ରୀଶ୍ରୀ ହରିବଳଦେବ ଜୀଉ ମହାପ୍ରଭୁ ବିଜେଙ୍କ ମନ୍ଦିରର ଉନ୍ନତି କରଣ ପାଇଁ ବହୁବାର ଦାବୀ ପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ମନ୍ଦିରର ଉନ୍ନତିକରଣ ପାଇଁ ୫ କୋଟି ଟଙ୍କାର ସହାୟତା ରାଶି ମିଳିଛି । ଏବେ ମନ୍ଦିରର ଉନ୍ନତି କରଣ ତଥା ସଜ୍ଜି କରଣ କାର୍ଯ୍ୟ ମଧ୍ୟ ଚାଲିଛି । ତେବେ ଏହି ଉନ୍ନତି କରଣ କାର୍ଯ୍ୟ ଭୁବନେଶ୍ୱର ଓବିସିସି ସଂସ୍ଥା ମାଧ୍ୟମରେ ଚାଲୁ ରହିଥିବା ବେଳେ, ମନ୍ଦିରର ସେବାୟତ ମାନେ ଆଜି ଜିଲ୍ଲାପାଳଙ୍କୁ ଭେଟି ମନ୍ଦିର ଉନ୍ନତିକରଣ କାମ ସଠିକ ଢଙ୍ଗରେ ହେଉ ନଥିବା ବାବଦରେ ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରିଛନ୍ତି। ସେବାୟତ ମାନଙ୍କ ଅଭିଯୋଗ ମୁତାବକ ମନ୍ଦିରର ଭଲ ସ୍ଥାନ ତଥା ନିର୍ମାଣ ଗୁଡିକୁ ଭାଙ୍ଗି ନଷ୍ଟ କରାଯାଉଥିବା ବେଳେ, ଯାହା ଆବଶ୍ୟକତା ଅଛି ତାହା କରାଯାଉ ନାହିଁ । ରୋଷଘର ନିର୍ମାଣ ଠିକ ଭାବରେ ହୋଇ ନଥିବାରୁ ସେବାୟତ ମାନଙ୍କୁ ହଇରାଣ ହେବାକୁ ପଡୁଛି । ସେହିପରି ମନ୍ଦିର ପାହାଚ, ନାଟ ମନ୍ଦିର ଆଦି ସ୍ଥାନରେ ଖଣ୍ଡଲାଇଟ ଟାଇଲ ଲଗାନଯାଇ ଗ୍ରାନାଇଟ ଲଗାଯିବା ଫଳରେ ପାଣିପଡି ସହଜରେ ଖସଡା ହୋଇ ଯାଉଥିବାରୁ ବିଭିନ୍ନ ସମୟରେ ସେବାୟତ ମାନେ ପାଦ ଖସାଇ ପଡିଯାଇ ଆହତ ହେଉଛନ୍ତି ଏବଂ ଆଗାମୀ ଦିନରେ ମନ୍ଦିର ସମ୍ପୂର୍ଣ୍ଣ ଖୋଲା ଗଲେ ଭକ୍ତମାନେ ମଧ୍ୟ ପଡି ଆହତ ହେବେ । ମନ୍ଦିର ବେଢା ଭିତରେ ପୂର୍ବରୁ ରହିଥିବା ମାଙ୍କଡା ପଥରକୁ ନଉଠାଇ ତା ଉପରେ ଖଣ୍ଡଲାଇଟ ମାର୍ବଲ ଲଗାଯାଉଛି । ଏଣୁ ଚାଲିଥିବା ମନ୍ଦିର ଉନ୍ନତିକରଣ କାର୍ଯ୍ୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଠିକ ଭାବରେ ନିର୍ମାଣ କରାଯିବାକୁ ଦାବୀ କରିଛନ୍ତି ସେବାୟତ ମାନେ । ତେବେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିବା ପରେ ଜିଲ୍ଲାପାଳ ନିଜେ କ୍ଷେତ୍ର ପରିଦର୍ଶନ କରିବେ ବୋଲି ସେବାୟତ ମାନଙ୍କୁ ପ୍ରତିଶୃତି ଦେଇ ଥିବାର କହିଛନ୍ତି ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ଥିବା ଅରୁଣ କୁମାର ମିଶ୍ର, କାମେଶ୍ୱର ତ୍ରିପାଠୀ, ସୁରେଶ ଚନ୍ଦ୍ର ମିଶ୍ର, ପ୍ରଦୀପ କୁମାର ପଣ୍ଡା, ମହେଶ୍ୱର ଦ୍ୱିବେଦୀ, ରବିନାରାୟଣ ଦ୍ୱିବେଦୀ, ଚଣ୍ଡି ପ୍ରସାଦ ଦାଶ ପ୍ରମୁଖ ବହୁ ସେବାୟତ ।

## ଭୁବନେଶ୍ୱରରେ ଯାତାୟାତ ଅଧିକ ରହୁଥିବାରୁ ରହୁଛି ଅଧିକ ସଂକ୍ରମଣ : ଡିଏମଇଟି

ଭୁବନେଶ୍ୱର,୨୭/୦୭ (ନି.ପ୍ର): ଭୁବନେଶ୍ୱରରେ ଯାତାୟାତ ଅଧିକ ରହୁଥିବାରୁ ଏଠାରେ ଅଧିକ ସଂକ୍ରମଣ ରହୁଛି । ତେଣୁ ଭୁବନେଶ୍ୱରରେ ଆମେ ସର୍ଭିଲାନ୍ସ ବଢ଼େଇଛୁ। ଆଶା କରିବା ଆଗକୁ ଏଠି ବି କମିବ। ଡିଏମଇଟି ସିବିକେ ମହାନ୍ତି ଏହା କହିଛନ୍ତି। ସେ କହିଛନ୍ତି ଯେ ସାରା ରାଜ୍ୟରେ ସଂକ୍ରମଣ ତଳ ଉପର ହେଉଛି, ଯେଉଁଠି ଅଧିକ ରହୁଛି ସେଠି ଆମେ ଅଧିକ ଫୋକସ୍ ଦେଇ କମେଇବାକୁ ଚେଷ୍ଟା କରୁଛୁ । ଡିଏମଇଟି ଆହୁରି ମଧ କହିଛନ୍ତି, ଆବଶ୍ୟକ ପଡ଼ିଲେ ସମ୍ପୂର୍ଣ୍ଣ ଅନଲକ୍ ହେବ। ଯଦି ସେମିତି ଆବଶ୍ୟକ ନ ହୁଏ ତେବେ ଅନଲକ ହେବ ନାହିଁ। ପରିସ୍ଥିତିକୁ ଆକଳନ କରି ନିଷ୍ପତି ନିଆଯିବ ତରବରିଆ ନିଷ୍ପତି ନେଲେ ଆମ ପାଇଁ ବିପଦ ସୃଷ୍ଟି ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଦେଶରେ ଯଦି କେଉଁଠି ସଂକ୍ରମଣ ବଢୁଛି ତେବେ ଏହା ତୃତୀୟ ଲହର ଲକ୍ଷଣ ବୋଲି ଧରାଯିବ। କାରଣ ପ୍ରତି ପାଣ୍ଡେମିକରେ ଏମିତି ଦେଖାଯାଇଛି। ସେ ଆହୁରି କହିଛନ୍ତି ଯେ ସୁନ୍ଦରଗଡରେ ଦ୍ୱିତୀୟ ଏମ୍ସର ନିର୍ମାଣକାମ ଶେଷ ହୋଇଛି । ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି ତେଣୁ ପଛେଇବାର ପ୍ରଶ୍ନ ନାହିଁ। ରାଜ୍ୟ ସରକାର ଜମି ଓ ଅର୍ଥ ବି ଯୋଗାଇ ଦେବାକୁ ରାଜି ଅଛନ୍ତି। ମାତ୍ର ଆମେ କେନ୍ଦ୍ର ସରକାରଙ୍କ ନିଷ୍ପତିକୁ ଅପେକ୍ଷା କରିଛୁ। ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ହେଲେ ପଶ୍ଚିମ ଓଡ଼ିଶାର ଆଦିବାସୀ ବହୁଳ ଲୋକ ଅଧିକ ଉପକୃତ ହେବେ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକରେ ଥିବା ଐତିହ୍ୟ ଘୋଡ଼ାର ପ୍ରତିମୂର୍ତ୍ତିକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ରାଜ୍ୟ ସଂସ୍କୃତି ବିଭାଗର ଷ୍ଟାଚ୍ୟୁ କମିଟିର ଅନୁମୋଦନ ପରେ ବିବାଦ ସୃଷ୍ଟି ହୋଇଥିଲା। ଏହି ଘୋଡ଼ା ରାଜଧାନୀର ଅସ୍ମିତା ସହିତ ଯୋଡ଼ି ହୋଇଥିବାରୁ ବିଭିନ୍ନ ରାଜନୈତିକ ଦଳ ସହିତ ସାଂସ୍କୃତିକ ଅନୁଷ୍ଠାନ ଓ ସଂସ୍କୃତିରେ ରୁଚି ରଖୁଥିବା ବ୍ୟକ୍ତିମାନେ ଏହାକୁ ବିରୋଧ କରିଥିଲେ। ଲୋକମତକୁ ସମ୍ମାନ ଦେଇ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିଥିଲେ ଓ ଓଡ଼ିଶାର ଅସ୍ମିତା ସହିତ ଖେଳାଯାଇ ପାରିବ ନାହିଁ ବୋଲି କହି ଐତିହ୍ୟ ଘୋଡ଼ାର ପ୍ରତିମୂର୍ତ୍ତି ଯେଉଁ ସ୍ଥାନରେ ଅଛି ସେଇଠି ରହିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତି ନେଇ ଓଡ଼ିଶାର ଅସ୍ମିତାକୁ ସମ୍ମାନ ଦେବା ସହିତ ସାଧାରଣ ଜନତାଙ୍କର ବିଚାରକୁ ମଧ ସମ୍ମାନ ଜଣାଇଛନ୍ତି ବୋଲି ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି।

# ସଞ୍ଜିତା ସେନାପତି ଜଳେଶ୍ୱର ବ୍ଲକ ମହିଳା ବିଜେଡି ସଭାପତି ନିଯୁକ୍ତ



ଜଳେଶ୍ୱର, ୨୭/୭(ନିପ୍ର) : ବିଜେଡି ଦଳକୁ ସୁଦୃଢ଼ କରିବାପାଇଁ ବିଭିନ୍ନ ସ୍ତରରେ ପ୍ରୟାସ ଜାରି ରହିଛି । ଆଜି ମଂଗଳବାର ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକ ଓ ପୌରାଳିକା ଗୁଡିକରେ ମହିଳା ସଭାପତିଙ୍କର ନାମ ତାଲିକାକୁ ରାଜ୍ୟ ସଭାପତି ସ୍ନେହାଙ୍ଗିନୀ ଛୁରିଆ ଘୋଷଣା କରିଛନ୍ତି । ଏଥିଯୋଗୁଁ ଜଳେଶ୍ୱର ବ୍ଲକର ମହିଳା ସଭାନେତ୍ରୀ ଭାବେ ସଞ୍ଜିତା ସେନାପତିଙ୍କ ନାମ ପ୍ରକାଶ ପାଇଛି । ସେହିପରି ପୌରପାଳିକାର ସଭାନେତ୍ରୀଭାବେ ଗୀତାଞ୍ଜଳି ସାମନ୍ତଙ୍କ ନାମ ପ୍ରକାଶ ପାଇଛି । ବ୍ଲକ ସଭାପତିଭାବେ ସଞ୍ଜିତା ସେନାପତି ଜଣେ ଅଭିଜ୍ଞ, ଟାଣୁଆ, ସଂଗଠନପ୍ରେମୀ, ମିଷ୍ଟଭାଷୀ ମହିଳାଭାବେ ପରିଚିତ । ସେ ୨୦୧୨ରୁ ୨୦୧୭ ମସିହାଯାଏ ପାଇକସିଦା ପଂଚାୟତର ସରପଂଚଭାବେ କାର୍ଯ୍ୟ ତୁଲାଉଥିବା ବେଳେ ପାଇକସୀଦା-ଖଳାବାଡିଆ ରାସ୍ତା, ଗୋବରାଖାଳ ଉପରେ ବିଜୁ ସେତୁ ଇତ୍ୟାଦି ନିର୍ମାଣରେ ବିଧାୟକଙ୍କୁ ପରାମର୍ଶ ଦେଇ ସଫଳତା ପାଇଥିଲେ । ଏବେ ସେ ରାୟାଁରାମଚନ୍ଦ୍ରପୁର ପଂଚାୟତର ସମିତି ସଦସ୍ୟଭାବେ କାର୍ଯ୍ୟ କରୁଛନ୍ତି । ଆଜି ତାଙ୍କ ନାମ ସଭାପତିଭାବେ ଘୋଷଣା ହୋଇଥିବାରୁ ସେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ଜିଲା ସଭାପତି ଇଂ ରବିନ୍ଦ୍ର ଜେନା, ବିଧାୟକ ଅଶ୍ୱିନୀ ପାତ୍ର, ଜିଲା ମହିଳା ସଭାପତି ବିନ୍ଦୁବାଳା ନନ୍ଦିଙ୍କୁ କୃତଜ୍ଞତା ଜଣାଇଛନ୍ତି । ଜଳେଶ୍ୱର ମହିଳାଙ୍କ ବିକାଶଲାଗି ସେ ଚେଷ୍ଟିତ ରହିବେ ବୋଲି ଆଜି ବିଭିନ୍ନ ପ୍ରଶ୍ନର ଉତ୍ତରରେ କହିଛନ୍ତି । ତାଙ୍କ ସ୍ୱାମୀ ମଧୁସୂଦନ ସେନାପତି ୧୯୯୨ରୁ ୨୦୦୦ ଯାଏ ସରପଂଚ ଥିବା ବେଳେ ଏବେ ନିର୍ବାଚନମଣ୍ଡଳୀ ସ୍ତରୀୟ ସଂଯୋଜକ ଅଛନ୍ତି । ସେ ରାଜ୍ୟ ପରିଷଦ ସଦସ୍ୟ ପ୍ରତୀପ ପ୍ରଧାନ, ବ୍ଲକ ସଭାପତି ଭୂପତି ମିର୍ଦ୍ଧା, ଟାଉନ୍ ସଭାପତି ଶଂକର ଘୋଷ, ବିଜେଡି ନେତା ମାନସ ଜେନା, ଦିଲ୍ଲିପ ସାମଲ, ବ୍ରିଜେଶ ରଣା, ଅଜୟ ମହାନ୍ତି, ଗଂଗାଧର ଦାସ, କାଳିଚରଣ ଦାସ, ରାସବିହାରୀ ରଣା, ଚନ୍ଦନ କରଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି । ତାଙ୍କ ନିଯୁକ୍ତି ଜଣାଯିବାପରେ ଜଳେଶ୍ୱର ବ୍ଲକର ଆନନ୍ଦ ପ୍ରକାଶ ପାଇଛି ।

# ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

## ମହ ମହ ହୋଇ ଉତ୍ସବ ସ୍ଥଳରୁ ବାସିଉଠୁଥିଲା ପଞ୍ଚାୟତ ନିର୍ବାଚନର ବାସନା



ଉଦଳା,୨୭/୦୭ (ନି.ପ୍ର): ଆଗକୁ ଆସୁଛି ପଞ୍ଚାୟତ ଓ ପୌର ନିର୍ବାଚନ । ସେଥିପାଇଁ ବିଭିନ୍ନ ରାଜନୈତିକ ଦଳ ମାନଙ୍କ ତରଫରୁ ସଜବାଜ ଆରମ୍ଭ ହୋଇଯାଇଥିବା ବେଳେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ମଧ ଏଥିରେ ପଛରେ ପଡ଼ି ନାହିଁ । ଏହି ଅବସରରେ ଚଳିତ ଜୁଲାଇ ୨୬ ତାରିଖ ସୋମବାର ଦିନ ଉଦଳା ଠାରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁଏକ ସ୍ୱାଗତ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ କେନ୍ଦ୍ରୀୟ କମିଟି ଦ୍ୱାରା ଓଡ଼ିଶା ରାଜ୍ୟ ପାଇଁ ନୂତନ କମିଟି ଘୋଷଣା କରାଯାଇଥିଲା । ଏଥିରେ ରାଜ୍ୟ ସଭାପତି ଭାବରେ ଅଞ୍ଜନି ସୋରେନ, ଉପସଭାପତି ମହେଶ ହେମ୍ବ୍ରମ, ସାଧାରଣ ସଂପାଦକ ପୂର୍ବତନ ଲୋକସଭା ସଦସ୍ୟ ରାମଚନ୍ଦ୍ର ହାଁସଦାଃ, କୋଷାଧକ୍ଷ ଭାବରେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ସର୍ବସମ୍ମତି କ୍ରମେ ମନୋନିତ ହେଲେ । ଏହାପରେ ଆରମ୍ଭ ହୋଇଥିଲା ସ୍ୱାଗତ ସମ୍ବର୍ଦ୍ଧନା ପର୍ବ । ଅନ୍ୟାନ୍ୟ ଦଳ ମାନଙ୍କରୁ ଆସି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ରାଜ୍ୟ ସଭାପତି ଅଞ୍ଜନି ସୋରେନ ଫୁଲତଡ଼ା ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ଦଳର ବରିଷ୍ଠ ନେତା ଚକ୍ରଧର ସିଂଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଯେପରି ଭଲ ପ୍ରଦର୍ଶନ କରିବ ସେ ବିଷୟରେ ସମସ୍ତେ ନିଜ ନିଜର ମତା ମତ ଉପସ୍ଥାପନ କରିଥିଲେ । ଶେଷରେ ଶିରିଶ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରଭୁଦାନ ମାରାଣ୍ଡି ଓ ସୁନ୍ଦର ମୋହନ ସିଂ ସହଯୋଗ କରିଥିଲେ ।

# ମହମ୍ମଦ ସିକନ୍ଦର ଆଲମଙ୍କ ୮୨ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୭/୦୭ (ନି.ପ୍ର): ବିଶିଷ୍ଟ କଣ୍ଠଶିଳ୍ପୀ, ସଙ୍ଗୀତ ଜଗତର ଅମ୍ଳାନ ପ୍ରତିଭା ମହମ୍ମଦ ସିକନ୍ଦର ଆଲମଙ୍କ ୮୨ତମ ଜୟନ୍ତୀ ରବୀନ୍ଦ୍ର ମଣ୍ଡପସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆୟୁକ୍ତ ତଥା ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଲେଲିନ ମହାନ୍ତି, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପ୍ରବୀର ମହାନ୍ତି, ରବି ନାରାୟଣ ନନ୍ଦ, ସ୍ୱର୍ଗତ ଆଲମଙ୍କ ଧର୍ମପତ୍ନୀ ନଇମା ଆଲମ, କନ୍ୟା ନାଜିଆ ଆଲମ, କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ମିଳନ ପାଇକରାୟ,ଭିକାରୀ ସାହୁ ଓ ନଗେନ ନାୟକ ଉପସ୍ଥିତ ହୋଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଦୀପଦାନ ପୂର୍ବକ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ରଙ୍କୁ ମହମ୍ମଦ ସିକନ୍ଦର ଆଲମଙ୍କ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରିଶେଷରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକକୁ ଧକ୍କା ଦେଇ ଅଜଣା ଟ୍ରକ ଫେରାର : ଜଣେ ମୃତ, ଜଣେ ଗୁରୁତର



ବାରିପଦା / ବିଶୋଇ,୨୭/୦୭ (ନି.ପ୍ର): ମୟୂରଭଂଜ ଜିଲ୍ଲା ର ଜାତୀୟ ରାଜପଥ ୪୯ ନମ୍ବର ବିଶୋଇ-ଦୁଆରଶୁଣୀ ଘାଟୀ ରାସ୍ତା ପାଲଟିଛି ଏବେ ମରଣଯନ୍ତା। ସୂଚନା ଯୋଗ୍ୟ ସୋମବାର ଅପରାହ୍ନ ୨ଟା ୧୫ ମିନିଟ ପାଖାପାଖି ସମୟରେ ବିଶୋଇ ଥାନା ଅନ୍ତର୍ଗତ ଜାତିୟ ରାଜପଥ ଖଡମବେଡା ଶୂନଶାନ ରାସ୍ତାରେ ଏକ ବାଇକକୁ ପଛରୁ ଧକ୍କା ଦେଇ ଅଜଣା ଟ୍ରକଟି ଦୃତଗତିରେ ଖସି ପଳାଇଥିଲା । ଘଟଣାସ୍ଥଳରେ ବାଇକ ଆରୋହୀ ଦୁଇ ଭାଇ ମଧ୍ୟରୁ ବଡଭାଇ ଯିଏକି ପଛରେ ବସିଥିଲା ସାଉନା ମାରାଣ୍ଡି(୨୯) ବାଇକରୁ ଖସିପଡି ଘଟଣାସ୍ଥଳରେ ମୃତୁବରଣ କରିଥିବା ବେଳେ ସାନଭାଇ ପତନ ମାର୍ଣ୍ଡି(୨୭) ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କର ଘର ବିଶୋଇ ଥାନା ଅନ୍ତର୍ଗତ ବିଶୋଇର ମାଝିସାହି ବୋଲି ଜଣାଯାଇଛି । ସେମାନେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ମାମୁଁଘର କୁମ୍ଭିରମୁଣ୍ଡି ଗାଁରେ ରୁହନ୍ତି । ଆଜି ବିଶୋଇ ପଂଚାୟତ ଅଫିସରୁ ବିପିଏଲ ଚାଉଳ ନେଇ ମାମୁଁ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଂଚି ୧୦୮ ଆମ୍ବୁଲାନ୍ସରେ ରାଇରଙ୍ଗପୁର ହସ୍ପିଟାଲକୁ ପଠାଇଛି । ସୂଚନାଯୋଗ୍ୟ ଯେ ୪୯ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ ଏଲଏଣ୍ଡ ଟି କମ୍ପାନୀ କରୁଛି । ହେଲେ ଡାକଚଟିରୁ -ଖଡମବେଡା ରାସ୍ତା ସଂପ୍ରସାରଣ କାର୍ଯ୍ୟ ଧୀମା ଗତିରେ ଚାଲିଛି। ଯାହାଫଳରେ ବାରମ୍ବାର ଦୁର୍ଘଟଣା ମାନ ଘଟୁଛି । ପ୍ରଶାସନ ଏହାକୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି । ମୃତ ପରିବାରକୁ କ୍ଷତିପୂରଣ ଦେବାପାଇଁ ସ୍ଥାନୀୟ ଜନ ସାଧାରଣରେ ଦାବି ହେଉଛି।

# ନୂଆ ଉଦ୍ଦୀପନାରେ ବିଦ୍ୟାଳୟକୁ ଆସିଲେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ



ବାରିପଦା,୨୭/୦୭ (ନି.ପ୍ର): ପାଖାପାଖି ଦେଢବର୍ଷର ବ୍ୟବଧାନପରେ ଆଜି ଦଶମ ଓ ଏକାଦଶ ଶ୍ରେଣୀ ପିଲାଙ୍କ ପାଇଁ ବିଦ୍ୟାଳୟ ଖୋଲିଥିବାରୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ନୂଆ ଆଶା ଓ ଉଦ୍ଦିପନାର ସହିତ ବିଦ୍ୟାଳୟକୁ ପାଠ ପଢିବାକୁ ଆସିଥିବାର ଦେଖାଯାଇଛି । ଜିଲ୍ଲାରେ ଥିବା ୬୧୦ଟି ମାଧ୍ୟମିକ ବିଦ୍ୟାଳୟରେ ଥିବା ୩୯,୩୨୦ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଗାଇଡଲାଇନ ଭିତରେ ବିଦ୍ୟାଳୟକୁ ଆସି ପାଠପଢ଼ିବାର ସୁଯୋଗ ପ୍ରଦାନ କରାଯାଇ ଥିବାର ଜଣାଯାଇଛି । ପାଠପଢା ସମୟରେ କୋଭିଡ଼ ଗାଇଡ଼ ଲାଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଇଥିବା, ଏପରିକି ମାସ୍କ ପରିଧାନ, ସାନିଟାଇଜେସନ, ସାମାଜିକ ଦୂରତା ରକ୍ଷା, ଦିଗରେ ବିଦ୍ୟାଳୟ କର୍ତୃପକ୍ଷ ମାନଙ୍କ ପକ୍ଷରୁ ଧ୍ୟାନ ଦିଆ ଯାଇଥିବାର ଜଣାଯାଇଛି । ଅନେକ ବିଦ୍ୟାଳୟରେ ପିଲାଙ୍କୁ ଗେଟରେ ତାପମାପକ ଯନ୍ତ୍ରରେ ଶରୀରର ତାପମାତ୍ରା ଯାଂଚ କରାଯାଇ ପିଲାଙ୍କୁ ସ୍କୁଲ ଭିତରକୁ ଛଡା ଯାଇଥିବାର ଦେଖାଯାଇଛି । ତେବେ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରୀ କରାଯାଇଥିବା ଷ୍ଟାଣ୍ଡାର୍ଡ଼ ଅପରେଟିଂ ପ୍ରୋସିଜିଓର ମୁତାବକ ବିଦ୍ୟାଳୟକୁ ଆସିବାକୁ କୌଣସି ଛାତ୍ରଛାତ୍ରୀଙ୍କୁ ବାଧ କରାଯାଇ ନାହିଁ ଏବଂ ଅଭିଭାବକ ମାନଙ୍କର ସମ୍ମତିପତ୍ର ମଧ୍ୟ ନିଆ ଯାଇଥିବାର ଜଣାଯାଇଛି। ଯେଉଁ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟକୁ ଆସି ପାଠ ପଢିବାକୁ ଚାହୁଁ ନାହାନ୍ତି ସେମାନଙ୍କ ପାଇଁ ଅନଲାଇନରେ ପୂର୍ବ ପରି ପାଠପଢ଼ିବାର ବ୍ୟବସ୍ଥା କରାଯାଇଛି। ଅଫଲାଇନରେ ସକାଳ ୧୦ରୁ ମଧ୍ୟାହ୍ନ ୧ ପର୍ଯ୍ୟନ୍ତ ପାଠପଢ଼ା ହୋଇଥିବା ବେଳେ, ଅନଲାଇନ କ୍ଲାସ ପୂର୍ବଭଳି ଜାରି ରହିଛି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ ସୂଚନା ଦେଇଛନ୍ତି। ସମସ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ବିଦ୍ୟାଳୟକୁ ନିୟମିତ ଭାବେ ଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ, ବର୍ତ୍ତମାନ କେବଳ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଆସୁଥିବାରୁ ପ୍ରତ୍ୟେକ କୋଠରୀରେ ସବୁଠୁ ବେଶୀରେ ୨୦ରୁ ୨୫ଜଣ ଛାତ୍ରଛାତ୍ରୀ ବସି ପାଠ ପଢିବାର ସୁବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ କ୍ଲାସ ଶେଷ ହେବା ପରେ ଛାତ୍ରୀଙ୍କ ହାତକୁ ସାନିଟାଇଜ କରାଯିବାର ମଧ ବ୍ୟବସ୍ଥା ରହିଛି। ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଧକ୍ଷତାରେ ଏକ ଚାରିଜଣିଆ ଟିମ ଗଠନ କରାଯାଇଛି। ପ୍ରତି ବିଇଓ ଏହି କମିଟିରେ ଜଣେ ଜଣେ ସଭ୍ୟ ଅଛନ୍ତି। ସେହିପରି ସ୍କୁଲ ସ୍ତରରେ ଅଭିଭାବକ ଏବଂ ପ୍ରଧାନ ଶିକ୍ଷକଙ୍କୁ ନେଇ ଏକ ସମନ୍ୱୟ କମିଟି ମଧ୍ୟ ଗଠନ ହୋଇଥିବା ଜଣାପଡିଛି। ଏହି ଟିମ କୋଭିଡ ସମୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଉପରେ ଧ୍ୟାନ ଦେବ ବୋଲି ଜଣା ଯାଇଛି। ତେବେ ଦୀର୍ଘଦିନ ପରେ ସ୍କୁଲ ଖୋଲିଥିବାରୁ ବିଦ୍ୟାଳୟକୁ ଆସିଥିବା ପିଲାମାନେ ବେଶ ଉତ୍ସାହିତ ଥିବାର ଦେଖାଯାଇଛି ।

❑ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❑ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❑ Managing & Executive Editor : Srustidhar Parida
❑ Editor: Sairindhree Sahoo